

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୪ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 14 November 2024
Vol.No. 35 ■ No.302 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା ପୂଜା ସଂଖ୍ୟା...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଝାଡ଼ଖଣ୍ଡରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଶେଷ

### ୱାୟନାଡ ଲୋକସଭା ଆସନରୁ ପ୍ରିୟଙ୍କା ଗାନ୍ଧୀଙ୍କ ପଲିଟିକାଲ ଡେବ୍ୟୁ

ନୂଆଦିଲ୍ଲୀ, ୧୩/୧୧ : ଝାଡ଼ଖଣ୍ଡରେ ପ୍ରଥମ ପର୍ଯ୍ୟାୟ ଭୋଟ୍। ପୂର୍ବ ଜାମସେଦପୁରୁ ଓଡ଼ିଶା ରାଜ୍ୟପାଳଙ୍କ ବୋହୂ ପୂର୍ଣ୍ଣିମା ଦାସ ବନାମ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାରଙ୍କ ଟକ୍କର । କନକ ବ୍ୟୁରୋ: ଝାଡଖଣ୍ଡ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଆଦିବାସୀ ଭୋଟ ଉପରେ ଅଧିକ ଗୁରୁତ୍ୱ ରହିଛି । ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ମୋଟ ୨୮ଟି ଆସନରୁ ଆଜି ୨୦ ଆସନରେ ମତଦାନ ହୋଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ୍, ଓଡ଼ିଶାର ରାଜ୍ୟପାଳଙ୍କ ବୋହୂ ପୂର୍ଣ୍ଣିମା ଦାସ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର, ରାଜ୍ୟସଭା ସାଂସଦ ମହୁଆ ମାଝୀଙ୍କ ଭଳି ହେଭିୱେଟ ନେତାଙ୍କ ଭାଗ୍ୟ ପରୀକ୍ଷା ହେବାର ଅଛି । ପ୍ରଥମ ପର୍ଯ୍ୟାୟର ମୋଟ ୪୩ ଆସନରୁ ବିଶେଷକରି ୬ଟି ଆସନରେ କଡା ଟକ୍କର ହେବ ବୋଲି କୁହାଯାଉଛି ।



ଝାଡଖଣ୍ଡର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ଆଦିବାସୀ ଭୋଟ ଉପରେ ସବୁ ରାଜନୈତିକ ଦଳଙ୍କ ନଜର ରହିଛି । କାରଣ ମୋଟ ୮୧ ଆସନରୁ ଅନୁସୂଚିତ ଜନଜାତି ପାଇଁ ୨୮ଟି ଆସନ ସଂରକ୍ଷିତ ଅଛି । ସେଥିରୁ ପ୍ରଥମ ପର୍ଯ୍ୟାୟରେ ୨୦ଟିରେ ମତଦାନ ଅନୁଷ୍ଠିତ ହୋଇଛି । ୨୦୧୯ରେ ୨୮ଟି ଏସଟି ଆସନରୁ ମାତ୍ର ୨ଟିରେ ବିଜୟୀ ହୋଇଥିଲା ବିଜେପି । କିନ୍ତୁ ଏଥର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଏଏମ ନେତା ଚମ୍ପାଇ ସୋରେନ ଜେଏମଏମ ପାଇଁ କଣ୍ଟା ସାଜିପାରନ୍ତି। ପ୍ରଥମ ପର୍ଯ୍ୟାୟରେ ଚମ୍ପାଇଙ୍କ ସମେତ ଅନେକ ହେଭିୱେଟ୍ ନେତା ମଇଦାନରେ ଅଛନ୍ତି । ବିଶେଷକରି ଶରେଇକଳା, ରାଞ୍ଚି, ପୂର୍ବ ଜାମସେଦପୁର, ପଶ୍ଚିମ ଜାମସେଦପୁର, ଜଗନ୍ନାଥପୁର, ଚକ୍ରଧରପୁର ଆସନରେ ବିଜେପି ଏବଂ ଜେଏମ୍ଏମ୍ ମଧ୍ୟରେ କଡା ଟକ୍କର ହେବ ବୋଲି କୁହାଯାଉଛି । ଏଥର ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ଏବଂ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପାଇଁ ଏହି ନିର୍ବାଚନ ବହୁ ଗୁରୁତ୍ୱ ବହନ କରୁଛି । ଜମି ଦୁର୍ନୀତି ମାମଲାରେ ଇଡି ଦ୍ୱାରା ଗିରଫ ହୋଇ କିଛି ମାସ ତଳେ ଜେଲ ଯାଇଥିଲେ ହେମନ୍ତ ସୋରେନ।

▶▶ପୃଷ୍ଠା ୭

## ପୁଲିସ ଏସ୍ଆଇ ମାନଙ୍କ ପାଇଁ ଖୁସି ଖବର: କୋହଳ ହେଲା ନିୟମ

ଭୁବନେଶ୍ୱର, ୧୩/୧୧ (ନି.ପ୍ର):କୋହଳ ହେଲା ନିୟମ। ୭ ବର୍ଷ ପରେ ଜଣେ ସବ୍-ଇନ୍ସପେକ୍ଟର (ଏସ୍ଆଇ) ହୋଇପାରିବେ ଇନ୍ସପେକ୍ଟର। ଚଳିତ ବର୍ଷ ପାଇଁ ଏସ୍ଆଇମାନଙ୍କ ପଦୋନ୍ନତିକୁ ୧୦ ବର୍ଷରୁ ୭ ବର୍ଷକୁ ଖସାଇଛନ୍ତି ରାଜ୍ୟ ସରକାର। ଏନେଇ ଆଜି ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି। ଏସ୍ଆଇମାନଙ୍କ ପଦୋନ୍ନତି ନେଇ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଭଲ ଭାବେ ସମୀକ୍ଷା କରିବା ପରେ ରାଜ୍ୟ ସରକାର ଓଡ଼ିଶା ପୁଲିସ ମାନୁଆଲ ରୁଲ୍‌ରେ ଥିବା ନିୟମ ଅନୁଯାୟୀ ଚଳିତ ବର୍ଷ ପାଇଁ ଏସ୍ଆଇରୁ ଇନ୍ସପେକ୍ଟର ରାଙ୍କକୁ ପଦୋନ୍ନତି ପାଇଁ ମାନଦଣ୍ଡକୁ କୋହଳ କରିଛନ୍ତି।

## ଜାନୁଆରିରେ ହିତାଧିକାରୀମାନଙ୍କୁ ମିଳିବ ନୂଆ ରାସନ କାର୍ଡ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୧୩/୧୧ (ନି.ପ୍ର): ଜାନୁଆରିରେ ନୂଆ ରାସନ କାର୍ଡ ଦିଆଯିବ। ଏନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ସେ କହିଛନ୍ତି, ଚଳିତ ମାସରେ ଇ-କେୱାଇସି ଯାଞ୍ଚ ସରିବ। ଗତ ଜୁଲାଇ ମାସରୁ ଆରମ୍ଭ ହୋଇଥିବା ଇ-କେୱାଇସି ଯାଞ୍ଚ ନଭେମ୍ବରରେ ସରିବ। ୧୬ ଲକ୍ଷରୁ ଅଧିକ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। ଇ-କେୱାଇସି ପ୍ରକ୍ରିୟା ଜାରି ରହିଥିବା ବେଳେ ଆଉ କିଛି ଦିନ ପରେ ଏହା ଶେଷ ହେବ। ପ୍ରକ୍ରିୟା ଶେଷ ହେଲା ପରେ ରାଜ୍ୟରେ କେତେ ଜଣ ଲୋକ ରାସନକାର୍ଡରେ ସାମିଲ ହୋଇଛନ୍ତି, ଏହାର ତାଲିକା ପ୍ରସ୍ତୁତ ହେବ। ଇ-କେୱାଇସି ଯାଞ୍ଚ ସରିବା ପରେ ହିତାଧିକାରୀମାନଙ୍କୁ ଜାନୁଆରୀରେ ମିଳିବ ନୂଆ ରାସନ କାର୍ଡ।

## ତେଜିଲା ସିନେ ଇଣ୍ଡଷ୍ଟ୍ରି କଳି



ଭୁବନେଶ୍ୱର, ୧୩/୧୧ (ନି.ପ୍ର): ଯେଉଁମାନେ ସିନେମା ତିଆରି କରୁଛନ୍ତି ଏଥିପାଇଁ ସେମାନେ ଦାୟୀ । ଯୁବପୀଢିଙ୍କ ପାଇଁ ଓଲିଉଡକୁ ଅପଡେଟ୍ ହେବାକୁ ପଡିବ । ଗୋଟିଏ ଭଲ ସିନେମା ଦମନ ଓ କର୍ମ ଭଳି ହେବା ଦରକାର ଯାହା ବ୍ୟବସାୟ କରିବ । ଯିଏ ଓଡ଼ିଆ ସିନେମାକୁ ଖରାପ କରିବ ମୁଁ କହିବି । ଯିଏ ସିନେମାର ଶତ୍ରୁ ସେ ମୋର ବି ଶତ୍ରୁ । ଯେଉଁମାନେ ସାଇବର ସେଲ୍ ଯାଇଥିଲେ ସେମାନେ ଭଲ ସିନେମା କରିନାହାନ୍ତି । ଜ୍ୟୋତି ଦାସ ଫିଲ୍ମ ଗୁଡ ବୟର ନିର୍ଦ୍ଦେଶକ। ସେ ଆଜି ପ୍ରଡ୍ୟୁସରଙ୍କୁ ଦେଖିଲେ ଲୁଚୁଛନ୍ତି। ତାପସ ସରଗରିଆ କହିଲେ ମନୋଜ ସବୁ ଜାଣିଛି । ଏଥିସହ ପ୍ରଡ୍ୟୁସର ତଥା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କୁ ଟାର୍ଗେଟ କରିଛନ୍ତି ମନୋଜ ମିଶ୍ର। ମୋ ପାଇଁ ୨୫ ହଜାର ଲୋକ ଜୀବିକା ହରାଉଛନ୍ତି ଏମିତି କାହିଁକି କହିଲେ ସବ୍ୟସାଚୀ ବୋଲି ପ୍ରଶ୍ନ କରିଛନ୍ତି ମନୋଜ । ଆଜି କର୍ମ ସାଢେ ୬ କୋଟି ବ୍ୟବସାୟ କଲାଣି ଆଗକୁ ୧୦ କୋଟି କରିବ । ସେଇ ୨୫ ହଜାର ଲୋକ ଫାଇଦା ପାଇବେ । ଯେଉଁମାନେ କହୁଛନ୍ତି ମୁଁ ଚର୍ଚ୍ଚାରେ ରହିବାକୁ ଏମିତି କରୁଛି ସେମାନେ ମୋତେ ବାରମ୍ବାର ଚର୍ଚ୍ଚକୁ ଟାଣୁଛନ୍ତି ବୋଲି ଉତ୍ତର ରଖିଛନ୍ତି ମନୋଜ ।

▶▶ପୃଷ୍ଠା ୭

## ବାଲେଶ୍ୱର ବିଜେଡିରେ ଫାଟ: କାନ୍ଦିଲେ ମହିଳା କାଉନସିଲର, ଆଣିଲେ ସଙ୍ଗୀନ ଅଭିଯୋଗ

ବାଲେଶ୍ୱର, ୧୩/୧୧ (ନି.ପ୍ର): ନିର୍ବାଚନରେ ପରାଜୟ ପରେ ବିଜେଡିରେ ଦେଖାଦେଲାଣି ଦଳୀୟ ଗୋଷ୍ଠୀକନ୍ଦଳ। ବିଭିନ୍ନ ସ୍ଥାନରେ ଦଳରେ ଫାଟ ସୃଷ୍ଟି ହୋଇ କଳି ପଦାରେ ପଡ଼ିଥିବା ବେଳେ ଏବେ ବାଲେଶ୍ୱର ବିଜେଡିରେ ସମାନ ସ୍ଥିତି ଉପୁଜିଛି। ଦଳୀୟ କନ୍ଦଳ ସାଂଘାତିକ ରୂପ ଧାରଣ କରି ଏବେ ଚର୍ଚ୍ଚାର କାରଣ ପାଲଟିଛି। ବାଲେଶ୍ୱର ବିଜେଡିର ଜଣେ କାଉନସିଲର ନିଜ ଦଳର ମହିଳା କାଉନସିଲରଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି।



ଏପରିକି ମହିଳା କାଉନସିଲରଙ୍କୁ ପୁରୁଷ କାଉନସିଲରଜଣକ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହେଉଛି। ଏନେଇ ମହିଳା କାଉନସିଲର ଜଣକ ଥାନାରେ ଅଭିଯୋଗ କରିଥିବା ବେଳେ ୧୦ ଦିନ ପରେ ବି ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ନେଉନି।

▶▶ପୃଷ୍ଠା ୭

## ‘ବୁଲଡୋଜର’ ଆକ୍ସନ ନେଇ ସୁପ୍ରିମରାୟ: ଅପରାଧର ଦଣ୍ଡ ଘର ଭାଙ୍ଗିବା ନୁହେଁ

ନୂଆଦିଲ୍ଲୀ, ୧୩/୧୧ : ’ବୁଲଡୋଜର ନ୍ୟାୟ ସ୍ୱୀକାରଯୋଗ୍ୟ ନୁହେଁ। କେବଳ ଅଭିଯୋଗ ଆଧାରରେ ଭଙ୍ଗା ଯାଇପାରିବନି ଘର। ଘର ଭାଙ୍ଗିବା ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ସରକାରୀ କ୍ଷମତାର ମନମାନି ଚଳିବ ନାହିଁ।’ ବୁଲଡୋଜର ଆକ୍ସନକୁ ନେଇ ଏକ ମାମଲାର ଶୁଣାଣି କରି ଏଭଳି କିଛି ରାୟ ଶୁଣାଇ ବର୍ଷିଛନ୍ତି ସୁପ୍ରିମକୋର୍ଟ। ଏଥିସହ ଏକ ଗାଇଡ୍‌ଲାଇନ୍ ମଧ୍ୟ ଜାରି କରିଛନ୍ତି। ସୁପ୍ରିମକୋର୍ଟ ଦୁଇ ଜଣ ବିଚାରପତିଙ୍କ ବେଞ୍ଚ ସରକାରଙ୍କ ମନମୁଖୀ କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇଛନ୍ତି। ଘରଗୁଡ଼ିକୁ ମନଇଚ୍ଛା ଭାଙ୍ଗିବା



ଆଇନର ଉଲ୍ଲଂଘନ ବୋଲି କହିଛନ୍ତି। ଏ ମାମଲାରେ ରାଜ୍ୟ ସରକାରଙ୍କୁ ତାଗିଦ କରିଛନ୍ତି ସର୍ବୋଚ୍ଚ ଅଦାଲତ। ମାମଲାରେ ଗାଇଡଲାଇନ୍ ଜାରି କରି ସୁପ୍ରିମକୋର୍ଟ କହିଛନ୍ତି କାର୍ଯ୍ୟପାଳିକା, ନ୍ୟାୟପାଳିକାର ଭୂମିକା ନେଇପାରିବନି। କୋର୍ଟ କହିଛନ୍ତି,

▶▶ପୃଷ୍ଠା ୭

## ବେଦାନ୍ତ ନେଇଥିବା ଜମି ଲୋକଙ୍କୁ ଫେରାଯିବ

ଭୁବନେଶ୍ୱର, ୧୩/୧୧ (ନି.ପ୍ର): ବେଦାନ୍ତ ଜମି କ୍ଷତିଗ୍ରସ୍ତଙ୍କୁ ବଡ଼ ଆଶ୍ୱସ୍ତି। କ୍ଷତିଗ୍ରସ୍ତଙ୍କ ପାଖକୁ ଫେରିବ ଜମି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ନେଲେ ନିଷ୍ପତ୍ତି। ଉପକୃତ ହେବେ ଜମି ହରାଇଥିବା ପ୍ରାୟ ୬ ହଜାର ଚାଷୀ। ବିଜେଡି ସରକାର ସମୟରେ ୨୦୦୬ରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୨୨ଟି ଗାଁର ଜମି ସହ ସରକାରୀ ଜମି ଦିଆଯିବାକୁ ଚୁକ୍ତି



ହୋଇଥିଲା। ତେବେ ବାସଚ୍ୟୁତ ହୋଇଥିବା ୯ ଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ୨୦୧୦ରେ ହାଇକୋର୍ଟ ଆବେଦନକାରୀଙ୍କ ସପକ୍ଷରେ ରାୟ ଦେଇଥିଲେ। ତେବେ ବେଦାନ୍ତ ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟ ଯାଇଥିଲା। କିନ୍ତୁ ୨୦୨୩ରେ ସୁପ୍ରିମକୋର୍ଟ, ହାଇକୋର୍ଟଙ୍କ ରାୟକୁ କାଏମ୍ ରଖିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ଲୋକଙ୍କୁ ଜମି ଫେରାଇବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ପୂର୍ବ ନବୀନ ସରକାରକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ପୂର୍ବ ବିଜେଡି ସରକାରର ଏହା ତ୍ରୁଟିପୂର୍ଣ୍ଣ ପ୍ରକ୍ରିୟା ଥିଲା। ବେଦାନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ନବୀନ ସରକାର ପ୍ରାୟ ୧୦ ହଜାର ଏକର ଜମି ଅଧିଗ୍ରହଣ କରିଥିଲେ। ଏବେ ଏହି ଜମି ଫେରସ୍ତ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛନ୍ତି ମୋହନ ସରକାର। ଦିନେ ଦୁଇଦିନ ଭିତରେ ପ୍ରକ୍ରିୟା ଶେଷ ହୋଇ ବିଜ୍ଞପ୍ତି ପ୍ରକାଶ ପାଇବ।

▶▶ପୃଷ୍ଠା ୭

## ବିଜେଡି କର୍ମୀଙ୍କ ହଙ୍ଗାମା: ଏନଏସି ଅଫିସ୍‌ରେ ପଶି କାଗଜପତ୍ର ଫିଙ୍ଗିଲେ

ନୂଆପଡ଼ା, ୧୩/୧୧ (ନି.ପ୍ର): ବିଜେଡି କର୍ମୀଙ୍କ ଗୁଣ୍ଡାଗର୍ଦ୍ଦି। ଏନ୍ଏସି ଅଫିସ୍‌ରେ ପଶି ଫାଇଲ୍ ଓ ଚେୟାର ଫିଙ୍ଗିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏ ସବୁ ଘଟଣା ବିଜେଡି ବିଧାୟକଙ୍କ ପୁଅଙ୍କ ଉପସ୍ଥିତିରେ ଘଟିଥିଲା। ନୂଆପଡ଼ା ଜିଲ୍ଲାରେ ଦେଖିବାକୁ ମିଳିଛି ଏପରି ଚିତ୍ର। ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ନୂଆପଡ଼ା ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଓ ତାଙ୍କ ସମର୍ଥକ ଖରିଆର ରୋଡ୍‌ରେ ଥିବା

▶▶ପୃଷ୍ଠା ୭

## ଭୁଲ ସୁଧାରିଲେ ମିଳବ ଟଙ୍କା : ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୩/୧୧ (ନି.ପ୍ର): ‘ସୁଭଦ୍ରା’ ଟଙ୍କା ପାଇନଥିବା ହିତାଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କ ତାଲିକା ବ୍ଲକ୍ ପ୍ରଶାସନ ଅଧିକାରୀଙ୍କୁ ପଠାଯାଇଛି । ପ୍ରାୟ ୫ ଲକ୍ଷ ଆବେଦନକାରୀଙ୍କର ବ୍ୟାଙ୍କ ସହ ଲିଙ୍କେଜ୍ ହୋଇନି । ହିତାଧିକାରୀଙ୍କ ବ୍ୟାଙ୍କ ଖାତା ଏବଂ ଆଧାର କାର୍ଡ ସମନ୍ୱୟ ନଥିବାରୁ ସମସ୍ୟା ହୋଇଛି।। ବ୍ୟାଙ୍କ ଆକାଉଣ୍ଟ-ଆଧାର-ମୋବାଇଲ ନମ୍ବର ମଧ୍ୟରେ ସମନ୍ୱୟ ନାହିଁ । ଯାହାର ଦୁଇ ତିନୋଟି ଆକାଉଣ୍ଟ, ସେମାନଙ୍କର ଏଭଳି ସମସ୍ୟା ହେଉଛି । ବ୍ୟାଙ୍କ ଯାଇ ଗୋଟିଏ ଆକାଉଣ୍ଟ ସହ ଗୋଟିଏ ମୋବାଇଲ ନମ୍ବର ଲିଙ୍କ୍ ପାଇଁ ପରାମର୍ଶ ଦେଲେ ପ୍ରଭାତୀ। ୨୪ ତାରିଖରେ ବାକିଥିବା ହିତାଧିକାରୀଙ୍କୁ ଟଙ୍କା ମିଳିଯିବା କଥା । କେହି ବଞ୍ଚିତ ହେଲେ ୨୪ ତାରିଖ ପରେ ଗାଁ ଗାଁକୁ ଯିବ ଟିମ୍। ଅଙ୍ଗନବାଡ଼ି କର୍ମୀ ବ୍ୟକ୍ତିଗତ ଭାବେ ଯାଇ ଭେରିଫିକେସନ କରିବେ ବୋଲି ପ୍ରଭାତୀ କହିଛନ୍ତି।

## ଲାଞ୍ଚ ନେଉଥିଲେ କିରାଣି ବାବୁ: ମାଡ଼ି ବସିଲା ଭିଜିଲାନ୍ସ

ଖୋର୍ଦ୍ଧା , ୧୩/୧୧ (ନି.ପ୍ର): ଲାଞ୍ଚ ନେବା କାଳ ହେଲା। ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ୫ ଲକ୍ଷ ଟଙ୍କାର ଏରିଅର ବିଲ୍ କରାଇଦେବାକୁ ୬ ହଜାର ଟଙ୍କା ଲାଞ୍ଚ ନେବାକୁ ଅଡ଼ି ବସିଥିଲେ। ଶେଷରେ ଗତ ରାତିରେ ଲାଞ୍ଚ ଟଙ୍କା ନେଉଥିବା ବେଳେ କିରାଣି ବାବୁଙ୍କୁ ମାଡ଼ି ବସିଛି ଭିଜିଲାନ୍ସ ଟିମ୍। ଏପରି ଏକ ଘଟଣା ଖୋର୍ଦ୍ଧା ଜିଲ୍ଲା ବିଇଓ କାର୍ଯ୍ୟାଳୟରେ ଗତ ରାତିରେ ଘଟିଛି। ଭିଜିଲାନ୍ସ ହାବୁଡ଼ରେ ପଡ଼ିଥିବା ବାବୁଜଣକ ହେଉଛନ୍ତି ଖୋର୍ଦ୍ଧା ବିଇଓ କାର୍ଯ୍ୟାଳୟର କନିଷ୍ଠ କିରାଣି ତଥା ଆକାଉଣ୍ଟାଣ୍ଟ ପ୍ରଦୀପ୍ତ କୁମାର ସାହୁ । ୨୦୧୮ ମସିହାରୁ ଅବସର ନେଇଥିବା ଖୋର୍ଦ୍ଧା କୋଣାର୍କ ନଗରର ଶିକ୍ଷୟତ୍ରୀ ବିଜୟିନୀ ତ୍ରିପାଠୀ ତାଙ୍କ ଏରିଅର ଟଙ୍କା ପାଇବାକୁ ବାରମ୍ବାର ବିଇଓଙ୍କ କାର୍ଯ୍ୟାଳୟ ଦୌଡୁଥିଲେ । ତେବେ ତାଙ୍କର ପ୍ରାୟ ୫ ଲକ୍ଷ ଟଙ୍କାର ଏରିଅର ବିଲ୍ କରାଇଦେବାକୁ କନିଷ୍ଠ କିରାଣି ପ୍ରଦୀପ୍ତ କୁମାର ସାହୁ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏନେଇ ବିଜୟିନୀଙ୍କ ଭାଇ ବିନୟ ତ୍ରିପାଠୀ ଭିଜିଲାନ୍ସକୁ ଜଣାଇଥିଲେ। ଏହାପରେ ପୂର୍ବ ଯୋଜନା ମୁତାବକ ବିଜୟିନୀ ଗତକାଲି ରାତି ପ୍ରାୟ ୧୧ଟା ବେଳେ

▶▶ପୃଷ୍ଠା ୭

## କ୍ୟାବିନେଟ୍ ନିଷ୍ପତ୍ତି: ସରକାରୀ ଚାକିରି ଚୟନ ପରୀକ୍ଷାରେ ସ୍ୱଚ୍ଛତା ପାଇଁ ନୂଆ ଆଇନ: ୫ବର୍ଷ ଜେଲ,୧୦ଲକ୍ଷ ଜୋରିମାନା

ରାଜ୍ୟ ସରକାରଙ୍କ ବିଭିନ୍ନ ନିଯୁକ୍ତି ଏଜେନ୍ସୀ ଦ୍ୱାରା ଆୟୋଜିତ ପରୀକ୍ଷାରେ ଅନିୟମିତତାକୁ ନେଇ ବାରମ୍ବାର ବିବାଦ ଦେଖାଦେବା ପରେ ମୋହନ ମାଝୀ ସରକାର କଠୋର ଆଭିମୁଖ୍ୟ ଆପଣାଇଛନ୍ତି । ଏଣିକି ପରୀକ୍ଷା ପ୍ରକ୍ରିୟାରେ ଅନିୟମିତତା କଲେ ଅପରାଧୀଙ୍କୁ ୩ରୁ ୫ବର୍ଷ ଜେଲଦଣ୍ଡ ସହ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନ ଦେବାକୁ ପଡ଼ିବ । ଏଥିପାଇଁ ଓଡ଼ିଶା ସାର୍ବଜନୀନ ପରୀକ୍ଷା(ଅନୁଚିତ୍ ସାଧନ ନିବାରଣ) ଆଇନ-୨୦୨୪କୁ ରାଜ୍ୟ

▶▶ପୃଷ୍ଠା ୭



# ଆଇନ ସଚେତନତା ଶିବିର

ଜୟପୁର, ୧୩/୧୧ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ଜୟପୁର ଆନୁକୂଲ୍ୟରେ ଆଜି ବୈପାରିଗୁଡା ବ୍ଲକ ମହୁଲି ଗ୍ରାମପଂଚାୟତରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସୁମନ ଜେନା ମୂଖ୍ୟ ଅତିଥି ରୁପେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୋରାପୁଟ ସୁଶ୍ରୀ ରାଜଶ୍ରୀ ଦାସ, ବ୍ଲକ୍ ଶିକ୍ଷା ଅଧିକାରୀ ବୈପାରିଗୁଡା ସୁକାନ୍ତ କର୍ତନି, ମହୁଲି ଗ୍ରାମପଂଚାୟତ ସରପଂଚ ପଦ ଜାନୀ, ପି.ଓ ଶ୍ରୀମତୀ ରାଜଲକ୍ଷ୍ମୀ ସିଂ, ପାରାଲିଗାଲ ସ୍ୱେଚ୍ଛାସେବୀ ରାଜେଶ୍ୱର ମହୁରିଆ, ଅନିଲ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିର ବିଷୟ ହେଲା ଯୌନ ଅବରାଧରୁ ଶିଶୁମାନଙ୍କ ସୁରକ୍ଷା, ଡ୍ରପ୍ ଆଉଟ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ଏବଂ ମୌଳିକ କର୍ତବ୍ୟ ବାଧତାମୁଳକ ଶିକ୍ଷା, ୬ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ଶିକ୍ଷାଗତ ଅଧିକାରରୁ ବଂଚିତ ନ କରିବାକୁ ଉପସ୍ଥିତ ଥିବା ଗ୍ରାମବାସୀ ମାନଙ୍କୁ ଉପଦେଶ ଦେଇଥିଲେ ଯଦି ଶିଶୁ ମାନଙ୍କୁ ବିଦ୍ୟାଳୟ ନ ପଠେଇ ନିଜ ଘରର ବା ବାହାର କାମରେ ନିୟୋଜିତ କରୁଥିଲେ ତାଙ୍କ ମାତା ପିତା ମାନଙ୍କୁ ଆଇନ ଅନୁଯାୟୀ ଜେଲ ସହିତ ଜରିମାନାର ଦଣ୍ଡ ବିଧାନ ରହିଛି ବୋଲି ବୁଝାଇଥିଲେ। ତା ବ୍ୟତିତ ଯେଉଁ ଝିଅ ଅବା ପୁଅ ବୟସ ନ ହୋଇ ଉଦ୍‌ଲାଆ ଯାଉଛନ୍ତି ତାଙ୍କ ର ଉଭୟ ପକ୍ଷର ମାତା ପିତା ମାନଙ୍କୁ ମଧ ଆଇନ ଅନୁଯାୟୀ ଜେଲ୍ ଦଣ୍ଡର ବ୍ୟବସ୍ଥା ରହିଅଛି ।

# ବିକାଶ ଡିଗ୍ରୀ କଲେଜରେ ଜାତୀୟ ଶିକ୍ଷା ଦିବସ ପାଳିତ

ବରଗଡ଼, ୧୩/୧୧ (ନି.ପ୍ର): ବିକାଶ ହାୟର୍ ଏଜୁକେସ୍ନାଲ୍ ଇଂଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜରେ ମୌଲାନା ଅବ୍‌ଦୁଲ କଲାମ ଆଜାଦ୍ ଙ୍କ ଜନ୍ମତିଥି ଅବସରରେ 'ଜାତୀୟ ଶିକ୍ଷା ଦିବସ' ପାଳିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମେନ୍ ଶ୍ରୀ ଡି. ନାଗେଶ୍ୱର ରାଓଙ୍କ ଉପସ୍ଥିତିରେ ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ । ସ୍ୱାମୀ ନିଜେ ଶିକ୍ଷା ଶାସ୍ତ୍ର ବିଭାଗର ଜଣେ ପୂର୍ବତନ ପ୍ରାଧ୍ୟାପକ ଭାବେ ତାଙ୍କ ଅନୁଭୂତିରୁ ଅନେକ ବିଷୟବସ୍ତୁ ଛାତ୍ରଛାତ୍ରୀଙ୍କ ସହ ଆଦାନ ପ୍ରଦାନ କରିବା ସହ ଶିକ୍ଷାରେ ଆଧ୍ୟାତ୍ମିକତା ଓ ମୂଲ୍ୟବୋଧର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିକାଶ ଡିଗ୍ରୀ କଲେଜର ଶିକ୍ଷାଶାସ୍ତ୍ର ସମ୍ମାନ ବିଭାଗର ଛାତ୍ରଛାତ୍ରୀ ବନିତା ପ୍ରଧାନ ଏବଂ ଫୈଜାନ୍ ହେମଜ୍ ଖାନ୍ ଶିକ୍ଷାଶାସ୍ତ୍ର ଏବଂ ବିଭିନ୍ନ ଶିକ୍ଷା ନିତୀ ର ତୁଳନାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ମିଶ୍ରଙ୍କ ଦ୍ୱାରା ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜିଲ୍ଲା ଅଦାଲତ ପରିସରରେ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ମାଲକାନଗିରି, ୧୩/୧୧ (ନି.ପ୍ର): ଉଚ୍ଚ ନ୍ୟାୟଳୟ ଓଡିଶା କଟକଙ୍କ ଆଦେଶ କ୍ରମେ ମାଲକାନଗିରି ଜିଲ୍ଲା ଅଦାଲତ ଆନୁକୁଲ୍ୟରେ କୋର୍ଟ ପରିସରରେ ଆଜି ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜର୍ଜ ଡ଼. ପ୍ରଶନ୍ନ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପୁରସ୍କାର ବିତରଣ ସମାରୋହ ଆୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଶାନ୍ତନୁ କୁମାର ଦାସ, ମୁଖ୍ୟ ବିଚାର ବିଭାଗ ଅଧିକାରୀ ସତ୍ୟପ୍ରୀୟ ଦାସ, ଆଇନ ସେବା ପ୍ରାଧିକରଣର ସଚିବ ସୁଶ୍ରୀ ସଂଗିତା ପାତ୍ର, ମହିଳା ଅଦାଲତର ବିଚାରପତି ବବୀତା ଦାସ, ବରିଷ୍ଠ ଦେୱାନୀ ବିଚାରପତି ବିଜୟ ଦାସ , ରେଜିଷ୍ଟ୍ରାର ରୁଦ୍ର ପ୍ରକାଶ ନାୟକ, ଉପଖଣ୍ଡ ଦଣ୍ଡାଧିକାରି ପ୍ରତିମା ସାହୁ, ଗ୍ରାମ ନ୍ୟାୟାଳୟ ଦଣ୍ଡାଧିକାରୀ ଦେବେନ୍ଦ୍ର ବାଘ୍ ଉପସ୍ଥିତ ରହି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁବାଟିକା ଆଲୋଚନାଚକ୍ର ଅନୁଷ୍ଠିତ

ଜୟପୁର, ୧୩/୧୧ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାର, ଜୟପୁର ଠାରେ ଜିଲ୍ଲାସ୍ତରୀୟ ଶିଶୁବାଟିକା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଶ୍ରୀଯୁକ୍ତ ସୁରେନ୍ଦ୍ର କୁମାର ପଟ୍ଟନାୟକ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ବାଳକ ଉଚ୍ଚ ବିଦ୍ୟାଳୟ, ମୁଖ୍ୟ ବକ୍ତା ରୂପେ ଶ୍ରୀମତୀ ଉମାକାନ୍ତି ବାଇପାଇ, ଅଧ୍ୟାପିକା, ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ଜୟପୁର, ସମ୍ମାନିତ ଅତିଥି ରୂପେ ଶ୍ରୀମତୀ କଳ୍ପନା ମହାଙ୍ଗୁଡ଼, ଭାରପ୍ରାପ୍ତ ଉଉଚଙ୍ଗ, ସମ୍ଭାଗ ସଂଯୋଜକ ଶ୍ରୀଯୁକ୍ତ ସୁକାନ୍ତ କୁମାର ବେହେରା, ବିଦ୍ୟାଳୟର ଯୁଗ୍ମ ସଂପାଦକ ଶ୍ରୀଯୁକ୍ତ ତପନ କିରଣ ତ୍ରିପାଠୀ ଏବଂ ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ସତ୍ୟନାରାୟଣ ସେଠୀ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ଉଉଉର ସଫଳ କ୍ରିୟାନ୍ୱୟନରେ ଶିକ୍ଷକମାନଙ୍କର ଭୂମିକା ସଂପର୍କରେ ଆଲୋଚନା କରାଯାଇଥିଲା । ଏଥିରେ କୋରାପୁଟ, ନବରଂଗପୁର ଓ ମାଲକାନଗିରି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ସର୍ବମୋଟ ୯୨ ଜଣ ଆଚାର୍ଯ୍ୟ ଆଚାର୍ଯ୍ୟା ଉପସ୍ଥିତ ରହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ । ଶିଶୁଙ୍କର ସର୍ବାଙ୍ଗୀନ ବିକାଶରେ ଗୁରୁଜୀ ଗୁରୁମାଙ୍କର ଭୂମିକା ସଂପର୍କରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ । ଉଉଉର ର ଆବଶ୍ୟକତା ଉପରେ ମୁଖ୍ୟବକ୍ତା ଶ୍ରୀମତୀ ବାଇପାଇ ଗୁରୁଜୀ ଗୁରୁମାଙ୍କୁ ମାର୍ଗଦର୍ଶନ କରିଥିଲେ ।

# କମ୍ପ୍ୟୁଟର ଆଧାରିତ ସ୍ମାର୍ଟ ଶ୍ରେଣୀ ଗୃହ ପରିଚାଳନା ପାଇଁ ତାଲିମ କାର୍ଯ୍ୟକ୍ରମ

ନୂଆପଡ଼ା, ୧୩/୧୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଓ.ଏନ୍.ଜି.ସି ଏବଂ ଏଡସିଲ୍‌ଙ୍କ ମିଳିତ ଆନୁକୂଲ୍ୟରେ ନୂଆପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କମ୍ପ୍ୟୁଟର ଆଧାରିତ ସ୍ମାର୍ଟ ଶ୍ରେଣୀ ଗୃହ ପରିଚାଳନା ପାଇଁ ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ରଜନୀକାନ୍ତ ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ତାଲିମଦାତା ଭାବରେ ସୁକାନ୍ତ କୁମାର ସ୍ୱାଇଁ , ସହକାରୀ ତାଲିମଦାତା ଭାବରେ ଗୋବର୍ଦ୍ଧନ କାମିଲା, ପ୍ରଦୀପ୍ତ କୁମାର ଦାସ ଓ ପ୍ରଭଞ୍ଜନ ବିଶ୍ୱାଳ ଯୋଗ ଦେଇ ପ୍ରଯୁକ୍ତି ବିଦ୍ୟା ଓ କୌଶଳ ମାଧ୍ୟମରେ ସ୍ମାର୍ଟ ଶ୍ରେଣୀ ଗୃହର ସୁଗମ ପରିଚାଳନା ବିଷୟ ଉପରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରୁଛନ୍ତି । ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଖଡ଼ିଆଳ ବ୍ଲକର ୪୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରୁଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ବେହେରା, ସାଗର ବାଗ, ଧନଞ୍ଜୟ ମଲ୍ଲିକ, ନିରଞ୍ଜନ ବିଶ୍ୱାଳ, ଦୀପକ ଯୋଷୀ, ସୁରେଶ କୁମାର ଦାସ,ଦମୟନ୍ତୀ ବିଶି ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଲାଇବନ ବାଗ, ନୀଳିମାରାଣୀ ସାଗର, ରାଜଶ୍ରୀ ଦଣ୍ଡସେନା, ପୁଷ୍ପା ପଟ୍ଟନାୟକ, ଉମାକାନ୍ତ କରୁଆଁ, ବୀରେନ୍ଦ୍ର ମେହେର, ରଜନୀକାନ୍ତ ଯୋଷୀ ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀ ଦିଶାମୟୀ ବାରିକ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ ।

# ହାଟପଦା ପଡା ମେଟାକନୀ ମନ୍ଦିରର ନାମ ଯଜ୍ଞ ପାଇଁ କଳସ ଯାତ୍ରା

ବଲାଙ୍ଗିର, ୧୩/୧୧ (ନି.ପ୍ର): ବଲାଙ୍ଗିର ସହର ସ୍ଥିତ ହାଟପଦା ପଡା ମାଁ ମେଟାକାନୀ ମନ୍ଦିର କମିଟି ପକ୍ଷରୁ ସବୁବର୍ଷ ଭର୍ଳି ଚଳିତ ବର୍ଷ ମଧ ଦଶମ ବର୍ଷୀକ ୨୪ ପ୍ରହରି ନାମଯଜ୍ଞ ପାଳିତ କରାଯାଉଛି । କମିଟୀର ସଭାପତି ଲୋଟସ ଷଡଙ୍ଗୀଙ୍କ ସଭାପତିତ୍ୱରେ ଚଳିତ ବର୍ଷ ବହୁ ଅଡମ୍ବରରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ସଙ୍କୀତନ୍ୟ ଦଳ ଆସିବାର କାର୍ଯକ୍ରମ ରହିଛି । ଚଳିତ ବର୍ଷ ସତଦଳ ମିଶ୍ର ଓ ସହଧର୍ମଣୀ ଡାକ୍ତର ମିନାକ୍ଷୀ ବେଦବାକ କର୍ତା ଭାବରେ ଥିବା ବେଳେ ପୂଜକ ଭାବରେ ମୁଁରାରୀ ମିଶ୍ର ଦାଇତ୍ୱ ତୁଳାଉଛନ୍ତି । ଗତକାଲି ସଂଧ୍ୟା ୫ଟା ସମୟରେ ସ୍ଥାନୀୟ ମେଟାକାନୀ ମନ୍ଦିରରୁ ୧୫ ଶହରୁ ଉର୍ଦ୍ଧ ମହିଳା ବାହାରି ନରସିଂହ ମନ୍ଦିରରେ ଥିବା ପୋଖରୀରେ ରିତିନିତି ପରାମ୍ପାରିକ ପୂଜାର୍ଚ୍ଚନାପରେ କଳସ ଯାତ୍ରାରେ ବାହରି ହାଟପଡା ପଡା ସ୍ଥିତ ନାମଯଜ୍ଞ ମଣ୍ଡଳୀରେ ଶୁଭ କଳସ ସ୍ଥାପନ କରିଥିଲେ । ଚଳିତ ମାସ ୧୨ ତାରିଖ ସକାଳ ୯ ଘଂଟା ସମୟରୁ ନାମ ଆରମ୍ଭ ହୋଇ ଚଳିତ ମାସ ୧୫ ତାରିଖ ୯ ଘଂଟା ସମୟରେ ପୂର୍ଣ୍ଣାହୁତିର କାର୍ଯ୍ୟକ୍ରମ ରହିଥିବାର କମିଟୀର ସଭାପତି ଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି । ଏହି ନାମଯଜ୍ଞର କଳସ ଯାତ୍ରରେ ହରିବଂଶ ମିଶ୍ର, ଗିରିଧାରୀ ଶତପଥୀ,ବୈକଣ୍ଠ ଖୁଂଟିଆ, ବିଭୂଦର୍ତ ଗୁରୁ, ନିର୍ମଳ ନନ୍ଦ, ରଘୁନାଥ ହୋତା, ଶାନ୍ତନୁ ମିଶ୍ର, ରାଧେଶ୍ୟାମ ଷଡଙ୍ଗୀ, ବିଶ୍ୱାମିତ୍ର ସାହୁ,ଶ୍ରୀବତ୍ସ ମିଶ୍ର, ପବିତ୍ର ଖୁଂଟିଆ, ଶନତ ତ୍ରୀପାଠୀ, ସରତ ପୂଝାରୀ, ପ୍ରଦୀପ ଷଡଙ୍ଗୀ, ସୋମନାଥ ମିଶ୍ର,ରାଜ କୁମାର ମିଶ୍ର, ନିତିଆ ପଧାନ, ଇନ୍ଦ୍ର ନନ୍ଦ, ଲିଜୁ ସାହୁ,ଜତିନ ମିଶ୍ର, କମ୍ମୁ ତ୍ରୀପାଠୀ, ଟୁଙ୍ଗୁରୁ ମୁନୀ. ବେଲା ଥପା, ସନ୍ତୋଷ କୁମାର ପାଢୀ, ପ୍ରତ୍ୟୁଷ ପ୍ରକାଶ ଯୋଷୀ, ଲକ୍ଷ୍ମୀ ସ୍ୱାଇଁ, ଲାଲୁ ଶତପଥୀ, ପୃଥୀରାଜ ବରାଳ, ଟିଙ୍କୁ ପରିଚ୍ଛା, ମଧୁ ବନଛୋର, ଶିଶିର ବେହେରା, ଦିଲିପ ସ୍ୱାଇଁ, ସଞ୍ଜୟ ଷଡଙ୍ଗୀ, ବଂଶୀ ପତି ଓ ଅଂଚଳର ଶତାଧିକ ମାତ୍ରାରେ ମହିଳା,ପୁରୁଷଙ୍କ ସମେତ ବାଳକ ବାଳିକା ମଧ ଆଜିର ଏହି ନାମ ଯଜ୍ଞର କଳସ ଯାତ୍ରରେ ସମିଲ ହୋଇ ସହେଯାଗ କରିଥିବାର କମିଟି ସାଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର ସୂଚନା ଦେଇଛନ୍ତି ।

# ଗଞ୍ଜାମ ଜିଲ୍ଲାରେ ବିଷ୍ଣୁ ମନ୍ଦିର ଗୁଡ଼ିକରେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ

ଗଞ୍ଜାମ, ୧୩/୧୧ (ନି.ପ୍ର): କାର୍ତିକ ମାସ ପବିତ୍ର ବଡ ଏକାଦଶୀ ଉପଲକ୍ଷେ ଆଜି ଭୋରରୁ ରାତିଯାଏ ଜିଲାର ପ୍ରାୟ ସମସ୍ତ ବିଷ୍ଣୁ ମନ୍ଦିର ଗୁଡିକର ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁ ତଥା କାର୍ତିକ ବ୍ରତଧାରୀ ନରନାରୀ ମାନେ ମନ୍ଦିରକୁ ଯାଇ ରାଧାକୃଷ୍ଣ, ଜଗନ୍ନାଥ, ରଘୁନାଥ, ପ୍ରଭୃତି ଦେବଦେବୀଙ୍କ ଦର୍ଶନ କରି ପୂଜା ଉପାସନା କରି ଏକାଦଶୀ ବ୍ରତ ପାଳନ କରିଛନ୍ତି ।

# ପୁରୀରେ ସ୍ମାର୍ଟ ମିଟର ନବସେଇବାକୁ ଆପ୍‌ର ଦାବି

ପୁରୀ, ୧୩/୧୧ (ନି.ପ୍ର): ପୁରୀ ସହରରେ ବିଦ୍ୟୁତ ବିଲ ଆଦାୟ ଓ ନୂଆ ମିଟର ବସେଇବା ପାଇଁ ବିଦ୍ୟୁତ ଗ୍ରାହକଙ୍କ ଉପରେ ଟିପିସିଡିଓଏଲ ର ଜୁଲୁମ ବଢିବାରେ ଲାଗିଛି । ବିଦ୍ୟୁତ ଗ୍ରାହକଙ୍କୁ ହେଉଥିବା ଜୁଲମ ପ୍ରତିବାଦରେ ଆମ ଆଦମୀ ପାର୍ଟି ( ଆପ) ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ବଡଦାଣ୍ଡ ବଳଗଣ୍ଡି ସ୍ଥିତ ଭକ୍ତ ସାଲବେଗ ସ୍ମୃତି ପାଠ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଦଳ ପକ୍ଷରୁ ସଂପୃକ୍ତ କମ୍ପାନୀ ବିରୁଦ୍ଧରେ ଜନଗର୍ଜନ ଓ ଜନ ଜାଗରଣ କରାଯିବ ବୋଲି କୁହାଯାଇଛି । ରାଜ୍ୟରେ ନୂଆ ବିଜେପି ସରକାର ୩୦୦ ୟୁନିଟ ବିଜୁଳି ଦେବା ନାମରେ ଗ୍ରାହକଙ୍କୁ ଭୂଆଁ ବୁଲାଉଛି । ଏବେ ସ୍ମାର୍ଟ ମିଟର ଲଗାଇବା ନାମରେ ୭ ବର୍ଷରେ ୭୦୦୦ ଟଙ୍କା ଆଦାୟ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି । ନ୍ୟାୟାଳୟଙ୍କ ବିନା ଅନୁମତିରେ ବୁଟ ପିନ୍ଧି ରୋଷେଇ ଘେରରେ ପସିବା ସହ ଫ୍ୟାନ, ବଲବ, ଏସି ଓ ମୋଟର ଚେକିଙ୍ଗ କରିଛନ୍ତି । ଯାହା ମାନବିକ ଅଧିକାର କ୍ଷୁର୍ଣ୍ଣ କରୁଛି ବୋଲି ଦଳ ଅଭିଯୋଗ କରୁଛି । ଗରିବ ବିଦ୍ୟୁତ ଗ୍ରାହକଙ୍କ ଗୋଟାକର ବିଲ ପଇଠ ନକଲେ ତାଙ୍କର ବିଦ୍ୟୁତ ସଂଯୋଗ କାଟି ଦିଆଯାଉଛି । ଅନ୍ୟପକ୍ଷରେ ସଂପୃକ୍ତ ସଂସ୍ଥାର ପୁରୀ ମୁଖ୍ୟ ଯନ୍ତ୍ରୀଙ୍କ ଏକ ଲକ୍ଷ ବୟାନବେ ହଜାର ଟଙ୍କା ବାକି ଥଲେ ମଧ୍ୟ ତାଙ୍କର ବିଦ୍ୟୁତ ସଂଯୋଗ କଟା ଯାଉନଥିବା ଆପ ଅଭିଯୋଗ କରିଛି । ସ୍ମାର୍ଟ ମିଟର ପ୍ରତ୍ୟାହାର, ଅଘୋଷିତ ବିଦ୍ୟୁତ କାଟ ବନ୍ଦ ଓ ପ୍ରତି ବିଦ୍ୟୁତ ଗ୍ରାହକଙ୍କୁ ୩୦୦ ୟୁନିଟ ମାଗଣା ବିଜୁଳି ଯୋଗାଇ ଦେବାକୁ ଦଳ ଦାବି କରିଛି । ଯଦି ସଂପୃକ୍ତ ବିଭାଗ ଦାବି ପୂରଣ କରିବା ରାସ୍ତା ନଧରେ ତେବେ ଦଳ ଆନ୍ଦୋଳନର ରାସ୍ତା ଧରିବ ବୋଲି ଚେତାବନୀ ଦେଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ଜିଲ୍ଲାର ଆପର ଆବାହକ ସଂଜୀବ ମହାନ୍ତି ଓ ଟାଉନ ସମ୍ପାଦକ ଜନ୍ମେଜୟ ଜେନାଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ନିଶା ନିବାରଣ ସଚେତନତା ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲେଶ୍ୱର, ୧୨/୧୧ (ନି.ପ୍ର): କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରୀ ସଂସଦ ( ଆଲୁମିନି ଆସୋସିଏସନ୍) ଦ୍ୱାରା ନିଶା ନିବାରଣ ସଚେତନତା ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀ ସଂସଦର ସଭାନେତ୍ରୀ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ଏବଂ ସ୍ୱାଗତ ଅଭିଭାଷଣରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ଛାତ୍ରୀମାନଙ୍କୁ ସମ୍ୟକ୍ ଧାରଣା ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସୁଧାକର ନାୟକ ଏ. ଡି. ଏମ୍. ଜେନେରାଲ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ତାଙ୍କ ଅଭିଭାଷଣରେ ଅଧୁନା ସମାଜରେ ନିଶା ସେବନ ଯୋଗୁ ଯୁବପିଢୀ କିପରି ପଥ ଭ୍ରଷ୍ଟ ହେବାରେ ଲାଗିଛନ୍ତି ସେ ବିଷୟରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବରେ ଡଃ ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୂର୍ବତନ ସଭାପତି ଫକୀର ମୋହନ ସାହିତ୍ୟ ପରିଷଦ, 'ମୋନା' ର ସାଧାରଣ ସମ୍ପାଦିକା ମମତା ମହାପାତ୍ର ଏବଂ ଉପଦେଷ୍ଟା ଶ୍ରୀଯୁକ୍ତ ସୁବ୍ରତ କର ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଝାନସୀ ରାଣୀ ଜେନା ଉପସ୍ଥିତ ରହି ପିଲାମାନଙ୍କୁ ନିଶା ସେବନ ର ଅପକାରିତା ବିଷୟରେ ଅବଗତ କରାଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମୋନା' ର ସହଭାଗିତାରେ ଏହି କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ନିଶା ସେବନର ଅପକାରିତା ଏବଂ ନିବୃତ ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା । 'ଆଲୁମିନି କମିଟିର' ଉପ ସଭାନେତ୍ରୀ ମୌ।ସୁମୀ ତିୱାରୀ, ରାଜଲକ୍ଷ୍ମୀ ଚାଟାର୍ଜୀ,ସୁବ୍ରତା ମହାନ୍ତି, କବିତା ଦେ ଓ ଅନ୍ୟ ସମସ୍ତ ସଭ୍ୟା ତଥା ମହାବିଦ୍ୟାଳୟର ସମସ୍ତ ଶିକ୍ଷା ଓ ଅଣଶିକ୍ଷା କର୍ମଚାରୀ, ଛାତ୍ରୀ ସମୂହ ତଥା ଏନ୍.ଏସ୍ .ଏସ୍ ର ଛାତ୍ରୀମାନେ ଓ ସେମାନଙ୍କ ଶିକ୍ଷୟିତ୍ରୀ ଏଥିେ ସ?ହଯୋଗ କରିଥିଲେ। ସଭା ଶେଷରେ ଆଲୁମିନି ର ସାଧାରଣ ସମ୍ପାଦିକା କବିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ୫୧ ତମ ଟିକ୍ରାପଡା ଅହୋରାତ୍ର ନାମଯଜ୍ଞ ଆୟୋଜନ ପାଇଁ କଳସ ଶୋଭାଯାତ୍ରା ଓ ଅଧିବାସ ପାଳନ

ବଲାଙ୍ଗିର, ୧୩/୧୧ (ନି.ପ୍ର): ବଲାଙ୍ଗିରର ସର୍ବ ପୁରାତନ ନାମଯଂଜ୍ଞ କମିଟି ଟିକ୍ରାପଡା ଶ୍ରୀ କୃଷ୍ଣ ଚୈତନ୍ୟ ସେବା ସଂସ୍ଥାନ ୫୧ ତମ ଅହୋରାତ୍ର ନାମଯଂଜ୍ଞ ଆୟୋଜନ ପାଇଁ କଳସ ଶୋଭାଯାତ୍ରା ସହ ଅଧିବାସ ପାଳନ କରାଯାଇଥିଲା । ଏହି ଅବସରରେ ସ୍ୱାମୀ ତେଜୟାନନ୍ଦ ସରସ୍ୱତୀ ଶୋଭାଯାତ୍ରାକୁ ସମ୍ବୋଧନ କରି ଦୀର୍ଘ ୫୧ ବର୍ଷ ଧରି ଅନବରତ ଭାବେ ନାମଯଂଜ୍ଞ ଆୟୋଜନ କରି ପ୍ରଭୁଙ୍କ ନାମାମୃତ ସଂସାରକୁ ପ୍ରଦାନ କରୁଥିବାରୁ ଏହି ଅନୁଷ୍ଠାନକୁ ଭୁୟସୀ ପ୍ରଂଶସା କରିବା ସହ ଶୁଭେଚ୍ଛା ଜଣାଇଥିଲେ । ମହିଳା କମିଟି ସଦସ୍ୟା ଶୁଶିଳା ସା, ସୁଚରିତା ଶତପଥି, ଦମୟନ୍ତୀ ବାଗ, ସବିତା ବେହେରା ତଥା ମହିଳା କମିଟି ସଭାପତି ବନେଶ୍ୱରୀ ବେହେରା ଓ ସମ୍ପାଦକ ଲିନା ମହାନ୍ତିଙ୍କ ସହଯୋଗରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପ୍ରଭୁ ରାଧାମାଧବଙ୍କୁ ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ଆଣି ନାମଯଂଜ୍ଞ ମଣ୍ଡପରେ ଅଧିଷ୍ଠିତ କରିଥିଲେ । ମଙ୍ଗଳବାର ଠାରୁ ଅହୋରାତ୍ର ନାମଯଂଜ୍ଞ ଆରମ୍ଭ ହୋଇ କାର୍ତିକ ପୂର୍ଣ୍ଣମୀ ଦିନ ପୂର୍ଣ୍ଣାହୁତି ହେବ ଏବଂ ସୁଦୂର କଳାହାଣ୍ଡି, ବୌଦ୍ଧ, ବରଗଡ଼ ତଥା ବଲାଙ୍ଗିର ର କୀର୍ତନ୍ୟ ଦଳ ଏବଂ କୀର୍ତନ୍ୟ ଗୁରୁ ମାନେ ପ୍ରଭୁଙ୍କ ନାମ ନେବାକୁ ଆସିବେ ବୋଲି ଶ୍ରୀ କୃଷ୍ଣ ଚୈତନ୍ୟ ସେବା ସଂସ୍ଥାନ ର ସଭାପତି ପ୍ରକାଶ ନେପାକ ସୂଚନା ଦେଇଛନ୍ତି । ଚଳିତ ବର୍ଷ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି କମିଟି ସଦସ୍ୟ ତଥା ପଡ଼ାବାସୀଙ୍କ ଉପଦେଶ କ୍ରମେ ୫୧ ତମ ବର୍ଷ ଠାରୁ ଟିକ୍ରାପଡା ରାମଜୀ ମନ୍ଦିର ସମ୍ମୁଖରେ ପ୍ରତି ବର୍ଷ ଏହି ନାମଯଂଜ୍ଞ ଆୟୋଜନ କରାଯିବ ବୋଲି ସମ୍ପାଦକ ଅଙ୍କୁଶ ହୋତା ପ୍ରକାଶ କରିଛନ୍ତି । କୋଷଧକ୍ଷ କୁନୁ ପାତ୍ର, ବରିଷ୍ଠ ଉପଦେଷ୍ଟା ଭଗବାନ ବଗର୍ତି,ଦୁଲିଚନ୍ଦ ଅଗ୍ରୱାଲ, ସତ୍ୟ ମହାକୁର, ଅନୁ ବେହେରା,ପ୍ରଦୀପ ସାହୁ,ବରିଷ୍ଠ ସଭ୍ୟ ଶରତ ଷାଣ୍ଡ, ଦୁର୍ଗା ସାହୁ, ପିଙ୍କୁ ପଣ୍ଡା, ବାବୁ ସା, ସଞ୍ଜୟ ଶତପଥି, ତୁଫାନ ସାହୁ, ସୁନୀଲ ଦୋରା, ରବି ଅଗ୍ରୱାଲ, ରାଜୁ ମିଶ୍ର, ବୈଷ୍ଣବ ସାହୁ,ଅଶୋକ ମିଶ୍ର, ସୁନାଧର ବନଛୋର, ଦିଜରାଜ ମିଶ୍ର, ଶ୍ରୀବତ୍ସ ମହାଣା,ମହେନ୍ଦ୍ର ବାଗ, ମୁନା ଖାନ, କୁନା ବେହେରା, ସନ୍ତକ ବହିଦାର, ମହିଳା କମିଟି ସଦସ୍ୟା ପିଙ୍କି ପଣ୍ଡା, ସବିତା ବେହେରା, ମଞ୍ଜୁଲତା ମିଶ୍ର, ରେବତୀ ସାହୁ, ଲିଲି ବେହେରା, ପ୍ରଭାସିନୀ ମାହାଣା,ନାମଯଂଜ୍ଞ ଆୟୋଜକ କମିଟି ସଭ୍ୟ ଥିବାବେଳେ ଟିଂକୁ ପଣ୍ଡା, ଟୁନୁ ସାହୁ,ପ୍ରଦୀପ ଦର୍ଜୀ, ଭରତ ପୋଡ଼, କୁନା ବେହେରା, ଟିନା ବେହେରା, ପ୍ରଭାତୀ ସାହୁ, ଲିନା ବହିଦାର,ରଂଜିତା ସାହୁ, ସାଗରୀକା ସାହୁ, ପିଙ୍କି ସାହୁ ପ୍ରମୁଖ କୀର୍ତନ୍ୟ ଦଳ ଯୋଗାଯୋଗ ତଥା ଚର୍ଚ୍ଚା ପାଇଁ ନିୟୋଜିତ ହୋଇଛନ୍ତି । କୀର୍ତନ୍ୟ ଦଳ ନିମନ୍ତ୍ରଣ କରିବାକୁ ଯୋଗୀନ୍ଦ୍ର ସାହୁ, ଶ୍ରୀବତ୍ସ ବେହେରା ଓ ଭୀମ ସାହୁଙ୍କୁ ନିୟୋଜିତ କରାଯାଇଛି । ଚଳିତ ବର୍ଷ ନାମଯଜ୍ଞରେ ପ୍ରତିଦିନ ୧୧ ଜଣ ମହିଳା ସଦସ୍ୟାଙ୍କ ଦ୍ୱାରା୧୦୮ ଲେଖାଏଁ ଦୀପରେ ମହାପ୍ରଭୁ ଙ୍କୁ ସଂନ୍ଧ୍ୟା ଆଳତି ସନ୍ଧ୍ୟା ୭ଟା ରେ ଦିଆଯିବ, ଦ୍ୱିତୀୟ ଦିନ ସଂନ୍ଧ୍ୟା ରେ ୧୦୮ ତୁଳସୀ ୧୧ ଜଣ ମହିଳା ସଦସ୍ୟାଙ୍କ ଦ୍ୱାରା ମହାପ୍ରଭୁଙ୍କୁ ଚଢ଼ାଯିବ, ଚତୁର୍ଦ୍ଦଶୀ ଦିନ ଦିବା ୧୧ଟା ସମୟରେ ବାଲଭୋଗ, ରାତ୍ର ୯ଟା ସମୟରେ ୫୬ ଭୋଗ ମହାପ୍ରଭୁଙ୍କୁ ଲଗାଯିବାର ଆୟୋଜନ କରାଯାଇଥିବାର କମିଟି ତରଫରୁ ସୂଚନା ଦିଆଯାଇଛି । ଚଳିତ ବର୍ଷ ନାମଯଜ୍ଞର ମୁଖ୍ୟ କର୍ତା ରୂପେ ଶିବ ପ୍ରସାଦ ରଥ ଏବଂ ତାଙ୍କ ସହଧର୍ମିଣୀ ମିଳନ ଶର୍ମା କାର୍ଯ୍ୟଭାର ତୁଲାଉଥିବା ବେଳେ ମୁଖ୍ୟ ପୂଜକ ଶୁକଦେବ ତ୍ରିପାଠୀ ଏବଂ ସାଥି ପୂଜା କାର୍ଯ୍ୟ ତୁଲାଉଛନ୍ତି ।

# ଗଞ୍ଜାମ ଜିଲ୍ଲା ଲେଖକ ଓ ଲେଖିକା ସାମ୍ମୁଖ୍ୟର ସାହିତ୍ୟ ଆସର

ଗଞ୍ଜାମ, ୧୩/୧୧ (ନି.ପ୍ର): ବ୍ରହ୍ମପୁର ଉତ୍କଳ ଆଶ୍ରମ ଭାଷା ଭବନ କକ୍ଷରେ ଗଞ୍ଜାମ ଜିଲ୍ଲା ଲେଖକ ଓ ଲେଖିକା ସାମ୍ମୁଖ୍ୟର ସାହିତ୍ୟ ଆସର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଲେଖକ ସାମ୍ମୁଖ୍ୟ ସଭାପତି ହାଡ଼ିବନ୍ଧୁ ମାଳି ଏବଂ ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ଯୁଗ୍ମ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାହିତ୍ୟ ଆସରରେ ମୁଖ୍ୟ ଅତିଥି ଭାବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ର ଅବସରପ୍ରାପ୍ତ ଇଂରାଜୀ ବିଭାଗ ପ୍ରଫେସର ଡକ୍ଟର ଇ. ରାଜା ରାଓ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷା ଡଃ. ପୁଷ୍ପାଞ୍ଜଳି ପଢାଳ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଏବଂ ସଂଯୋଜିକା ନନ୍ଦିନୀ ମହାରଣା ପ୍ରମୁଖ ମଞ୍ଚାସିନ୍ ହୋଇ ସାହିତ୍ୟ ଆସର ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତା ଡଃ. ପଢ଼ାଳ କବିତା ଓ ଗଳ୍ପ ରଚନା ରେ ଆମ ସମୟରେ ଘଟିଯାଉଥିବା ବିଭିନ୍ନ ଘଟଣା ଓ ସମସ୍ୟାକୁ ନେଇ ଲେଖନୀ ଚାଳନା କରି ସଚେତନ କରାଇବା କବି ଓ ଲେଖକଙ୍କ କର୍ତବ୍ୟ ବୋଲି ମତପ୍ରକାଶ କରିଥିଲେ। ଏହି ସାହିତ୍ୟ ଆସରରେ କୋଷାଧକ୍ଷ ନିତ୍ୟାନନ୍ଦ ପାଢୀଙ୍କ ସମେତ ଡଃ. ବିଜୟ କୁମାର ମହାରଣା, ପ୍ରମୋଦ କୁମାର ପଣ୍ଡା, ଶ୍ରୀମତୀ ପ୍ରମିଳା ମହଲା, ଭିକାରି ଚରଣ ମହାପାତ୍ର, ରାଧା ଚରଣ ନାୟକ, ସୁବାସ ଚନ୍ଦ୍ର ନାୟକ, ବିରୁପାକ୍ଷ ଦାଶ, ମୋହନ ସ୍ୱାଇଁ, କୁମାର କାର୍ତିକେଶ୍ୱର ପ୍ରଧାନ, ରାଜେଶ କୁମାର ପାତ୍ର, ଅଭିରାମ ଚୌଧୁରୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଦିନବନ୍ଧୁ ଶ୍ରୀପଲ୍ଲବ ଧନ୍ୟବାଦ ଅର୍ପଣ କରିଥିଲେ।

# କର୍ତ୍ତବ୍ୟ ନିର୍ବାହ ସମୟରେ ସତର୍କତା ପାଇଁ ଲୋକୋ ପାଇଲଟ ପୁରସ୍କୃତ

ସମ୍ବଲପୁର, ୧୩/୧୧ (ନି.ପ୍ର): ରାୟପୁର ରେଳ ମଣ୍ଡଳର ପଣ୍ୟବାହୀ ଟ୍ରେନ୍ ଲୋକୋ ପାଇଲଟ୍ ସନ୍ଦୀପ ପାଟିଲ୍ ଏବଂ ସହ-ଲୋକୋ-ପାଇଲଟ୍ ତୋରଣ ଲାଲ୍ ସାହୁ ସେମାନଙ୍କ କାର୍ଯ୍ୟ ସମ୍ପାଦନ କରୁଥିବାବେଳେ ସତର୍କତା ପାଇଁ ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି । ମଣ୍ଡଳ ରେଳବାଇ ପ୍ରବନ୍ଧକ ତୁଷାର କାନ୍ତ ପାଣ୍ଡେ ଏହି ପ୍ରଦର୍ଶନ ପାଇଁ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ସମ୍ବଲପୁର ରେଳ ମଣ୍ଡଳର ଅନ୍ୟ ଶାଖା ଅଧିକାରୀଙ୍କ ଉପସ୍ଥିତିରେ ଉଭୟ ଲୋକୋ ପାଇଲଟ ମାନଙ୍କୁ ନଗଦ ରାଶି ଏବଂ ମେରିଟ ସାର୍ଟିଫିକେଟ୍ ସହିତ ପୁରସ୍କୃତ କରି ସେମାନଙ୍କୁ ସମ୍ମାନିତ କରିଥିଲେ ଲୋକୋ ପାଇଲଟ ଦ୍ୱୟ ସେମାନଙ୍କର କାର୍ଯ୍ୟ ସମ୍ପାଦନ କରୁଥିବାବେଳେ, ପଣ୍ୟବାହୀ ଟ୍ରେନ ଚାଳକ ଶ୍ରୀ ପାଟିଲ ଏବଂ ଶ୍ରୀ ସାହୁ ୧୦.୧୧.୨୦୨୪ ରାତ୍ରି ପ୍ରାୟ ୦୮ ଘ.୪୦ ମି.ରେ ନୂଆପଡା ରୋଡ୍ ଏବଂ ଖରିଆର ରୋଡ୍ ରେଳ ଷ୍ଟେସନ ମଧ୍ୟରେ ଡାଉନ୍ ଲାଇନ୍ ଟ୍ରାକରେ ପଡ଼ିଥିବାର ଦେଖିବାକୁ ପାଇଥିଲେ । ଉଭୟ ଲୋକୋ-ପାଇଲଟ ଟ୍ରେନକୁ ଅଟକାଇ ଷ୍ଟେସନ କର୍ମଚାରୀଙ୍କୁ ଜଣାଇଥିଲେ । ତୁରନ୍ତ ରେଳ କର୍ମଚାରୀଙ୍କ ଦ୍ୱାରା ଟ୍ରାକରୁ ପଥରଗୁଡିକ ହଟାଯାଇଥିଲା ଏବଂ ତା'ପରେ ପଣ୍ୟବାହୀ ଟ୍ରେନ୍ ସୁରକ୍ଷିତ ଭାବରେ ତାହାର ଯାତ୍ରା କରିଥିଲା । ଜିଆରପି ଟିଟିଲାଗଡ଼ ପୋଲିସ ଷ୍ଟେସନ ଅଧୀନରେ ଏହି ସମ୍ବନ୍ଧରେ ଏଫଆଇଆର ଦାଖଲ କରାଯାଇଛି । ବର୍ତମାନ ମାମଲା ତଦନ୍ତ ପରିସରଭୁକ୍ତ ଅଛି । ରାତ୍ରି ପ୍ରାୟ ୦୮ ଘ.୩୫ ମି.ରେ ବନ୍ଦେ ଭାରତ ଏକ୍ସପ୍ରେସର ସ୍ଥିତି ଲଖନା ଷ୍ଟେସନରେ ଥିଲା ଯାହାକି ନୂଆପଡା ରୋଡ ଠାରୁ ପ୍ରାୟ ୧୪ କିଲୋମିଟର ଦୂରରେ ଏକ ଭିନ୍ନ (ଅପ) ଲାଇନରେ ଥିଲା । କର୍ତବ୍ୟ ସମ୍ପାଦନ କରୁଥିବା ସମୟରେ ଲୋକୋ ପାଇଲଟଙ୍କ ସତର୍କତା ପ୍ରଶଂସା ଯୋଗ୍ୟ କାରଣ ସେମାନଙ୍କର ଶୀଘ୍ର କାର୍ଯ୍ୟକଳାପ ପ୍ରମୁଖ ଦୁର୍ଘଟଣାକୁ ରୋକିବାରେ, ଉଭୟ ମାନବ ଜୀବନ ଏବଂ ଟ୍ରେନର ସୁରକ୍ଷା ରକ୍ଷା କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

## ଧାରାବାହିକ:

ଭାଗ-୨୮

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯେହେତୁ ତୁମର ପିତାଗଣ ଜୀବଜଗତ ସୃଷ୍ଟି କରିଛନ୍ତି ଏବଂ ତୁମେମାନେ ମଧ୍ୟ ପ୍ରଜାପତି ରୂପରେ ଏହି ସଂସାରକୁ ଆସିଅଛ ତେଣୁ ବୃକ୍ଷାଦିକୁ ନଷ୍ଟ କରନାହିଁ । ବାଳକର ବନ୍ଧୁ ପିତାମାତା, ନୟନର ବନ୍ଧୁ ଲୋମପତା, ସ୍ତ୍ରୀର ସ୍ୱାମୀ, ପ୍ରଜାର ରାଜା ଭଳି ସର୍ବଜନର ବନ୍ଧୁ ଶୁଦ୍ଧଜ୍ଞାନ । ଭଗବାନ ସମସ୍ତ ପ୍ରାଣୀଙ୍କ ଶରୀରରେ ରହିଥିବାରୁ ପ୍ରାଣୀଜଗତକୁ ଭଗବାନଙ୍କ ନିବାସ ସ୍ଥଳ ଭାବି ସେମାନଙ୍କ ବନ୍ଧୁ ବୃକ୍ଷମାନଙ୍କୁ ରକ୍ଷାକର ଏବଂ ସେମାନଙ୍କ ପାଳିତ ଏହି ସୁନ୍ଦରୀ କନ୍ୟାକୁ ଗ୍ରହଣ କର । ଏହା କହି ସେ ପ୍ରମ୍ଲୋଚା ଅପସରୀ କନ୍ୟାକୁ ସେମାନଙ୍କୁ ପ୍ରଦାନ କଲେ । ତାଙ୍କ ନିକଟରୁ ଦକ୍ଷ ପ୍ରଜାପତି ଜାତ ହୋଇ ସୃଷ୍ଟିର ରଚନା କଲେ । ସେ ପ୍ରଥମେ ନିଜ ସଂକଳ୍ପରୁ ଜଳ, ସ୍ଥଳ, ଆକାଶ, ଦେବତା ଓ ଅସୁରଙ୍କୁ ସୃଷ୍ଟି କରି ଅନୁଭବ କଲେ ଯେ ସୃଷ୍ଟି ଆଶାନୁରୂପେ ବୃଦ୍ଧି ହେଉନାହିଁ । ତେଣୁ ସେ ମନଦୁଃଖରେ ବିନ୍ଧ୍ୟାଚଳର ଅଘମର୍ଷଣ ତୀର୍ଥକ୍ଷେତ୍ରକୁ ଯାଇ ସ୍ନାନ ପୂର୍ବକ ତପସ୍ୟାରେ ବ୍ରତୀ ହେଲେ । ସେ ହଂସଗୁହ୍ୟ ସ୍ତୋତ୍ର ଦ୍ୱାରା ଭଗବାନଙ୍କ ସ୍ତୁତି ଆରମ୍ଭିଲେ, ହେ ସଚ୍ଚିଦାନନ୍ଦ, ଆଦିଭୂତ ତ୍ରିଗୁଣ ତୁମ୍ଭରିଠାରେ ସମ୍ଭୂତ ହୋଇଥିଲେ ହେଁ ତୁମେ ସେଥିରି ଅତୀତ । ହେହ କଳ୍ପନାରୁ ଉର୍ଦ୍ଧ୍ୱ ଭଗବାନ ତୁମେ ସ୍ୱୟଂ ପ୍ରକାଶ, ଅସୀମ, ସର୍ବରୂପ, ସର୍ବନାମ, ସର୍ବସ୍ରଷ୍ଟା, ସର୍ବଦ୍ରଷ୍ଟା, ସର୍ବବ୍ୟାପୀ ଓ ସର୍ବଜ୍ଞ । ତୁମଠାରେ ପରାପର କି ଶତ୍ରୁମିତ୍ରାଭାବ ନାହିଁ କିମ୍ବା ବେଦ ମଧ୍ୟ ତୁମର ଅସୀମ ଗୁଣାବଳୀକୁ ବର୍ଣ୍ଣିବାକୁ ଅକ୍ଷମ । ସମସ୍ତଙ୍କ ଭିତରେ ବାସ କରୁଥିବା ହେ ପ୍ରଭୁ ତୁମକୁ କେହି ଜାଣିପାରେ ନାହିଁ । ତୁମେ ହିଁ ତ ସମାଧିସ୍ଥ ଯୋଗୀର ଅବଚେତନ ମନରେ ସ୍ୱୟଂ ପ୍ରକାଶିତ ହୁଅ । ଯେପରି କାଷ୍ଠ ମଧ୍ୟରୁ ପଞ୍ଚଦଶ ମନ୍ତ୍ର ଦ୍ୱାରା ଯାଜ୍ଞିକମାନେ ଅଗ୍ନିକୁ ପ୍ରକଟ କରନ୍ତି ସେହିପରି ଜ୍ଞାନୀମାନେ ତୁମର ସତ୍ତାକୁ ଯୋଗଦ୍ୱାରା ନିଜ ହୃଦୟ ମଧ୍ୟରୁ ଆବିଷ୍କାର କରି ମାୟାରୁ ବିଚ୍ଛିନ୍ନ ହୋଇ ପରମପଦକୁ ପ୍ରାପ୍ତ ହୁଅନ୍ତି । ସକଳ କର୍ମର କର୍ତ୍ତା ହିଁ ଆପଣ । ଦକ୍ଷଙ୍କର ଏପରି ସ୍ତୁତି ଶୁଣି ଭଗବାନ ଅଷ୍ଟମାହଭୁଜ, ଘନଶ୍ୟାମ ବର୍ଣ୍ଣ, ସ୍ନିଗ୍ଧ ମଧୁର ଅପଘନ, ପୀତ ବସନ, ପ୍ରସନ୍ନ ବଦନ, କୌସ୍ତୁଭମଣି, ଶ୍ରୀବତ୍ସଲାଞ୍ଛନ, ମସ୍ତକରେ କୀରୀଟ, ମକରକୁଣ୍ଡଳ, ପାଦରେ ବଳୟ ଓ ନୂପୁର ,ଶଙ୍ଖ, ଚକ୍ର, ଗଦା, ପଦ୍ମ, ଶାରଙ୍ଗ ଧନୁ ଶୋଭିତ ଗରୁଡବାହନରେ ଆସି ସେଠାରେ ପହଞ୍ଚିଗଲେ । ପ୍ରଜାପତି ଦକ୍ଷ ପ୍ରଭୁଙ୍କର ଏହି ଭୂବନ ମୋହନ ରୂପଲାବଣ୍ୟରେ ଆତ୍ମହରା ହେଲେ ଓ ପ୍ରଭୁ ଶ୍ରୀଚରଣରେ ନିଜକୁ ସମର୍ପି ଦେଲେ । ସର୍ବାନ୍ତର୍ଯ୍ୟାମୀ ପ୍ରଭୁ ଦକ୍ଷଙ୍କ ଅନ୍ତଃକରଣରେ ଭକ୍ତି ଓ ପ୍ରଜାବୃଦ୍ଧିର କାମନା ଜାଣି ଦରହସିତ ହୋଇ କହିଲେ, ହେ ପ୍ରଜାପତି ତୁମ ପ୍ରତି ମୁଁ ପ୍ରସନ୍ନ ହୋଇଛି । ସଂସାରର ଅଭିବୃଦ୍ଧି ନିମନ୍ତେ ବ୍ରହ୍ମା, ଶଙ୍କର, ଇନ୍ଦ୍ରାଦି ତୁମେମାନେ ମୋ ବିଭୂତିରୁ ଜନ୍ମ ନେଇଛ । ତପସ୍ୟା ମୋର ହୃଦୟ, ବିଦ୍ୟା ମୋର ଶରୀର, କ୍ରିୟା ମୋର କାରଣ, ଯଜ୍ଞ ମୋର ଭୂଷଣ, ଧର୍ମ ମୋର ଆତ୍ମା ଓ ଦେବତାମାନେ ମୋର ପ୍ରାଣ । ସୃଷ୍ଟି ପୂର୍ବରୁ ମୁଁ ହିଁ ସର୍ବତ୍ର ଅନ୍ତର ବାହାରେ ପ୍ରକାଶିତ ଥିବା ସହ ଏକ ଅବ୍ୟକ୍ତ ପ୍ରକ୍ରିୟାରରେ ସର୍ବରୂପ ହୋଇ ମୁଁ ହିଁ ପ୍ରକାଶିତ ହୋଇଛି । ମୋର ଅନନ୍ତ ଗୁଣରୁ ସ୍ୱାୟମ୍ଭୁବ ବ୍ରହ୍ମାଙ୍କର ସୃଷ୍ଟି ହୋଇ ସୃଷ୍ଟି ରଚାନରେ ବ୍ରତୀହେଲେ । ମୋହରି ଆଦେଶରେ ନବ ପ୍ରଜାପତି ରୂପେ ତୁମ୍ଭକୁ ସୃଷ୍ଟିକଲେ । ଏବେ ତୁମେ ପଞ୍ଚଜନ୍ୟଙ୍କ କନ୍ୟା ଅସିକ୍ନୀଙ୍କୁ ବିବାହ କରି ସୃଷ୍ଟି ବିସ୍ତାର କର । ତୁମର ସନ୍ତାନମାନେ ଏହି ପ୍ରକ୍ରିୟାକୁ ଚାଲୁ ରଖିବେ କହି ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ । ସ୍ୱପ୍ନ ଭଳି ଲାଗୁଥିବା ଏହି ଘଟଣା ପରେ ଦକ୍ଷ ପ୍ରକୃତିସ୍ଥ ହୋଇ ଭଗବାନଙ୍କ ଆଦେଶ କ୍ରମେ ସ୍ୱ କର୍ମରେ ନିୟୋଜିତ ହେଲେ ।

### ୫ମ ଅଧ୍ୟାୟ

### ॥ ଦକ୍ଷପୁତ୍ରମାନଙ୍କ ସନ୍ୟାସ ଓ ନାରଦଙ୍କୁ ଦକ୍ଷଙ୍କ ଅଭିଶାପ ॥

ଭଗବାନଙ୍କ ଆଶୀର୍ବାଦ ସ୍ୱରୂପ ଅସିକ୍ନୀଙ୍କ ଗର୍ଭରୁ ହର୍ଯ୍ୟଶ୍ୱ ନାମଧାରୀ ଦଶହଜାର ଧାର୍ମିକ ଓ ପିତୃ ଆଜ୍ଞାକାରୀ ପୁତ୍ର ଜନ୍ମ ନେଇ ପ୍ରଜା ସର୍ଜନା ଉଦ୍ଦେଶ୍ୟରେ ପିତାଙ୍କ ଆଦେଶରେ ନାରାୟଣ ସର ନାମକ ତୀର୍ଥରେ ତପସ୍ୟାରେ ବ୍ରତୀ ହେଲେ । ଦେବର୍ଷି ନାରଦ ଦେଖିଲେ ଏହି ପୁତ୍ରମାନଙ୍କର ଭାଗବତ ଧର୍ମ ପ୍ରତି ଅଭିରୁଚି ଥିଲେ ହେଁ ପିତାଙ୍କ ଆଦେଶରେ ପ୍ରଜାସୃଷ୍ଟି ନିମନ୍ତେ ତତ୍ପର ହୋଇଛନ୍ତି; ଏଣୁ ସେମାନଙ୍କ ନିକଟକୁ ଯାଇ କହିଲେ, ବାବୁରେ, ତୁମ୍ଭେମାନେ ପ୍ରଜାପତି ହେବାକୁ ଇଛା କରୁଛ ହେଲେ ତୁମେ ପୃଥିବୀର ଆକାର ପ୍ରକାର ଜାଣିଛ କି ? ତା ନହେଲେ ଏହି ବାଳୁତ ବୁଦ୍ଧିରେ ତୁମେମାନେ ସୃଷ୍ଟିରେ କିପରି ସମର୍ଥ ହେବ ? ଏହି ପୃଥିବୀରେ ଏପରି ଏକ ଦେଶ ଅଛି ଯେଉଁଠି କେବଳ ଜଣେ ପୁରୁଷ ବାସକରେ । ଗୋଟିଏ ଗହ୍ୱର ଅଛି, ତା ଭିତରୁ ବାହାରି ଆସିବା ସମ୍ଭବ ନୁହେଁ । ଏପରି ଜଣେ ସ୍ତ୍ରୀ ଲୋକ ଅଛି ଯିଏ କି ବହୁରୂପା । ଜଣେ ପୁରୁଷ ଅଛି ତାର ସ୍ତ୍ରୀ ବ୍ୟଭିଚାରିଣୀ । ଗୋଟିଏ ନଦୀ ଅଛି ଯାହା ଉଭୟ ଦିଗକୁ ପ୍ରବାହିତ ହେଉଛି । ଏକ ବିଚିତ୍ର ଘର ଅଛି ଯାହା ପଚିଶ ପ୍ରକାର ପଦାର୍ଥରେ ନିର୍ମିତ । ଏକ ହଂସ ଅଛି ଯାହାର କାହାଣି ଅତି ବିଚିତ୍ର । ଏପରି ଏକ ଚକ୍ର ଯାହା ବଜ୍ରରେ ନିର୍ମିତ ଏବଂ କ୍ଷୁରଧାର ସଦୃଶ ତୀକ୍ଷ୍ଣ ଏବଂ ସ୍ୱ-ଇଛାରେ ଘୁରୁଅଛି । ତୁମେମାନେ ଏ ସବୁକୁ ଭଭଲଭାବରେ ବୁଝି ତୁମମାନଙ୍କର ସର୍ବଜ୍ଞ ପିତାଙ୍କ ଆଦେଶ ପାଳନ କର । ହର୍ଯ୍ୟସ୍ୱମାନେ ବୁଦ୍ଧିମାନ ଥିବାରୁ ଜାଣିପାରିଲେ ଯେ ପିଣ୍ଡ ହିଁ ବ୍ରହ୍ମାଣ୍ଡ । ଯାହାର ଆକାର ପରିସର ବା ଅନ୍ତ ଜଣା ନାହିଁ । ଏକ ଏବଂ ଅଦ୍ୱିତୀୟ ଭଗବାନ ସମସ୍ତ ଗୁଣ, କର୍ମ ବନ୍ଧନରୁ ମୁକ୍ତ । ତାଙ୍କୁ ହିଁ ଉପଲବ୍ଧି କରିବାକୁ ହେବ । ମୃତ୍ୟୁ ରୂପକ ଗହ୍ୱରରେ ପଶିଗଲେ ଫେରିଆସି ହୁଏନାହିଁ ତ ଭଗବତ ସତ୍ତାରେ ନିମଗ୍ନ ହେଲେ ମଧ୍ୟ ପୁନର୍ଜନ୍ମ ନାହିଁ । ବୁଦ୍ଧି ହିଁ ବ୍ରହ୍ମରୂପା ତ ତ୍ରିଗୁଣମୟୀ କାମନା ବ୍ୟଭିଚାରିଣୀ ସଦୃଶ ସ୍ୱାମୀ ହେଉଛି ମନୁଷ୍ୟ । ବିପରୀତ ସୁଖରେ ପ୍ରବାହିତ ହେଉଥିବା ଦୁଇ ନଦୀ ହେଉଛି ସାଂସାରିକ ମାୟା । ଏହି ମାୟା ହିଁ ତାକୁ ପୁତ୍ରକଳତ୍ରାଦି ବନ୍ଧନରେ ବାନ୍ଧି କ୍ରମେ ମୃତ୍ୟୁ ସନ୍ନିକଟ କରାଇଥାଏ । ମନୁଷ୍ୟର ଶରୀର ପଚିଶ ତତ୍ତ୍ୱ ସମ୍ବଳିତ ଅଦ୍ଭୂତ ସୃଷ୍ଟି । ଭଗବାନଙ୍କର ସ୍ୱରୂପ ଶାସ୍ତ୍ର ସମୂହ ହଂସ ସଦୃଶ ଯିଏକି ସଂସାରର ସାର ଓ ଅସାର ରୂପକ କ୍ଷୀର ଓ ନୀର ମଧ୍ୟରେ ପାର୍ଥକ୍ୟ ଦର୍ଶାଇଥାଏ । କାଳ ହିଁ ଚକ୍ର ଯାହାର ଧାର ତୀକ୍ଷ୍ଣ ଏବ ସର୍ବଦା ଘୂର୍ଣ୍ଣୟମାନ । କେବଳ ଶାସ୍ତ୍ର ଜ୍ଞାନ ହିଁ ପିତା ସଦୃଶ ମଙ୍ଗଳକାରୀ ଓ ଏହାକୁ ବୁଝି ନିଜର କର୍ତ୍ତବ୍ୟ ସ୍ଥିର କରିବା ଉଚିତ । ନାରଦଙ୍କ ମୁହଁରୁ ଏଭଳି ବାଣୀ ଶୁଣି ହର୍ଯ୍ୟଶ୍ୱମାନେ ପ୍ରଜାସୃଷ୍ଟି ଇଛା ସମ୍ବରଣ କରି ନାରଦଙ୍କୁ ପ୍ରଦକ୍ଷିଣ କରି ଭଗବାନଙ୍କ ଶ୍ରୀଚରଣରେ ଧ୍ୟାନ ଲଗାଇ ସାମାଧିସ୍ଥ ହେଲେ । ଦକ୍ଷ ପ୍ରଜାପତି ଯେତେବେଳେ ଜାଣିଲେ ଯେ ତାଙ୍କର ପୁତ୍ରଗଣ ନାରଦଙ୍କ ଉପଦେଶରେ ସ୍ୱମତ ପରିବର୍ତ୍ତନ କରିଛନ୍ତ ସେ ବ୍ୟସ୍ତ ହୋଇ ବ୍ରହ୍ମାଙ୍କୁ ଧ୍ୟାନ କରିବାରୁ ତାଙ୍କର ପତ୍ନୀ ଅସି୍କ୍ନୀଙ୍କ ଗର୍ଭରୁ ଏକ ହଜାର ପୁତ୍ର ଜନ୍ମନେଲେ ଯଉଁମାନଙ୍କର ନାମ ସେ ରଖିଲେ ଶବଳାଶ୍ୱ । ସେମାନେ ମଧ୍ୟ ନାରାୟଣ ସରୋବର ନିକଟକୁ ଯାଇ ପିତା ନିର୍ଦ୍ଦେଶରେ ପ୍ରଜା ସୃଷ୍ଟି ପାଇଁ ତପସ୍ୟା କଲେ । ନାରଦ ସେଠାରେ ପହଞ୍ଚି ସେମାନଙ୍କୁ ସେମାନଙ୍କର ଭାଇମାନଙ୍କ ପଦାଙ୍କ ଅନୁସରଣ କରିବାକୁ ପ୍ରବର୍ତ୍ତାଇ ଅନ୍ତର୍ହିତ ହେଲେ । ଦକ୍ଷ ଜାଣିପାରିଲେ ଯେ ଏଥର ମଧ୍ୟ ତାଙ୍କର ପୁତ୍ରମାନେ ନାରଦଙ୍କ ଉପଦେଶରେ ପ୍ରଜା ସୃଷ୍ଟିରେ ମନ ନବଳାଇ ଧ୍ୟାନରେ ନିମଗ୍ନ ଅଛନ୍ତି । ସେ ଅତ୍ୟନ୍ତ କ୍ରୋଧ ପରବଶ ହୋଇ ନାରଦଙ୍କୁ ଭେଟି ଖୁବ୍ ଭତ୍ସର୍ନା କରିବା ସହ ତାଙ୍କର ବାଳୁତ ପିଲାମାନଙ୍କୁ କର୍ତ୍ତବ୍ୟଚ୍ୟୁତ କରିଥିବା କାରଣରୁ କଳିଆ ଓ ନିର୍ଲ୍ଲଜ ବୋଲି କହିଲେ । ସେ କହିଲେ ତୁମର ଉପଦେଶରେ ବୈରାଗ୍ୟ ଜାତ ହୁଏ ନାହିଁ ବରଂ ସଂସାରର ମାୟାର ବନ୍ଧନରେ ବାନ୍ଧିହେଲେ ତାହାର ତିକ୍ତତା ଓ ତଦଜନିତ ଦୁଃଖ ଅନୁଭବରୁ ଯେଉଁ ବୈରାଗ୍ୟ ସୃଷ୍ଟି ହୁଏ ତାହା ସ୍ଥାୟୀ ହୋଇଥାଏ । ତୁମେ କିଛି ନଜାଣି ଏହି କର୍ମ କରିଥିବାରୁ ମୁଁ ତୁମକୁ ଅଭିଶାପ ଦେଉଛି ତୁମେ ସର୍ବଦା ଅବ୍ୟବସ୍ଥିତ ଭାବରେ ଲୋକଲୋକାନ୍ତର ଭ୍ରମଣ କରୁଥାଅ । କେଉଁଠାରେ ହେଲେ ତୁମ ପାଇଁ ସ୍ଥିର ସ୍ଥାନ ନମିଳୁ । ଦେବର୍ଷି କିଛି ନ କହି ସହାସ୍ୟ ବଦନରେ ତଥାସ୍ତୁ କହି ଦକ୍ଷଙ୍କ ଅଭିଶାପ ଗ୍ରହଣ କଲେ ।

### ୬ଷ୍ଠ ଅଧ୍ୟାୟ

### ॥ ଦକ୍ଷପ୍ରଜାପତିଙ୍କର କନ୍ୟାମାନଙ୍କ ବଂଶ ବିବରଣ ॥

ବ୍ରହ୍ମାଙ୍କ ଆଦେଶରେ ଦକ୍ଷଙ୍କର ଏଥର ଷାଠିଏ ଗୋଟି ପିତା ଅନୁରକ୍ତ କନ୍ୟା ଜାତ ହେଲେ । ସେମାନଙ୍କ ମଧ୍ୟରୁ ଦଶ କନ୍ୟା ଧର୍ମଙ୍କୁ, ତେର କନ୍ୟା କଶ୍ୟପଙ୍କୁ, ସତାଇଶ କନ୍ୟା ଚନ୍ଦ୍ରମାଙ୍କୁ, ଭୂତ, ଅଙ୍ଗିରା ଓ କୃଶାଶ୍ୱ ମୁନି ପ୍ରତ୍ୟେକଙ୍କୁ ଦୁଇ କନ୍ୟା, ଅବଶିଷ୍ଟ ଚାରିକନ୍ୟା ତାର୍କ୍ଷ୍ୟକଶ୍ୟପଙ୍କୁ ପ୍ରଦାନ କଲେ । ତାଙ୍କ ନିକଟରୁ ବିନତାଙ୍କ ଗର୍ଭରୁ ଗରୁଡ ଓ ଅରୁଣ ଦୁଇ ପୁତ୍ର ଜାତ ହୋଇ ବିଷ୍ଣୁଙ୍କର ବାହନ ଓ ସୂର୍ଯ୍ୟଙ୍କ ସାରଥୀ ହେଲେ । କଶ୍ୟପଙ୍କର ଅନ୍ୟ ପତ୍ନୀ କଦ୍ରୂଙ୍କଠାରୁ ନାଗକୁଳ ଜନ୍ମନେଲେ । ଚନ୍ଦ୍ରମା ପତ୍ନୀ ରୋହିଣୀକୁ ବିଶେଷ ଭଲପାଉଥିବା କାରଣରୁ ଦକ୍ଷ କନ୍ୟାମାନେ ଅବହେଳିତ ହେବାରୁ ଦକ୍ଷଙ୍କ ଅଭିଶାପରେ କ୍ଷୟରୋଗ ସହ ନିଃସନ୍ତାନ ହେଲେ । କଶ୍ୟପଙ୍କର ଦିତିଙ୍କଠାରୁ ଦୈତ୍ୟକୁଳ ଏବଂ ଅଦିତୀଙ୍କଠାରୁ ଦେବତା ଜାତ ହେଲେ । ଅନ୍ୟମାନଙ୍କଠାରୁ ଜଳଜନ୍ତୁ, ଶ୍ୱାପଦ, ତୃଣଭୋଜୀ ପଶୁ, ପକ୍ଷୀ, ବୃକ୍ଷଲତା, ଗନ୍ଧର୍ବ, କିନ୍ନର ଆଦି ସୃଷ୍ଟି ହେଲେ । ଦେବ ଦାନବଙ୍କ ମଧ୍ୟରେ ସର୍ବଦା ବିବାଦ ଲାଗି ରହିଲା ।

### ୭ମ ଅଧ୍ୟାୟ

### ॥ ଦେବଗୁରୁ ବୃହସ୍ପତି ଓ ବିଶ୍ୱରୂପଙ୍କ ବର୍ଣ୍ଣନ ॥

ରାଜା ପରୀକ୍ଷିତ ଶ୍ରୀଶୁକଦେବଙ୍କ ଚରଣରେ ପ୍ରଣାମ ପୂର୍ବକ ପଚାରିଲେ,ହେ ଭଗବାନ ! ଦେବଗୁରୁ ବୃହସ୍ପତି ନିଜର ପ୍ରିୟ ଶିଷ୍ୟ ଦେବତାମାନଙ୍କୁ ଏକଦା ପରିତ୍ୟାଗ କରିବାର କାରଣ ମୋତେ ଦୟାକରି କୁହନ୍ତୁ । ଶୁକଦେବ କହିଲେ, ଦେବରାଜ ଇନ୍ଦ୍ର ସମସ୍ତ ସ୍ୱର୍ଗୀୟ ଐଶ୍ୱର୍ଯ୍ୟ ନିରବଚ୍ଛିନ୍ନ ଭାବରେ ଭୋଗ କରିବା ଫଳରେ ତାଙ୍କ ମନରେ ଗର୍ବ ଆସିଯିବା କାରଣରୁ ଅସତମାର୍ଗରେ ଗମନ କରି ଅନାଚାର କରିବାକୁ ଲାଗିଲେ । (କ୍ରମଶଃ)

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ରଙ୍ଗ

# ଈଶ୍ୱର ବି କର୍ମଫଳ ଭୋଗନ୍ତି



ଶ୍ୱେତା ରାଉତ୍

କର୍ମ ପାଇଁ ଈଶ୍ୱରଙ୍କୁ ବି ଦଣ୍ଡ ଭୋଗିବାକୁ ପଡେ, ଯେମିତି ଶ୍ରୀବିଷ୍ଣୁ ଜଗତର ମଙ୍ଗଳ ପାଇଁ ବାରମ୍ବାର ଦଣ୍ଡିତ ହୋଇଛନ୍ତି।

ଯଦି ତୁଳସୀଙ୍କ ପୁଣ୍ୟ ବଳରେ ରାକ୍ଷସ ଶଙ୍ଖଚୁଡ ମହାତ୍ମାରେ ପରିଣତ ହୋଇଥାନ୍ତା, ତେବେ ରାଧାଙ୍କ ଅଭିଶାପ ବ୍ୟର୍ଥ ଯାଇଥାନ୍ତା। ତେଣୁ ପ୍ରତ୍ୟେକ ପାତ୍ରକୁ ତାର କର୍ମ ଓ କର୍ମଫଳ ବହନ କରିବାକୁ ପଡେ। ଏମିତି କି ତୁଳସୀଙ୍କ ଅଭିଶାପରୁ ଭଗବାନ ବିଷ୍ଣୁଙ୍କୁ ବି ପଥର(ଚଉରା) ହେବାକୁ ପଡ଼ିଛି।

ସ୍ତ୍ରୀ'ର ସତୀତ୍ୱ ପାଇଁ ଶଙ୍ଖଚୁଡକୁ ନିହତ କରିବା ସମ୍ଭବ ନଥିଲା, କାରଣ ତୁଳସୀ ଥିଲେ ସତୀ। କିନ୍ତୁ ରାକ୍ଷସ ଶଙ୍ଖଚୂଡ ପ୍ରଥମରୁ ମହାପରାକ୍ରମୀ ଥିଲା, ଶଙ୍ଖଚୁଡ ଥିଲା ଜଳନ୍ଧରର ପରଜନ୍ମ ଏବଂ ଜଳନ୍ଧର, ମହାଦେବଙ୍କ ରୁଦ୍ର ତାଣ୍ଡବରୁ ନିଶୃତ କ୍ରୋଧାଗ୍ନିର ଏକ ବିରାଟ ଜ୍ୟୋତି ଯାହା ସମୁଦ୍ର ଗର୍ଭରେ ରହି ରହି ଏକ ପୁତ୍ର ତଥା ଜଳନ୍ଧର ରାକ୍ଷସ ଭାବେ ପରିଣତ ହୋଇଥିଲା। ସେହି ମହାପ୍ରତାପୀ ଜଳନ୍ଧର ମୃତ୍ୟୁ ପରେ ଶଙ୍ଖଚୁଡ ଭାବେ ଜନ୍ମ ନେଇଥିଲା। ବ୍ରହ୍ମ ବୈବର୍ତ୍ତ ପୁରାଣ ଅନୁସାରେ ଶ୍ରୀରାଧାଙ୍କ ଅଭିଶାପ ଯୋଗୁଁ ଶଙ୍ଖଚୁଡ ଓ ତୁଳସୀ (ଜଳନ୍ଧର ଓ ବୃନ୍ଦାଙ୍କ ପରଜନ୍ମ) ମାନବୀ ଓ ଦାନବ ଭାବେ ମର୍ତ୍ତ୍ୟରେ ଜନ୍ମ ନେଇଥିଲେ ଓ ମହାଦେବଙ୍କ ହାତରେ ଶଙ୍ଖଚୁଡ଼ର ନିଧନ ହେବା ପୂର୍ବ ପ୍ରାରବ୍ଧ ଥିଲା, କାରଣ ସେ ମହାଦେବଙ୍କ କ୍ରୋଧଗ୍ନିରୁ ଜାତ, ତେଣୁ ମହାଦେବଙ୍କ ଶକ୍ତି ସହିତ ଲଢ଼ିବା ଓ ପରାସ୍ତ କରିବା ଅସମ୍ଭବ ଥିଲା।

ତୁଳସୀଙ୍କ ସତୀତ୍ୱ ଶଙ୍ଖଚୁଡ ପାଇଁ ସୁରକ୍ଷା କବଚ ପାଲଟିଥିଲା। ମହାଦେବ ସମସ୍ତ ଶକ୍ତି ଲଗାଇ ମଧ୍ୟ ବିଫଳ ହେଉଥିଲେ, ତେଣୁ ଶ୍ରୀବିଷ୍ଣୁ ଶଙ୍ଖଚୁଡ ବେଶରେ ଆସି ତୁଳସୀର ସତୀତ୍ୱ ନଷ୍ଟ କରିବାକୁ ଯୋଜନା କଲେ। ତୁଳସୀ ଯେତେବେଳେ ଜାଣି ପାରି ଅଭିଶାପ ଦେବାକୁ ଯାଉଥିଲେ, ଶ୍ରୀ ବିଷ୍ଣୁ ନିଜ ସ୍ୱରୂପକୁ ଆସି କ୍ଷମା ପ୍ରାର୍ଥନା କଲେ। ତୁଳସୀ କିନ୍ତୁ କୌଣସି ପ୍ରକାର ମାନିଲେ ନାହିଁ।

ତାଙ୍କର ଅଭିଶାପକୁ ବିଷ୍ଣୁ ସ୍ୱୀକାର କଲେ ଓ କଳି ଯୁଗରେ ପାଷାଣ ହୋଇ, ତୁଳସୀ ରୂପେ ବୃନ୍ଦାବତୀଙ୍କୁ ମସ୍ତକରେ ଧାରଣ କରିବେ ବୋଲି ପ୍ରତିଶ୍ରୁତି ଦେଲେ ଏବଂ ତୁଳସୀ ପତ୍ର ନପଡ଼ିଲେ ଶ୍ରୀବିଷ୍ଣୁ ମଣୋହୀ କରିବେ ନାହିଁ ବୋଲି ବଚନ ଦେଲେ। ତୁଳସୀ ନିଜକୁ ଆତ୍ମଦାହ କରିଦେଲେ ସତ, ହେଲେ ବିଷ୍ଣୁଙ୍କ ବରଦାନ ପାଇଁ ସମସ୍ତ ଦେବତାଙ୍କ ସମ୍ମାନ ପାଇଲେ, ସଂସାରର ସବୁଠୁ ପବିତ୍ରର ଆଖ୍ୟା ନେଇ କଳି ଯୁଗରେ ପ୍ରତି ଘର ସମ୍ମୁଖରେ ପାଷାଣ ରୂପୀ ବିଷ୍ଣୁଙ୍କ ମଥା ଉପରେ ତୁଳସୀ ଗଛ ହୋଇ ପୂଜା ପାଇଲେ। ତୁଳସୀ ସ୍ପର୍ଶରେ ପ୍ରସାଦ ଅମୃତ ହେଲା। ବୃନ୍ଦାବତୀ ଯେହେତୁ ନଦୀ ହୋଇ ସ୍ୱାମୀ ଜଳନ୍ଧର(ଶିବାଂଶ)ଙ୍କ ସହ ମିଶି ଯାଇଥିଲେ, ତେଣୁ ତୁଳସୀ ମୂଳରେ ଜଳ ଦାନ କଲେ ପରିବାରରେ ସମସ୍ତେ ନିରୋଗୀ ରହିଥାନ୍ତି ବୋଲି ବିଶ୍ୱାସ ଅଛି।

ଯେଉଁ ବିଷ୍ଣୁଙ୍କୁ ପତି ରୂପରେ ପାଇବା ପାଇଁ ଗୋପିକା ବିରଜା(ତୁଳସୀ)ବର୍ଷ ବର୍ଷ ତପସ୍ୟା କରୁଥିଲେ। ସମୟ କ୍ରମେ ରାଧାଙ୍କ ଅଭିଶାପ ଯୋଗୁଁ ସେହି ବିଷ୍ଣୁଙ୍କୁ ପତି ଭାବେ ପାଇ ମଧ୍ୟ ପାଷାଣ ହେବାକୁ ଅଭିଶାପ ଦେଲେ। କିନ୍ତୁ ତୁଳସୀର ଭକ୍ତି, ପ୍ରେମ ଓ ପବିତ୍ରତା ପାଇଁ ଯୁଗେ ଯୁଗେ ସେ ବିଷ୍ଣୁପ୍ରିୟା ବା ବିଷ୍ଣୁଙ୍କ ପ୍ରେୟସୀ ଭାବେ ବିଦିତ ହେଲେ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଅଧିକ କାମ ମଧୁମେହର କାରଣ



ସରକାରୀ ଏବଂ ଘରୋଇ କାର୍ଯ୍ୟାଳୟଗୁଡ଼ିକରେ ମହିଳା କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କେତେକ ସଂସ୍ଥାରେ କାର୍ଯ୍ୟଚାପ ଯୋଗୁ ମହିଳାଙ୍କୁ ଅଧିକ ସମୟ ଅଫିସରେ ରହିବାକୁ ପଡ଼େ । ସେହିପରି କେତେକ ଘରେ ମଧ୍ୟ ମହିଳାମାନେ ବହୁ ସମୟ କାମ କରନ୍ତି । କିନ୍ତୁ ଏହା ସେମାନଙ୍କ ପାଇଁ କ୍ଷତିକାରକ ହୋଇପାରେ । ସପ୍ତାହକୁ ୪୫ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରୁଥିବା ମହିଳାମାନେ ଡାଇବେଟିସ୍ ଅର୍ଥାତ୍ ମଧୁମେହ ରୋଗରେ ପୀଡ଼ିତ ହୋଇପାରନ୍ତି । ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏ ନେଇ ୭୦ ପ୍ରତିଶତ ଆଶଙ୍କା ରହିଛି । କାର୍ଯ୍ୟକ୍ଷେତ୍ର ଉପରେ ପର୍ଯ୍ୟବେକ୍ଷଣ କରି ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଘରର ଦାୟିତ୍ୱ ସାଙ୍ଗକୁ ଅଫିସ କାମକୁ ମିଶାଇଲେ କର୍ମଜୀବୀ ମହିଳାମାନେ ଅନେକ ପରିଶ୍ରମ କରନ୍ତି । ସକାଳୁ ଶଯ୍ୟାତ୍ୟାଗ ଠାରୁ ରାତି ପର୍ଯ୍ୟନ୍ତ ସବୁତକ କର୍ତ୍ତବ୍ୟ ନିର୍ବାହ କରନ୍ତି । ତେଣୁ ଅତ୍ୟଧିକ କାର୍ଯ୍ୟଚାପ ମହିଳାଙ୍କ ଶରୀର ଉପରେ କୁପ୍ରଭାବ ପକାଏ । ହରମୋନ କ୍ଷରଣ ଅସ୍ୱାଭାବିକ ହେବା ସହ ଇନ୍ସୁଲିନ୍ ମାତ୍ରା କମିଯାଏ । କିନ୍ତୁ ସପ୍ତାହକୁ ୪୫ଘଣ୍ଟା କାର୍ଯ୍ୟ କରୁଥିବା ପୁରୁଷଙ୍କ ସ୍ୱାସ୍ଥ୍ୟ ଉପରେ ସେତେଟା ପ୍ରଭାବ ପଡ଼େନାହିଁ । କାନାଡ଼ାର କ୍ୟୁବେକ୍ ୟୁନିଭର୍ସିଟି ହସ୍ପିଟାଲ ପକ୍ଷରୁ ହୋଇଥିବା ସର୍ବେକ୍ଷଣରୁ ଏହା ଜଣାପଡ଼ିଛି । ସର୍ଭେ କରିଥିବା ଟିମ୍ ସଦସ୍ୟ କହିଛନ୍ତି ଯେ, ବିଶ୍ୱବ୍ୟାପୀ ଏବେ ମଧୁମେହ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଦୀର୍ଘ ସମୟ କାର୍ଯ୍ୟସ୍ଥଳରେ ରହିବା ଏବଂ ବର୍ଷୀୟା ୭,୦୬୫ କର୍ମଜୀବୀ ମହିଳାଙ୍କ ଉପରେ ୧୨ବର୍ଷ ଏହି ସର୍ଭେ ହୋଇଛି । କାର୍ଯ୍ୟ ସମୟକୁ ୧୫-୩୪, ୩୫-୪୦, ୪୧-୪୪ ଘଣ୍ଟା ଏବଂ ୪୫ଘଣ୍ଟାରୁ ଉର୍ଦ୍ଧ୍ୱ ଆଦି ଚାରିଭାଗ କରି ଅନୁଧ୍ୟାନ କରାଯାଇଥିଲା । ୪୫ଘଣ୍ଟାରୁ ଅଧିକ କାମ କରୁଥିବା ମହିଳାଙ୍କ ଠାରେ ମଧୁମେହ ଆଶଙ୍କା ଅଧିକ ଦେଖିବାକୁ ମିଳିଲା । ବିଶ୍ୱ ସ୍ତରରେ ଏକ ଆକଳନ ଅନୁଯାୟୀ ୨୦୩୦ ସୁଦ୍ଧା ୪୩୯ ନିୟୁତ ପ୍ରାପ୍ତବୟସ୍କ ଲୋକ ମଧୁମେହର ଶିକାର ହେବେ ।

# ଅନ୍ୟର ଦୁଃଖରେ ସମଭାଗୀ ହୁଅନ୍ତୁ



ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି ସେ ଜଣେ କରୁଣାମୟ, ସହିଷ୍ଣୁ ଏବଂ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ଅନ୍ୟର ସୁଖଦୁଃଖରେ ସାମତଳ ହେବା କିମ୍ବା ଅନ୍ୟକୁ ସାହାଯ୍ୟ କରିବା ତାଙ୍କର ନିୟମିତ ମୁଖ୍ୟ କାମ। ଏକଦା ସେ ଜାଣିପାରିଲେ ଜୟରାମ ନାମକ ଦୟାଳୁ, ଦାନବୀର ଏବଂ ପରୋପକାରୀ ସଜ୍ଜନଙ୍କର ମୃତ୍ୟୁ ହୋଇଥିବା ପରେ ତାଙ୍କ ପତ୍ନୀଙ୍କ ପାଖରେ ଅନ୍ତିମ ଯାତ୍ରା ପାଇଁ ଅର୍ଥ ନଥିଲା। ବିଦ୍ୟାସାଗରୀ ଜୟରାମଙ୍କୁ ଜାଣିନଥିଲେ। ମାତ୍ର ତାଙ୍କ ମୃତ୍ୟୁ ପରେ ଅନ୍ତିମ କ୍ରିୟା ପାଇଁ ଆର୍ଥଭାବ ଥିବା ଜାରଣିବା ପରେ ବିଦ୍ୟାସାଗର ତାଙ୍କ ଘରର ଠିକଣା ଖୋଜି ସେଠାରେ ପହଂଚିଥିଲେ। ସେଠାରେ ଜୟରାମଙ୍କ ବିଧବା ପତ୍ନୀକୁ ବୁଝାଇବା ସହ ଶ୍ରଦ୍ଧାସୁମନ ଅର୍ପଣ କମରିବା ପାଇଁ କଡ଼ରେ ବସିଥିଲେ। ଜୟରାମଙ୍କ ଘରକୁ ଆସିଥିବା ଲୋକଳଙ୍କ ଭିଡ଼ କମିଲା ପରେ ସେ ସେ ପୁଣି ତାଙ୍କ ବିଧବା ପତ୍ନୀଙ୍କ ପାଖକୁ ଗଲେ। ତାଙ୍କୁ କହିଲେ ମୁଁ ଆଉ ଜୟରାମ ଖୁବ ଭଲ ବନ୍ଧୁଥିଲେ। ଦୁଇଜଣଯାକ ପରସ୍ପରର ସୁଖଦୁଃଖରେ ଠିଆ ହୋଇଥିଲୁ। ଏକଦା ମୁଁ ଅସୁବିଧାରେ ଥିବାବେଳେ ଜୟରାମଙ୍କ ଠାରୁ କିଛି ଅର୍ଥରାଶି ସାହାଯ୍ୟ ନେଇଥିଲି। ଆଜି ମୁଁ ସେହି ଅର୍ଥ ନେଇ ତାଙ୍କ ପାଖକୁ ଆସିବାବେଳେ ଏହି ଦୁଃଖଦ ସମାଚାର ମୋତେ ମିଳିଲା। ଏବେ ତ ସେ ଚାଲିଯାଇଛନ୍ତି, ଏହି ଅର୍ଥ ଆପଣ ହିଁ ରଖିଦଅନ୍ତୁ। ବାକି ଅର୍ଥ ମୁଁ ଧୀରେ ଧୀରେ ସୁଝିବେ। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ଅର୍ଥ ମଁ ଧୀରେ ଧୀରେ ଶୁଝିଦେବି। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ସେ ଅର୍ଥକୁ ଧରିଲେ। ଭବିଷ୍ୟତରେ ବିଦ୍ୟାସାଗର ସେହି ମହିଳାଙ୍କୁ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ଅର୍ଥ ବିଧବା ପଠାଉଥିଲେ। ଅନେକ ବର୍ଷ ପରେ ଜୟରାମଙ୍କ ବିଧବା ପତ୍ନୀଙ୍କୁ ଏହି କାହାଣୀର ବାସ୍ତବତା ଜଣାପଡ଼ିଲା। ସେ ଏଭଳି ମିଛକୁ ନେଇ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ। ଆଉ ନିଜ ପୁଅ ସହ ମକି ବିଦ୍ରାଗରାଙ୍କ ଘରକୁ ଗଲେ, ସେଠାରେ ତାଙ୍କ ପାଦତଳେ ପଡ଼ି କାନ୍ଦିବାରେ ଲାଗିଲେ। ଆଉ କହିଲେ ଆପଣ ଆମର ଖରାପ ସମୟରେ ସାହାରା ହେଲେ। ଆମେ ଏହି ଋଣ କେମିତି ଶୁଝିବୁ ? ଏହା ଶୁଣି ବିଦ୍ୟାସାଗର କହିଲେ, ଭଉଣୀ ତୁମ ଆଖିର ଏହି ଲୁହ ସମସ୍ତ ଋଣୀ ଶୁଝି ସଦାରଖିଛନ୍ତି। ତେଣୁ ହୃଦୟରେ କୌଣସି ବୋଝ ନରଖି ଘରକୁ ଫେରିଯାଅ।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୪ ନଭେମ୍ବର ୨୦୨୪, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତରେ କ୍ରିକେଟ...

କ୍ରିକେଟର ରସ୍ ଟେଲରଙ୍କ ଭାଷାରେ 'ଆମେ କେବେ ସ୍ୱପ୍ନରେ ବି ଭାବିନଥିଲୁ ଯେ ଭାରତକୁ ୩-୦ରେ ଚିତ୍‌ପଟାଙ୍ଗ କରିଦେବୁ'। କେବଳ ଟେଲର କାହିଁକି, ବିଶ୍ୱର କୌଣସି କ୍ରିକେଟପ୍ରେମୀ ମଧ୍ୟ ଏଭଳି ଘଟିବ ବୋଲି କେବେହେଲେ କଳ୍ପନା କରି ନ ଥିଲେ। କିନ୍ତୁ କ୍ରିକେଟ ହେଉଛି ଅନିଶ୍ଚିତତାର ଏପରି ଏକ ଖେଳ, ଯେଉଁଥିରେ ସମ୍ଭବ ଓ ଅସମ୍ଭବର ସ୍ଥାନ ରହି ଆସିଛି। କେହି କେବେ କଳ୍ପନା କରି ନ ଥିଲେ ଯେ କ୍ରିକେଟ ଜଗତରେ ରାଜ କରୁଥିବା ୱେଷ୍ଟଇଣ୍ଡିଜ ଭଳି ପରାକ୍ରମୀ ଦଳ ମୁହଁରୁ ଭାରତ ଭଳି ସବୁଠାରୁ ଦୁର୍ବଳ ଟିମ୍ ୧୯୮୩ରେ ବିଶ୍ୱକପ୍ ଛଡ଼ାଇ ଆଣିବ। କ୍ରମାଗତ ଦୁଇ ଥର ବିଶ୍ୱକପ୍ ହାସଲ କରି ହ୍ୟାଟ୍ରିକ ଅର୍ଜନ କରିବାକୁ ଯାଉଥିବା ୱେଷ୍ଟଇଣ୍ଡିଜ ଅତି ଲଜ୍ଜାଜନକ ଭାବେ ଭାରତଠାରୁ ପରାସ୍ତ ହୋଇଥିଲା। ୱେଷ୍ଟଇଣ୍ଡିଜ ଦଳରେ ଭିଭ୍ ରିଚାର୍ଡସ, କ୍ଲାଇଭ୍ ଲଏଡ୍, ଦେସମଣ୍ଡ ହେନ୍ସ, ଗର୍ଡନ୍ ଗ୍ରୀନିଜ ଭଳି ଭୟଙ୍କର ବ୍ୟାଟ୍ସମେନ୍ ଏବଂ ମାଲକମ୍ ମାର୍ଶଲ, ମାଇକେଲ ହୋଲଡିଂ, ଆଣ୍ଡି ରବର୍ଟସ, ଜୋଏଲ ଗାର୍ଣ୍ଣରଙ୍କ ଭଳି ବିଧ୍ୱଂସକାରୀ ବୋଲର ଥିଲେ। ସେମାନେ ବିପକ୍ଷ ଟିମ୍ ମଧ୍ୟରେ ଭୟ ସଞ୍ଚାର କରୁଥିଲେ। ଏହି ଖେଳାଳିମାନଙ୍କର କ୍ୟାରିୟର ଶୀର୍ଷ ଛୁଉଁଥିବା ବେଳେ ଦୁର୍ବଳ ଟିମ୍ ରୂପେ ପରିଚିତ ଭାରତଠାରୁ ପରାଜୟ ସେମାନଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଥିଲା। ତେଣୁ 'ହାତୀର ହତ୍ୟା ପାଇଁ ପିମ୍ପୁଡ଼ି ବି ଯଥେଷ୍ଟ' ନ୍ୟାୟରେ କ୍ରିକେଟରେ ମ୍ୟାଚ୍ ଫଳାଫଳ କେତେବେଳେ କ'ଣ ହେବ କହିବା କଷ୍ଟକର। ସେଇଥିପାଇଁ ଟେଷ୍ଟ ମ୍ୟାଚ୍ ହେଉ କି ସୀମିତ ଓଭର (୫୦ ଓଭର ମ୍ୟାଚ୍/ଟି-୨୦) ମ୍ୟାଚ୍ ହେଉ, ଶେଷ ବଲ୍ ଯାଏଁ ଉତ୍କଣ୍ଠା ଲାଗି ରହିଥାଏ। ଏହା ହେଉଛି କ୍ରିକେଟର ସବୁଠାରୁ ବଡ଼ ସୁନ୍ଦରତା, ବିଶେଷତା ଓ ଆକର୍ଷଣ। ବିଜୟ ହେଉ କି ପରାଜୟ, ଏହାକୁ ଖେଳୁଆଡ଼ ମନୋଭାବରେ ଗ୍ରହଣ କରାଯିବା ଉଚିତ। ନଭେମ୍ବର ୩ ତାରିଖରେ ମୁମ୍ବାଇର ୱାଂଖେଡ଼େ ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ଇତିହାସ ରଚିଲା। ରେକର୍ଡ ପାହାଡ଼ ଉପରେ ଆଡ୍ଡା ଜମାଇଥିବା ଭାରତୀୟ ଦଳର ସବୁ ଗରିମା ଧୂଳିସାତ ହୋଇଗଲା। ୩୬ ବର୍ଷ ପରେ ଭାରତରେ ଟେଷ୍ଟ ମ୍ୟାଚ୍ ଜିତୁଜିତୁ ନ୍ୟୁଜିଲାଣ୍ଡ ୩-୦ରେ ସିରିଜ୍ ଜିତି ଅସମ୍ଭବକୁ ସମ୍ଭବରେ ପରିଣତ କରିବାରେ ସମର୍ଥ ହେଲା। ଅନ୍ୟପକ୍ଷରେ ଭାରତ ପାଇଁ ଏହା ଥିଲା ଅତି ନୈରାଶ୍ୟଜନକ ମୁହୂର୍ତ୍ତ। ବିଶ୍ୱ ଟେଷ୍ଟ କ୍ରିକେଟ ଇତିହାସରେ ଭାରତ ନିଜ ମାଟିରେ ପ୍ରଥମଥର ଲାଗି ତିନିଟିକିଆ ଟେଷ୍ଟ ସିରିଜରେ ମୂଳପୋଛ ହୋଇଛି। ୧୯୩୪ ପରେ ଏହା ହେଉଛି ଭାରତର ସବୁଠାରୁ ଖରାପ ପ୍ରଦର୍ଶନ। ତିନି ମାସ ତଳେ ଟି-୨୦ ବିଶ୍ୱ କପ୍ ଜିତିଥିବା ଭାରତୀୟ ଦଳକୁ ଏହି ପରାଜୟ ଶୋକରେ ବୁଡ଼ାଇ ଦେଇଛି। ଏଥିପାଇଁ ଭାରତୀୟ ଦଳକୁ ଚାରି ଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। କେବଳ କ୍ରିକେଟପ୍ରେମୀ ନୁହନ୍ତି, ପୂର୍ବତନ ଖେଳାଳି ଓ ବିଶେଷଜ୍ଞ ମଧ୍ୟ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ଟିମ୍ ଇଣ୍ଡିଆର ଅତ୍ୟଧିକ ଆତ୍ମବିଶ୍ୱାସ ହେଉ କି ବିପକ୍ଷ ଟିମ୍‌ର ଶକ୍ତି ମାପିବାରେ ବିଫଳତା ହେଉ, ଶକ୍ତିଶାଳୀ ଦଳ ଭୁଶୁଡ଼ି ପଡ଼ିଲା। ଏଭଳି ପରିସ୍ଥିତି କାହିଁକି ସୃଷ୍ଟି ହେଲା, ତାହା ଉପରେ ଆତ୍ମସମୀକ୍ଷା କରିବାର ସମୟ ଆସିଛି। ତେବେ ଭାରତୀୟ ଟିମ୍ ପାଇଁ ସବୁଠାରୁ ଆଶ୍ୱସ୍ତିର ବିଷୟ ହେଉଛି ଯେ ଏହି ପରାଜୟକୁ ନେଇ କ୍ରିକେଟପ୍ରେମୀ ଯେଉଁଭଳି ପ୍ରତିକ୍ରିୟାଶୀଳ ହୁଅନ୍ତି, ଏବେ ତାହା ଦେଖିବାକୁ ମିଳିନାହିଁ। ନହେଲେ କ୍ରିକେଟ ଖେଳାଳିଙ୍କ ବାହାରକୁ ବାହାରିବା ମୁସ୍କିଲ ହୋଇପଡ଼ନ୍ତା। ୧୯୯୬ରେ ଇଡେନ ଗାର୍ଡେନରେ ଅନୁଷ୍ଠିତ ବିଶ୍ୱକପ୍ ସେମିଫାଇନାଲ ହେଉ କି ପାକିସ୍ତାନ ବିରୋଧରେ ଏସିଆନ ଟେଷ୍ଟ ଚାମ୍ପିଆନସିପ୍ ହେଉ, ଭାରତୀୟ ଦର୍ଶକ ଷ୍ଟାଡିୟମରେ ଯେଉଁଭଳି ବିଶୃଙ୍ଖଳା ସୃଷ୍ଟି କରିଥିଲେ ସେଥିପାଇଁ ଭାରତକୁ ଅପବାଦ ମୁଣ୍ଡାଇବାକୁ ପଡ଼ିଥିଲା। ନିଜ ଦଳ ହାରୁଥିବା ଦେଖି ସେମାନେ ଉତ୍ତେଜିତ ହୋଇପଡ଼ିଥିଲେ। ୨୦୦୩ ଏବଂ ୨୦୦୭ ବିଶ୍ୱ କପ୍‌ରେ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। କିନ୍ତୁ ଏବେ ସେମାନଙ୍କ ମାନସିକତା ଓ ସ୍ୱଭାବରେ ବିରାଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଏବେର କ୍ରିକେଟପ୍ରେମୀ ଅପେକ୍ଷାକୃତ ଶାନ୍ତ ଏବଂ ସେମାନେ ଖେଳ ଉପଭୋଗ କରିବାକୁ ପସନ୍ଦ କରନ୍ତି। ଭାରତର ପରାଜୟକୁ ସେମାନେ ଶୀଘ୍ର ଭୁଲିଯାଉଛନ୍ତି। ସମ୍ଭବତଃ ଆଇପିଏଲ୍ ପ୍ରତିଯୋଗିତା ସେମାନଙ୍କ ମାନସିକତାକୁ ବଦଳାଇଦେଇଛି। ପୂର୍ବରୁ ଭାରତରେ କ୍ରିକେଟର ବିଶେଷ ମହତ୍ତ୍ୱ ନ ଥିଲା। କିନ୍ତୁ ୧୯୮୩ରେ ଭାରତ ବିଶ୍ୱକପ୍ ଜିତିବା ପରେ ଭାରତୀୟମାନେ ଗୋଟିଏ ପ୍ରକାର କ୍ରିକେଟ ପାଗଳ ହୋଇଯାଇଥିଲେ। କ୍ରିକେଟ ପ୍ରତି ଆକର୍ଷଣ ଅସମ୍ଭବ ଭାବେ ବୃଦ୍ଧି ପାଇଲା। ଖେଳ ଓ ଖେଳାଳିଙ୍କ ବ୍ୟାବସାୟିକ ଗୁରୁତ୍ୱ ବଢ଼ିଲା। ଖେଳ ଓ ଖେଳାଳିଙ୍କ ପ୍ରାୟୋଜନ ପାଇଁ ଅନେକ କଂପାନୀ/ସଂସ୍ଥା ଆଗେଇ ଆସିଲେ। ଏହାପରେ ଆସିଲେ ସଚିନ ତେନ୍ଦୁଲକର। ତାଙ୍କୁ କ୍ରିକେଟ୍‌ର ଭଗବାନ କୁହାଗଲା। ସେ କ୍ରିକେଟ ବ୍ୟବସାୟର ମୋଡ଼ ବଦଳାଇଦେଲେ। ତାଙ୍କ ଯୋଗୁଁ ଭାରତରେ କ୍ରିକେଟ ସବୁଠାରୁ ଲୋକପ୍ରିୟ ଏବଂ ବ୍ୟାବସାୟିକ କ୍ରୀଡ଼ାର ମାନ୍ୟତା ପାଇଲା। ମିଳିଥିବା ତଥ୍ୟ ଅନୁଯାୟୀ ସଚିନ ତେନ୍ଦୁଲକର କ୍ରିକେଟରୁ ଅବସର ନେଇ ସାରିଥିଲେ ମଧ୍ୟ କ୍ରିକେଟରମାନଙ୍କ ମଧ୍ୟରେ ଏବେ ବି ସେ ହେଉଛନ୍ତି ସବୁଠାରୁ ଧନୀ। ତାଙ୍କ ପାଖରେ ୧୩୦୦ କୋଟି ଟଙ୍କାର ସମ୍ପତ୍ତି ଥିବା ବେଳେ ତାଙ୍କ ପଛକୁ ରହିଛନ୍ତି ବିରାଟ କୋହଲି। ତାଙ୍କର ସମ୍ପତ୍ତି ମୂଲ୍ୟ ହେଉଛି ୧୦୫୦ କୋଟି। ତୃତୀୟ ସ୍ଥାନରେ ରହିଛନ୍ତି ମହେନ୍ଦ୍ର ସିଂହ ଧୋନୀ। ତାଙ୍କ ସମ୍ପତ୍ତି ମୂଲ୍ୟ ହେଉଛି ୧୦୪୦ କୋଟି ଟଙ୍କା। ସୌରଭ ଗାଙ୍ଗୁଲି ୫୦୦ କୋଟି ଟଙ୍କାର ମାଲିକ ଥିବା ବେଳେ ବୀରେନ୍ଦ୍ର ସେହ୍ୱାଗ ୩୪୭ କୋଟି ଟଙ୍କା, ଯୁବରାଜ ସିଂହ ୨୯୧ କୋଟି ଟଙ୍କାର ମାଲିକ ଅଛନ୍ତି। ସେହିଭଳି ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମାଙ୍କ ପାଖରେ ୨୧୬ କୋଟି ଟଙ୍କାର ସମ୍ପତ୍ତି ରହିଛି।

# ଓଡ଼ିଆ ପର୍ବ ଓ କାର୍ତ୍ତିକ ମାହାତ୍ମ୍ୟ

### ତୁଷାର କୁମାର ସାହୁ



ଓଡ଼ିଆମାନେ ବାର ମାସରେ ତେର ପର୍ବ ପାଳନ କରନ୍ତି। ହିନ୍ଦୁ ପଞ୍ଜିକାରେ ବାର ମାସ ମଧ୍ୟରୁ କାର୍ତ୍ତିକ ମାସକୁ ସର୍ବଶ୍ରେଷ୍ଠ ମାସ ବୋଲି ବିବେଚନା କରାଯାଏ। ସବୁଠୁ ଅଧିକ ଧର୍ମ ତଥା ପୁଣ୍ୟ ମାସ ମନେକରି ଲୋକମାନେ ଭଗବାନ ଶିବଙ୍କର ଆରାଧନା କରନ୍ତି। କଥିତ ଅଛି, ଉଭୟ ଶୈବ ଏବଂ ବୈଷ୍ଣବ ଭକ୍ତଗଣ ନିଜର ବିଶ୍ୱାସ ସହିତ ଏହି ମାସରେ ଜୀବନର ସବୁ ଶୃଙ୍ଖଳାକୁ କଠୋର ଭାବରେ ପାଳନ କରିବା ସହିତ ଆଧ୍ୟାତ୍ମିକ ଧାରାର ରୀତିନୀତିକୁ ବିଶେଷ ଗୁରୁତ୍ୱ ଦେଇଥାନ୍ତି। ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି, କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ସୁଖମୟ ଓ ନିରାମୟ ଜୀବନଯାପନ ସହ ମୋକ୍ଷ ପ୍ରାପ୍ତ ହୁଏ। କୁମାର ପୂର୍ଣ୍ଣିମା ପରଦିନ ଠାରୁ କାର୍ତ୍ତିକ ମାସ ଆରମ୍ଭ ହୋଇଯାଏ। ବାର ମାସ ମଧ୍ୟରୁ ଭଗବାନ ମହାଦେବଙ୍କ ପ୍ରିୟର ମାସ ହେଉଛି କାର୍ତ୍ତିକ। କାର୍ତ୍ତିକ ମାସର ପ୍ରତ୍ୟେକ ସୋମବାର ଦିନ ପ୍ରାୟ ଲୋକେ ଉପବାସ ଆଚରଣ କରିଥାନ୍ତି। ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ଅକ୍ଟୋବରର ଶେଷ ଓ ନଭେମ୍ବର ମାସର ପ୍ରଥମ ଭାଗରେ ଏହି ବ୍ରତ ପାଳନ କରାଯାଏ। ବ୍ରତ କରୁଥିବା ଶ୍ରଦ୍ଧାଳୁଙ୍କ ମନରେ ଏକ ଆଧ୍ୟାତ୍ମିକ ଧାରଣା ଆସେ ଯେ, ଭଗବାନ ବିଷ୍ଣୁ ଏବଂ ମହାଦେବ ଏକ ଅଟନ୍ତି। ତେଣୁ ଏହି ମାସରେ ବିଷ୍ଣୁ ଅଥବା ଶିବଙ୍କୁ ପୂଜାର୍ଚ୍ଚନା କଲେ ଧର୍ମୀୟ ସୌଭାଗ୍ୟ ମିଳେ ବୋଲି ବିଶ୍ୱାସ କରାଯାଏ। ଏହି ମାସରେ ବିଷ୍ଣୁ ସହସ୍ର ନାମ ଅବା ଶିବ ସହସ୍ର ନାମ, ଶିବସ୍ତୋତ୍ର ଆଦି ଶ୍ରଦ୍ଧାଳୁ ବେଶ୍ ଭକ୍ତିର ସହ ଜପ କରିଥାନ୍ତି। କାର୍ତ୍ତିକ ମାସରେ ଥିବା ସମସ୍ତ ଧର୍ମ ବା ରୀତିନୀତିକୁ କଠୋର ଭାବରେ ପାଳନ କରିବା ଜଣେ ବ୍ୟକ୍ତି ପକ୍ଷରେ ସମ୍ଭବ ନୁହେଁ। ପୁରାଣ କଥାବସ୍ତୁ ଅନୁସାରେ, ଭଗବାନ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ନିଦ୍ରା ଯାଇ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଜାଗ୍ରତ ହୁଅନ୍ତି। କଥିତ ଅଛି, ଭଗବାନ ଶିବ କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ବଧ କରି ବ୍ରହ୍ମାଣ୍ଡକୁ ରକ୍ଷା କରିଛନ୍ତି। ଏ ମାସରେ ଦେବୀ ଗଙ୍ଗା ବା ଗଙ୍ଗାନଦୀ ସମସ୍ତ ନଦୀ, କେନାଲ, ପୁଷ୍କରିଣୀ ଆଦିରେ ପ୍ରବେଶ କରିଥାନ୍ତି। ତେଣୁ ଗଙ୍ଗାନଦୀ ଭଳି ଏମାନେ ବି ପବିତ୍ର ହେବାର ସୁଯୋଗ ଲାଭ କରନ୍ତି। ପୁଣ୍ୟ ମାସ କାର୍ତ୍ତିକରେ ନଦୀରେ ସ୍ନାନ କରି ଭକ୍ତମାନେ ଶିବଙ୍କର ଉପାସନା କରିଥାନ୍ତି। ଯାହାକୁ କି କାର୍ତ୍ତିକ ସ୍ନାନ କୁହାଯାଏ। ହିନ୍ଦୁ ପରମ୍ପରାରେ କାର୍ତ୍ତିକ ସ୍ନାନର ଏକ ସ୍ୱତନ୍ତ୍ରତା ରହିଛି। କାର୍ତ୍ତିକ ମାସରେ ଜଳ ପୃଥିବୀ ପୃଷ୍ଠକୁ ଅଧିକ ଚୁମ୍ବକୀୟ ଶକ୍ତି ସଂଗ୍ରହ କରିଥାଏ। ଏହା ସୂର୍ଯ୍ୟୋଦୟ ଆଗରୁ ଘଟେ ବୋଲି କେତେକ ବୈଜ୍ଞାନିକ କାରଣ ରହିଛି। ଫଳତଃ କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ଆଗରୁ ସ୍ନାନ କରିବା ବିଧେୟ। ପ୍ରବାହିତ ହେଉଥିବା କୌଣସି ଏକ ଜଳାଶୟରେ କାର୍ତ୍ତିକ ମାସରେ ୧୫ ମିନିଟ୍ ଗାଧୋଇଲେ ପେଟ ସମ୍ବନ୍ଧୀୟ ସମସ୍ୟା, ଲିଭର ସମସ୍ୟା ଭଳି ରୋଗରୁ ମଣିଷ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରିପାରେ। ଏହା ଚୁମ୍ବକୀୟ ଥେରାପି ହେତୁ ହୋଇଥାଏ।

କାର୍ତ୍ତିକ ମାସରେ ଦେବ ମନ୍ଦିର ପ୍ରାଙ୍ଗଣରେ 'ସପ୍ତା' ବସି ଭାଗବତ ପାଠ ମଧ୍ୟ ଲୋପ ପାଇବାକୁ ବସିଲାଣି। ସାତଦିନ ଧରି ଏ ଉତ୍ସବ ଚାଲେ। ନଡ଼ିଆ ପତ୍ର ଘେରା ଆବଦ୍ଧ ସ୍ଥାନ ମଧ୍ୟରେ ଗୋଟିଏ କଣକୁ ବର୍ଗାକାର ଗର୍ତ୍ତଟିଏ ଖୋଳାଯାଏ। ଦିବାରାତ୍ରି, ସେଠାରେ ଧୁନି ଲାଗିଥାଏ। ବକ୍ତା ବା ପୂଜକ ଭାଗବତ ପାଠ କରନ୍ତି। ଗ୍ରାମ ମଧ୍ୟରୁ ଜଣେ ଧର୍ମପରାୟଣ ମୁଖ୍ୟ ବ୍ୟକ୍ତି କର୍ତ୍ତା ହୋଇଥାନ୍ତି। ସେ ଶ୍ରୋତାର କାମ କରନ୍ତି। ଗୋଟିଏ ବେଳା ପ୍ରସାଦ ସେବନ। ସାତଦିନ ପର୍ଯ୍ୟନ୍ତ ଏହା ଚାଲେ। ଉଦ୍ୟାପନ ଦିବସରେ ଗ୍ରାମବାସୀମାନଙ୍କ ପକ୍ଷରୁ ଚାନ୍ଦା ସଂଗୃହୀତ ହୋଇ ସମସ୍ତଙ୍କୁ ପଂକ୍ତି ଭୋଜନରେ ଅପ୍ୟାୟିତ କରାଯାଏ। କାର୍ତ୍ତିକ ମାସର ପୂର୍ଣ୍ଣାହୁତି ପର୍ବ କାର୍ତ୍ତିକ ପୂର୍ଣ୍ଣିମା। ମାସଟିଯାକର ଅନ୍ତିମ ଦିନ। ସତର୍କତା ସହ ଶୁଦ୍ଧପୁତ ଭାବରେ ଉକ୍ତ ଦିନଟି ପାଳନ କରାଯାଏ ଆବାଳ ବୃଦ୍ଧ ବନିତାଙ୍କ ଉପାସ୍ୟ ଆଶୁତୋଷଙ୍କ ପୂଜାରେ।

କାର୍ତ୍ତିକ ମାସକୁ ରାଇ ଦାମୋଦର ମାସ ବି କୁହାଯାଏ। କାରଣ ଏହି ମାସରେ ବିଷ୍ଣୁଙ୍କର ଆରାଧନା କରାଯାଇଥାଏ। ଯେଉଁମାନେ ତିରିଶ ଦିନ ଯାକ ପୂଜାବିଧି କରିନପାରନ୍ତି ସେମାନେ ଅତି କମ୍‌ରେ ଦଶ ଦିନ ନିଷ୍ଠାର ସହ ଭଗବାନଙ୍କୁ ସ୍ମରଣ କରନ୍ତି। କାର୍ତ୍ତିକ ମାସ ଭଳି ଧର୍ମୀୟ ମାସ ଆଉ ନଥିବା କଥା ପୁରାଣରେ ବର୍ଣ୍ଣିତ। ଉଭୟ ଦେବତାଙ୍କର ଏହା ଅତି ପ୍ରିୟ ମାସ। ସମଗ୍ର କାର୍ତ୍ତିକ ମାସଟି କେବଳ ଓଡ଼ିଆ ଜାତି କାହିଁକି ହିନ୍ଦୁମାନଙ୍କ ଲାଗି ଏକ ଧର୍ମର ମାସ। ଦୀପାବଳି ସହ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୁଏ। ଦଶହରାରେ ମା' ଆଦ୍ୟାଶକ୍ତି ଦୁର୍ଗାଙ୍କର, କୁମାର ପୂର୍ଣ୍ଣିମାରେ ମା' ଲକ୍ଷ୍ମୀଙ୍କର ଏବଂ କାଳୀପୂଜାରେ ମା' କାଳୀଙ୍କର ଆରାଧନା କରାଯାଇଥାଏ। ନିଜେ ଅଜ୍ଞାନ ଅନ୍ଧକାରରୁ ଆଲୋକମୟ ପରିବେଶକୁ ଆସିବା ଲାଗି ପିତୃପୁରୁଷ ତଥା ମାମୁଘରର ପୂଜା ଏ ମାସର ବୈଶିଷ୍ଟ୍ୟ। ତେଣୁ ଧର୍ମଶାସ୍ତ୍ର ପ୍ରମାଣ ଦେଇଛନ୍ତି, ଉକ୍ତ ମାସରେ ଆମିଷ ଭକ୍ଷଣ ମଧ୍ୟ ନିଷିଦ୍ଧ। ହିନ୍ଦୁଧର୍ମରେ ବାର ମାସରେ ତେର ପରବ ପାଳନ କରାଯାଏ। ବ୍ରତ ପାଳନ ଦ୍ୱାରା ସମସ୍ତ ପାପରୁ ତ୍ରାହି ମିଳେ, ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ। ପୁରାଣ ଓ ଧର୍ମଶାସ୍ତ୍ର ଅନୁସାରେ, ଅନ୍ୟ ମାସ ଅପେକ୍ଷା କାର୍ତ୍ତିକ ମାସରେ ବ୍ରତ ଉପବାସର ମହତ୍ତ୍ୱ ଅଧିକ ଥାଏ। କାର୍ତ୍ତିକରେ ବ୍ରତ ଉପବାସ କରୁଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି ହୁଏ। ଏହି ମାସରେ ଭଗବାନ ବିଷ୍ଣୁଙ୍କ ଉପାସନା କ୍ରମ ଆରମ୍ଭ ହୋଇଥାଏ। ଏହି ମାସରେ ସ୍ୱାମୀଙ୍କ ରକ୍ଷା ପାଇଁ କରବା ଚୌଥ୍, ରମା ଏକାଦଶୀ, ଗୌବତ୍ସ ଦ୍ୱାଦଶୀ, ଧନତେରସ୍, ନରକ ଚତୁର୍ଦ୍ଦଶୀ, ହନୁମାନ ଜୟନ୍ତୀ, ମା'ଲକ୍ଷ୍ମୀଙ୍କ ଦୀପାବଳି, ଅନ୍ନକୂଟ ମହୋତ୍ସବ, ଗୋବର୍ଦ୍ଧନ ପୂଜା, ଭାଇ ପୂଜା, ଛଟପୂଜା ଆଦି ପଡ଼ିଥାଏ। ହିନ୍ଦୁ ପଞ୍ଜିକାରେ ୧୨ଟି ଚନ୍ଦ୍ରମାସ ରହିଛି। କାର୍ତ୍ତିକ ଅଷ୍ଟମ ଚନ୍ଦ୍ରମାସ। ଧର୍ମଶାସ୍ତ୍ରରେ ସବୁଠାରୁ ପୁଣ୍ୟ ମାସ ଭାବେ କାର୍ତ୍ତିକକୁ ବିବେଚନା କରାଯାଏ। ପଦ୍ମପୁରାଣରେ ଏହି ମାସକୁ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଦାନକାରୀ ମାସ ବୋଲି ମାନ୍ୟତା ରହିଛି। ପୌରାଣିକ କଥାବସ୍ତୁ ଅନୁଯାୟୀ, କାର୍ତ୍ତିକ ମାସରେ ଦୀପଦାନ ଦ୍ୱାରା ମନୁଷ୍ୟର ସମସ୍ତ ପାପ ନଷ୍ଟ ହୋଇଥାଏ। କୁହାଯାଏ, ଏହି ମାସରେ ଯେଉଁ ବ୍ୟକ୍ତି ଦେବାଳୟ, ନଦୀକୂଳ, ତୁଳସୀ ଗଛ ମୂଳରେ କିମ୍ବା ନିଜ ଶୟନ କକ୍ଷରେ ଦୀପ ଜାଳିଥାଏ, ତାକୁ ସମସ୍ତ ପ୍ରକାର ସୁଖ ପ୍ରାପ୍ତି ହୋଇଥାଏ। ଏହି ମାସରେ ସକାଳର ସ୍ନାନକୁ ବହୁତ ଶୁଭ କୁହାଯାଏ। କାର୍ତ୍ତିକ ମାସରେ ସୂର୍ଯ୍ୟୋଦୟ ପୂର୍ବରୁ ନଦୀ, ପୋଖରୀ, କୂଅ ଅଥବା ନଳକୂପ ଜଳରେ ସ୍ନାନ କଲେ ସୁଖ, ସମୃଦ୍ଧି, ଆୟୁ ବୃଦ୍ଧି ସହ ଆରୋଗ୍ୟ ପ୍ରାପ୍ତି ହୋଇଥାଏ।


ଇମ୍ପୋରିୟମ ଲେନ୍,
ରାଣୀହାଟ, କଟକ,
ମୋ: ୯୮୬୧୦୪୭୫୭୫


# ଯିଏ ରାମ ସିଏ ଜଗନ୍ନାଥ

### ଆଶିଷ କୁମାର ସ୍ୱାଇଁ



ସନାତନ ହିନ୍ଦୁ ଧର୍ମର ଧର୍ମଗ୍ରନ୍ଥ, କିମ୍ବଦନ୍ତୀ, ଲୋକକଥା ତଥା ବିଭିନ୍ନ ସାଧୁ ସନ୍ଥ ପଣ୍ଡିତଙ୍କ ଧାର୍ମିକ ବିଶ୍ଲେଷଣ ଆଦିକୁ ଅନୁଧ୍ୟାନ କଲେ ଆମେ ପ୍ରଭୁ ଶ୍ରୀରାମ ଏବଂ ଶ୍ରୀ ଜଗନ୍ନାଥଙ୍କ ବିଷୟରେ ଜାଣିପାରିବା। ହିନ୍ଦୁଧର୍ମ ରେ ବହୁଧା ଅର୍ଥାତ୍ ଭିନ୍ନ ମତର ସ୍ଥାନ ରହିଛି। ଋଗବେଦରେ 'ଏକମ୍ ସତ୍ ବିପ୍ରାହଃ ବହୁଧା ବଦନ୍ତି' ବୋଲି କୁହାଯାଇଛି। ଏହାର ଅର୍ଥ ହେଉଛି 'ସତ୍ୟ ଗୋଟିଏ କିନ୍ତୁ ଜ୍ଞାନୀମାନେ ତାକୁ ଭିନ୍ନ ଭିନ୍ନ ଭାବରେ ତଥା ରୂପରେ ବର୍ଣ୍ଣନା କରନ୍ତି', ସେଥିପାଇଁ ହିନ୍ଦୁ ଦର୍ଶନରେ ନିରିଶ୍ୱରବାଦୀ ତଥା ନାସ୍ତିକ ସିଦ୍ଧାନ୍ତ ଯେପରିକି ଋଷି ଚାର୍ବାକଙ୍କ ଲୋକାୟତ ଦର୍ଶନକୁ ମଧ୍ୟ ଅନ୍ୟ ଆସ୍ତିକଙ୍କ ପରି ଠିକ୍ ସେହି ଭଳି ଜାଗା ମିଳିଛି।

ସମସ୍ତ ମତ, ପନ୍ଥି ଓ ଧର୍ମାବଲମ୍ବୀ ମାନଙ୍କର ଶ୍ରୀ ଜଗନ୍ନାଥଙ୍କ ପ୍ରତି ବିଶ୍ୱାସ ଓ ଶ୍ରଦ୍ଧା ରହିଆସିଛି।

ଯମ୍ ଶୈଃ ସମୁପାସତେ ଶିବ ଇତି ବ୍ରହ୍ମେତି ବେଦନ୍ତୀନଃ।
ବୌଦ୍ଧ ବୁଦ୍ଧ ଇତି ପ୍ରମାଣପଟ୍ୱଃ କର୍ତ୍ତେତି ନ୍ୟାୟୀୟିକଃ ॥
ଅରହନିତ୍ୟଥା ଜୈନ ଶାସନରତଃ କର୍ମେତି ମୀମାଂସକଃ।
ସୋୟମ୍ ଭୋ ବିଦଧତୁ ବାଞ୍ଛିତଫଲମ୍ ତ୍ରୈଲୋକ୍ୟନାଥୋ ହରିଃ ॥

ଅର୍ଥାତ୍- ହେ ମହାପ୍ରଭୁ, ଶୈବ ମାନେ ଆପଣଙ୍କୁ ଶିବଙ୍କ ରୂପରେ, ବେଦାନ୍ତୀ ମାନେ ବ୍ରହ୍ମାଙ୍କ ରୂପରେ, ବୌଦ୍ଧ ମାନେ ବୁଦ୍ଧଙ୍କ ରୂପରେ, ଜୈନ ମାନେ ଅରାହତ ଜୀନଙ୍କ ରୂପରେ, ନ୍ୟାୟୀୟିକ ମାନେ ନ୍ୟାୟାବତାର ଭାବେ ଏବଂ ମୀମାଂସକ ମାନେ କର୍ମାବତାର ଭାବେ ତୁମର ଉପାସନା କରନ୍ତି। ହେ ଅନାଥ ଲୋକର ନାଥ ଜଗନ୍ନାଥ, ମନୋବାଞ୍ଛିତ ଫଳ ପ୍ରଦାନ କର।

ଶ୍ରୀ ଜଗନ୍ନାଥ ଓ ଶ୍ରୀରାମଙ୍କ ମଧ୍ୟରେ କିଛି ଅନ୍ତର ନାହିଁ। ସୁତରାଂ, ଦୁହେଁ ଦୁଇ ଜଣଙ୍କ ଅନନ୍ୟ ଅବତାର ମାତ୍ର। ଯେପରିକି ପୁରାଣରେ କୁହାଗଲା 'ସର୍ବଦେବ ନମସ୍କାରମ୍ କେଶବମ୍ ପ୍ରତିଗଚ୍ଛତି।' କିମ୍ବା ସ୍କନ୍ଦ ପୁରାଣରେ କୁହାଗଲା 'ଯଥା ତୋୟ ପ୍ରବାହାଣାମ୍ ସମୁଦ୍ରହ ପରମାବଧି। ତଥୈବ ସର୍ବ ମାର୍ଗାଣମ୍ ସାକ୍ଷ୍ୟାନିଷ୍ଠା ମହେଶ୍ୱର ॥' ଅର୍ଥାତ୍ ଯେପରି ଆକାଶରୁ ବୃଷ୍ଟିଜଳ ସମୁଦ୍ରରେ ସମାହିତ ହୋଇଥାଏ, ସେହିପରି ଯେକୌଣସି ଦେବାଦେବୀଙ୍କ ପ୍ରତି ପ୍ରଣାମ ସେହି କେଶବ ତଥା ମହେଶ୍ୱରଙ୍କୁ ଯାଏ। ଯଦି ଆମେ ଏହି ସିଦ୍ଧାନ୍ତକୁ ସ୍ଥୂଳଚକ୍ଷୁରେ ଦେଖିବା ତେବେ ଶ୍ରୀ ଜଗନ୍ନାଥ ମନ୍ଦିର ର ଶିଖର ରେ ଅଙ୍କାଯାଇଥିବା ରାମାନନ୍ଦୀ ଟିକାକୁ ଦେଖିପରିବା, ଯାହାକି ଶ୍ରୀ ରାମାନନ୍ଦାଚାର୍ଯ୍ୟ ସମ୍ପ୍ରଦାୟର ବୈଷ୍ଣବ ସିଦ୍ଧାନ୍ତ ଅନୁସାରେ ବିଷ୍ଣୁ, କେଶବ, ରାମ ଓ ଜଗନ୍ନାଥଙ୍କୁ ଯୋଡେ ଏବଂ ଅବତାରର ପ୍ରତିରୂପ ବୋଲି ଦର୍ଶାଏ। ଯଦିଓ ବୈଷ୍ଣବମାନେ ମଧ୍ୟ ଭୌଗଳିକ ଓ ସାମାଜିକ କାରଣରୁ ଭିନ୍ନ ଭିନ୍ନ ମାର୍ଗରେ ପ୍ରଭୁଙ୍କୁ ଅର୍ଚ୍ଚନା କରନ୍ତି, ଯେପରିକି ଉତ୍କଳୀୟ ବୈଷ୍ଣବ ମାନେ 'ଜ୍ଞାନ ମିଶ୍ର ଭକ୍ତି'ରେ ବିଶ୍ୱାସ ରଖନ୍ତି କିନ୍ତୁ ବଙ୍ଗୀୟ/ଗୌଡିୟ ବୈଷ୍ଣବମାନେ 'ରାଗାନୁଗ ଭକ୍ତି' ଅର୍ଥାତ୍ ପ୍ରେମ ଓ ସମର୍ପଣ ରେ ବିଶ୍ୱାସ ରଖନ୍ତି।

ଶ୍ରୀ ଜଗନ୍ନାଥଙ୍କ ଅନ୍ୟନାମ ପୁରୁଷୋତ୍ତମ ଏବଂ ଶ୍ରୀରାମଙ୍କ ଅନ୍ୟନାମ ବି ମର୍ଯ୍ୟାଦା ପୁରୁଷୋତ୍ତମ ଅର୍ଥାତ୍ ଦୁହେଁ ହେଉଛନ୍ତି ପୁରୁଷ ମାନଙ୍କ ମଧ୍ୟରେ ଶ୍ରେଷ୍ଠ। ତ୍ରେତୟାରେ ଶ୍ରୀରାମ ଏବଂ କଳିଯୁଗରେ ଶ୍ରୀ ଜଗନ୍ନାଥ ଧର୍ମର ପ୍ରତିଷ୍ଠା ପାଇଁ ଦେବଭୂମି ଭାରତରେ ଅବତୀର୍ଣ୍ଣ ହୋଇ ନିଜର ଉତ୍କୃଷ୍ଟ ଜୀବନ ମୂଲ୍ୟକୁ ପ୍ରତିପାଦିତ କରିଛନ୍ତି। ପିଢ଼ି ପରେ ପିଢ଼ି ସମସ୍ତେ ରାମାୟଣ ଶୁଣି ଶୁଣି ବଡ ହୋଇଛନ୍ତି। ଏହାକୁ କେବଳ ପୁରାଣ କହି ଏଡାଇଦେବା ବୋଧହୁଏ ଭୁଲ ହେବ, ଆମକୁ ମାନିବାକୁ ହେବ ଯେ ଶ୍ରୀରାମ ମା ଭାରତୀଙ୍କ କୋଳମଣ୍ଡନ କରି 'ଧର୍ମସଂସ୍ଥାପନାର୍ଥୟ ସମ୍ଭବାମି ଯୁଗେଯୁଗେ' ଉକ୍ତିକୁ ଚରିତାର୍ଥ କରିଛନ୍ତି।

ଓଡ଼ିଶାରେ ଗଙ୍ଗ ରାଜବଂଶର ଶାସନକାଳ ସମୟରେ ସୀତାରାମଙ୍କ ଆନୁଷ୍ଠାନିକ ପୂଜାର ଆରମ୍ଭ ହୋଇଥିବା କଥା ଇତିହାସ ପୃଷ୍ଠାରୁ ଜଣାପଡେ। ଶ୍ରୀକୂର୍ମମ୍ ମନ୍ଦିର ଶିଳାଲେଖରୁ ଜଣାପଡେ ଯେ, ଗଙ୍ଗବଂଶୀ ରାଜା ଭାନୁଦେବ ପ୍ରଥମଙ୍କ ସମୟରେ ଓଡ଼ିଶା ଭ୍ରମଣରେ ଆସିଥିଲେ ମହାନ୍ ଅଦ୍ୱୈତବାଦୀ ଶ୍ରୀ ନରହରି ତୀର୍ଥ। ଭାନୁଦେବଙ୍କ ପୁତ୍ର ରାଜା ନରସିଂହଦେବ ଦ୍ୱିତୀୟଙ୍କ ଆଧ୍ୟାତ୍ମିକ ପରାମର୍ଶଦାତା ହେବା ସହ ଶ୍ରୀକୂର୍ମମ୍ ମନ୍ଦିର ରେ ରାମ, ସୀତା ଏବଂ ଲକ୍ଷ୍ମଣଙ୍କ ମୂର୍ତ୍ତି ପ୍ରତିସ୍ଥାପିତ କରିଥିଲେ।

ଅନ୍ୟ ସାଧୁସନ୍ଥଙ୍କ ଭଳି ଗୋସ୍ୱାମୀ ତୁଳସୀ ଦାସ ଏକଦା ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ସକାଶେ ପୁରୀ ଆସିଥାନ୍ତି। ସେ ଯେତେବେଳେ ରତ୍ନ ସିଂହାସନରେ ବିରାଜମାନ ଜଗନ୍ନାଥଙ୍କୁ ଦେଖିଲେ, ସେଠାରେ ସେ ତାଙ୍କ ଆରାଧ ଶ୍ରୀରାମଙ୍କୁ ଦେଖି ଚକିତ ହୋଇଯାଇଥିଲେ। ଆଉ ବଳଭଦ୍ରଙ୍କୁ ଲକ୍ଷ୍ମଣ ଭାବେ ଏବଂ ଭଗବତୀ ସୁଭଦ୍ରାଙ୍କୁ ମାତା ସୀତାଙ୍କ ଅବତାର ଭାବେ ଦେଖିଲେ ଆଉ ସେ ଅବଧି ଭାଷାରେ କହିଲେ -

'ଯୋହି ରାମ ସୋହି ଜଗଦୀଶ, ଦିନ ହି କେ ଅନନ୍ତ ପାବତ ସେଶା।
ଶେସା ଭୟ ଲଛିମନ ଅନୁଚରି, ଭଦ୍ରା ସୋ ସୀୟା ରାଜକୁମାରୀ'

ଅର୍ଥାତ୍ ସେ ରାମ, ଯିଏ ଜଗନ୍ନାଥ। ଭାରତର ସମସ୍ତ ରାମ ଭକ୍ତ ଜଗନ୍ନାଥଙ୍କୁ ପ୍ରଭୁ ରାମ ଭାବେ ପୂଜା କରନ୍ତି।

ବାଲ୍ମିକୀ ରାମାୟଣରେ ମହର୍ଷି ବାଲ୍ମିକୀ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଷୟରେ ବର୍ଣ୍ଣନା କରିଛନ୍ତି-

' ଆରାଧ ଜଗନ୍ନାଥମ୍ ଇକ୍ଷାକୁ କୁଳ ଦୈବତାମ୍।
ଆରାଧନିୟୋ ମଣିଶମ୍ ଦେବାନାମ୍ ବସବୈସ୍ଥା'

ପରମ ଭକ୍ତ ଶ୍ରୀ ହନୁମାନ ଓ ରାଜା ବିଭୀଷଣଙ୍କୁ ଉପଦେଶ ଭାବେ ଶ୍ରୀ ରାମ କହିଛନ୍ତି ଯେ ତ୍ରେତୟା ଯୁଗ ପରେ ମୋତେ ଶ୍ରୀ ଜଗନ୍ନାଥଙ୍କ ନାମରେ ଉପାସନା କରିବ। ବାଲ୍ମିକୀ ରାମାୟଣ ଅନୁସାରେ ଶ୍ରୀ ଜଗନ୍ନାଥ ଓ ଶ୍ରୀରାମ ଉଭୟ ସୂର୍ଯ୍ୟବଂଶୀ/ ଇକ୍ଷାକୁ ବଂଶୀ ଥିଲେ। ଶ୍ରୀରାମ ଓ ଜଗନ୍ନାଥଙ୍କ ସାଂସ୍କୃତିକ ସମନ୍ୱୟ କୁ ଜଗନ୍ନାଥଙ୍କ ମନ୍ଦିର ନିତିକାନ୍ତି ରେ ପ୍ରତିଫଳିତ ହୁଏ। ଜଗନ୍ନାଥ ମନ୍ଦିର ପୂର୍ବ ଦ୍ୱାରରେ ଥିବା ଦଶାବତାର ମୂର୍ତ୍ତିରେ କୋଦଣ୍ଡଧାରୀ ଶ୍ରୀରାମଙ୍କ ବିଗ୍ରହ ଅବସ୍ଥିତ ରହିଛି। ରଥଯାତ୍ରା ସମୟରେ ପୂର୍ଣ୍ଣିମା ଦିନ ରାତିରେ ବିଭୀଷଣ ଶ୍ରୀ ବିଗ୍ରହଙ୍କୁ ପୂଜା କରିଥାନ୍ତି। ଶ୍ରୀଜୀଉଙ୍କ ପବିତ୍ର ରଘୁନାଥ ବେଶ ଯାହାକି ଅତି ବିରଳ ଓ ମନୋରମ ଦୃଶ୍ୟ। ଯେଉଁ ବର୍ଷ ଶ୍ରୀରାମଙ୍କ ରାଜ୍ୟାଭିଷେକ ବୈଶାଖ ମାସରେ ପଡେ, ସେଦିନ ଏଇ ବେଶ କରାଯାଏ। ଶ୍ରୀମନ୍ଦିରର ମାଦଳା ପାଞ୍ଜି ଅନୁସାରେ ଏହି ବିରଳ ନୀତି ପ୍ରଥମେ ୧୫୭୭ ମସିହାରେ ଅନୁଷ୍ଠିତ ହୋଇଥିଲା ଏବଂ ତା'ପରେ ଯଥାକ୍ରମେ ୧୭୩୯, ୧୮୦୯, ୧୮୩୩, ୧୮୪୨, ୧୮୯୩, ୧୮୯୬ ଏବଂ ଶେଷ ଥର ପାଇଁ ୧୯୦୫ ମସିହାରେ ହେଇଥିଲା। ଏହି ବେଶ ପାଇଁ ଶ୍ରୀଜୀଉଙ୍କୁ ସୁବର୍ଣ୍ଣ ଅଳଙ୍କାର ରେ ଶୃଙ୍ଗାର କରାଯାଏ। ଯେହେତୁ ରତ୍ନ ଭଣ୍ଡାର ଖୋଲିବା ନ ଖୋଲିବା ବିବାଦସ୍ପଦ ହୋଇରହିଛି ସେ ପାଇଁ ଏହି ବେଶ ବହୁବର୍ଷ ହେବ ହୋଇପାରିନାହିଁ। ପୁରୀ ରେ ଚୈତ୍ରମାସ ରାମ ନବମୀ ସମୟରେ ୧୫ ଦିନ ସାହି ଯାତ୍ରା ଅନୁଷ୍ଠିତ ହୁଏ ରାମାୟଣ ର ବିଭିନ୍ନ ପାତ୍ର ଯେପରିକି ରାମ, ଲକ୍ଷ୍ମଣ ସୀତା, ପରଶୁରାମ, ରାବଣ ଆଦିଙ୍କ ପଟୁଆର ବାହାରେ। ବସନ୍ତ ପଞ୍ଚମୀ ସମୟରେ ପୁରୀ ରେ ବେଣ୍ଟ ଯାତ୍ରା ଅନୁଷ୍ଠିତ ହୁଏ ଯେଉଁଥିରେ ପ୍ରଭୁ ଶ୍ରୀରାମଙ୍କୁ ନଗର ପରିକ୍ରମା କରି ଶିକାର ପାଇଁ ଜଗନ୍ନାଥ ବଲ୍ଲଭ ଉଦ୍ୟାନକୁ ନିଆଯିବାର ବିଧାନ ରହିଛି। ରଥଯାତ୍ରା ସମାପ୍ତି ଆଡ଼କୁ ନବଦିନ ଯାତ୍ରା ସମାପନ କରି ନୀଳାଦ୍ରି ବିଜେ ବୃତ୍ତାନ୍ତଟି ଶ୍ରୀରାମଙ୍କ ଅଯୋଧ୍ୟା ଆଗମନ ଭଳି ଅନୁଷ୍ଠିତ ହୁଏ।

ଓଡିଶାରୁ ଉତ୍ପତ୍ତି ହୋଇଥିବା ନାଥ ସମ୍ପ୍ରଦାୟ ର ଟିକା ଗୋବିନ୍ଦଚନ୍ଦ୍ର ପୁସ୍ତକ ରୁ ଉଦ୍ଧୃତ ଏକ ପ୍ରସିଦ୍ଧ ଲୋକଗୀତ ହେଲା-

'ଭଜୁ କିନା ରାମ ନାମରେ କୁମର, ବୋଲୁ କିନା ରାମ ନାମ।
ଭଜି ନପାରିଲେ କୁଳଚନ୍ଦ୍ରମାରେ, ବାନ୍ଧିନେବ କାଳଯମରେ ।।'

ଏହି ଗୀତ ଗାଇ କେନ୍ଦରା ବଜାଇ ବଜାଇ ରାମ ନାମର ପ୍ରଚାର କରି ଗାଁ ଗାଁ ବୁଲନ୍ତି ନାଥ ସମ୍ପ୍ରଦାୟର ସିଦ୍ଧ ଯୋଗୀ ମାନେ।

ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ନ୍ୟାସର ତତ୍ତ୍ୱାବଧାନ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ କରକମଳ ରେ ଲୋକାର୍ପିତ ହେବାକୁ ଥିବା ଶ୍ରୀରାମଙ୍କ ମନ୍ଦିର ଆମ ସଂସ୍କୃତିର ଆଧୁନିକ ପ୍ରତୀକ ହେବ। ଆମର ସନାତନ ଶାଶ୍ୱତ ଓ ଆସ୍ଥାର ପ୍ରତୀକ ପାଲଟିବ। ଏହା ଆମ ରାଷ୍ଟ୍ରୀୟ ଭାବନାର ପ୍ରତୀକ ହେବ ଏବଂ ଏହି ମନ୍ଦିରଟି କୋଟି କୋଟି ଲୋକଙ୍କ ସାମୂହିକ ସଂକଳ୍ପ, ଶକ୍ତିର ବି ପ୍ରତୀକ ପାଲଟିବ। ଏ ମନ୍ଦିରଟି ଆଗାମୀ ପିଢ଼ିକୁ ଆସ୍ଥା, ଶ୍ରଦ୍ଧା ଏବଂ ସଂକଳ୍ପର ପ୍ରେରଣା ଦେବ।

ଦୁନିଆର ଅନେକ ଦେଶ ରାମଙ୍କ ନାମ ବନ୍ଦନା କରନ୍ତି। ସେଠାକାର ନାଗରିକ ନିଜକୁ ନିଜେ ଶ୍ରୀରାମଙ୍କ ସହ ଯୋଡି ହୋଇଯାଆନ୍ତି ଏବଂ ତାଙ୍କୁ ଭକ୍ତି କରନ୍ତି। ବିଶ୍ୱର ସର୍ବାଧିକ ମୁସଲମାନ ଜନସଂଖ୍ୟା ବିଶିଷ୍ଟ ଦେଶ ଇଣ୍ଡୋନେସିଆରେ ମଧ୍ୟ ରାମ ବେଶ୍ ଲୋକପ୍ରିୟ। ଆମ ଦେଶ ଭଳି ସେଠାରେ 'କାକାବିନ୍' ରାମାୟଣ, ସ୍ୱର୍ଣ୍ଣଦ୍ୱୀପ ରାମାୟଣ, ଯୋଗେଶ୍ୱର ରାମାୟଣ ଭଳି ଅନେକ ଅଭିନବ ରାମାୟଣ ରହିଛି। ରାମ ଆଜି ମଧ୍ୟ ସେଠାରେ ପୂଜନୀୟ। କାମ୍ବୋଡ଼ିଆରେ 'ରମକେର' ରାମାୟଣ, ଲାଓରେ 'ଫ୍ରା ଲାକ୍କା ଲାମ' ରାମାୟଣ, ମାଲେସିଆରେ 'ହିକାୟତ ସେରି ରାମତୋ', ଥାଇଲାଣ୍ଡରେ 'ରାମାକେନ୍' ଆଦି ରାମାୟଣ ଲୋକପ୍ରିୟ। ଇରାନ ଏବଂ ଚୀନରେ ମଧ୍ୟ ରାମକଥା ଓ ବିବରଣୀ ଆପଣଙ୍କୁ ମିଳିବ। ଶ୍ରୀଲଙ୍କାରେ ରାମାୟଣ କଥା ଜାନକୀ ହରଣ ନାମରେ ପରିଚିତ। ନେପାଳରେ ରାମଙ୍କ ସହିତ ଲୋକଙ୍କର ଆତ୍ମିକ ସଂପର୍କ ରହିଛି। କାରଣ ଏ ଦେଶ ମାତା ଜାନକୀଙ୍କ ଜନ୍ମମାଟି। ଆମ ଅସ୍ମିତା ତଥା ଭାବାବେଗ ର ପ୍ରତୀକ ଶ୍ରୀରାମଙ୍କ ବିନା ଭାରତ ଓ ଜଗନ୍ନାଥଙ୍କ ବିନା ଉତ୍କଳ ର କଳ୍ପନା ଅସମ୍ଭବ। ସୁତରାଂ, ପ୍ରଭୁ ଶ୍ରୀରାମ ଓ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତିର ସମନ୍ୱୟ ଓ ସଂଶ୍ଲେଷଣ ଆମ ଚିରନ୍ତନ ଓ ସନାତନ ଧ୍ୟେୟ ହେଉ। ଭାରତର ଜନଜୀବନ ରେ ସାମାଜିକ ନ୍ୟାୟ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏବଂ ରାଷ୍ଟ୍ରୀୟ ଚରିତ୍ରର ଭାବ ସଞ୍ଚାରିତ ହେଉ। ଏତିକି ହିଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା। ଜୟ ଶ୍ରୀ ରାମ, ଜୟ ଜଗନ୍ନାଥ, ଜୟ ମା ଭାରତୀ


ଭୁବନେଶ୍ୱର, ଓଡିଶା
M.Sc. Life Sciences (Zoology)
MA in Sociology (Cont.)
ମୋ: ୯୦୭୮୮୧୨୧୨୧





## ପବିତ୍ର କାର୍ତ୍ତିକେ ପୁଣ୍ୟ ପଞ୍ଚୁକ

### ପ୍ରଦୀପ୍ତ କୁମାର ଦାସ



ପବିତ୍ର କାର୍ତ୍ତିକେ ପୁଣ୍ୟ ପଞ୍ଚୁକ,
ପାଳିଲେ ବ୍ରତ ଘୁଞ୍ଚଇ ପାତକ।
ନିଷ୍ଠାର ସାଥେ ସଭିଏଁ ପାଳନ୍ତି,
ନିରାମିଷ ଖାଦ୍ୟ ହବିଷ୍ୟ ଖାନ୍ତି।

ଶୁଦ୍ଧ ମନେ ପ୍ରାଣେ ବିଶ୍ୱାସ କରି,
ଶୁଭ ମନାସନ୍ତି ବିଭୁଙ୍କୁ ସ୍ମରି।

ବିଶେଷ ଭାବରେ ପାଳନ୍ତି ନାରୀ,
ପରିବାରର ଶୁଭ ଚିନ୍ତା କରି।
ପ୍ରଭାତରୁ ଉଠି କରନ୍ତି ସ୍ନାନ,
ଦେବାଦେବୀ ପାଦେ ରଖନ୍ତି ଧ୍ୟାନ।

ଚଉରା ନିକଟେ ଆଙ୍କି ମୁରୁଜ,
ସୁନ୍ଦର ଝୋଟିର କରନ୍ତି ସଜ।

ବାଉଁଶ ଅଗରେ ଆକାଶ ଦୀପ,
ଜାଳି ଦୂର କରି ଥାଆନ୍ତି ପାପ।
କାର୍ତ୍ତିକ ଶୁକ୍ଳ ଶେଷ ପାଞ୍ଚଦିନ,
ପୁଣ୍ୟ ପଞ୍ଚକ କରନ୍ତି ପାଳନ।

ଏକାଦଶୀଠାରୁ ପୂର୍ଣ୍ଣିମା ଯାଏଁ,
ପାଳନ୍ତି ପଞ୍ଚକ ବ୍ରତ ସଭିଏଁ।
ପୁଣ୍ୟ ପଞ୍ଚୁକ ଭିନ୍ନ ଭିନ୍ନ ନାମେ
ଅଛି ଶାସ୍ତ୍ରୀୟ ବିଧିର ନିୟମେ।

ସେ ବକ ପଞ୍ଚୁକ ବିଷ୍ଣୁ ପଞ୍ଚୁକ,
ଭୀଷ୍ମ ପଞ୍ଚୁକ ନାମରେ ଯେତେକ।
ଏ ପାଞ୍ଚଦିନ ବଗ ପାଳେ ବ୍ରତ
ଖାଏନି ଆଇଁଷ ରହେ ଧ୍ୟାନରତ।

କାର୍ତ୍ତିକ ଅଟଇ ଧରମ ମାସ
ସ୍ୱଚ୍ଛ ନିର୍ମଳ ରହେ ପରିବେଶ।
ଫୁଲ ଫଳରେ ହସଇ ପ୍ରକୃତି
ବିଲ ବଣ ଦିଶେ ସୁନ୍ଦର ଅତି।

ଓଡ଼ିଆ ଜାତିର ଗର୍ବ ଗୌରବ
ବିଶ୍ୱେ ପ୍ରଚାରେ ତାର ଭାତୃଭାବ।
ଜଗତର ନାଥ ଶ୍ରୀଜଗନ୍ନାଥ
ଶ୍ରୀକ୍ଷେତ୍ରରେ ରହି ଦେଖାନ୍ତି ପଥ।

ପଞ୍ଚୁକରେ ହୋଇ ପାଞ୍ଚଟି ବେଶ
ଏ ସଂସାରକୁ ଦିଅନ୍ତି ଆଶିଷ।
ସ୍ମରଣ କରି ପୂର୍ବ ପରମ୍ପରା
ବୋଇତ ବନ୍ଦାଣ ହୁଅଇ ପରା।

ବାଣିଜ୍ୟେ ସାଧବ ବିଦେଶ ଯାଇ
ଫେରୁଥିଲେ ଧନ ଦୌଲତ ନେଇ।
ସେଇ ସ୍ମୃତିରେ ପାନ ଗୁଆ ଥୋଇ
ପୁନେଇଁରେ ଦେଉ ନୌକା ଭସାଇ।

ଆ କା ମା ବୈ ର ଗୀତ ଗାଇ ଗାଇ
ପୁଞ୍ଚୁକ ପାଳନ୍ତି ଆନନ୍ଦ ହୋଇ।
ମହାନ ସଂସ୍କୃତିକୁ ଦେଇ ମାନ
ସୁଖ ଶାନ୍ତିରେ ବିତାଉ ଜୀବନ।


କୋହି,ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨


## ପୁଣ୍ୟ ପଞ୍ଚୁକ

### ଜଗଦୀଶ ସାହୁ



ପାହାନ୍ତିଆ ଶୀତ ଥରେ ଦେହ ହାତ
ମନ ଖୋଜୁଥାଏ ଖରାକୁ
ପାର୍ବତୀ ନନ୍ଦନ ମୟୂର ବାହନ
ଚଢି ଆସିଛନ୍ତି ଧରାକୁ।
ତାଙ୍କ ଆଶିଷରେ ପ୍ରତି ଘରେ ଘରେ
ସୁଖ ଶାନ୍ତି ପ୍ରୀତି ଭରିବ
କରିଲେ ସେ ଦୟା ତୁଟିଯିବ ମାୟା
ଭକ୍ତ ମନୋଭୀଷ୍ଟ ପୂରିବ।
ପୁଣ୍ୟ ପଞ୍ଚୁକରେ ରାସ ମଣ୍ଡପରେ
ଭାଗବତ ପଢା ଚାଲିଛି
ଧର୍ମ ବାଣୀ ଶୁଣି ଆମଗାଁ ତରଣୀ
ନିଜ ଦୁଃଖ କଷ୍ଟ ଭୁଲିଛି।
ସାତ୍ତ୍ୱିକ ଆହାର ନିର୍ମଳ ବିଚାର
ଧରମର ଏଇ ମାସରେ
ଯିଏ ପାଳିଥିବ ଅନ୍ତକାଳେ ଯିବ
ନିଶ୍ଚୟ ସେ ବିଷ୍ଣୁବାସରେ।


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ : ୯୦୭୮୧୮୫୬୧୬



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୪୨



**ଡ.ସିନ୍ଧୁ ସେନ୍**

ଓଃ କି ଆନନ୍ଦ । ମୋ ମନପକ୍ଷୀ ଯେମିତି ଡେଣାଛାଟି ଉଡୁଥିଲା ମୁକ୍ତ ଆକାଶରେ । ମୋରି ରକ୍ତର ସ୍ୱାକ୍ଷର ବହନ କରି ରାଣୀ ମନ୍ଦୋଦରୀଙ୍କ ଗର୍ଭରେ ଅଙ୍କୁରିତ ହୋଇଉଠିଛି ଆମ ଦାୟାଦ । ଏ ସମ୍ବାଦ ଠାରୁ ଆଉ କ'ଣ ସୁଖ ସମ୍ବାଦ ମୋ ପାଇଁ ଥାଇପାରେ । ଏକ ଆବେଗ ପୁଲକରେ ମନ୍ଦୋଦରୀଙ୍କୁ ବକ୍ଷଲଗ୍ନା କରି ନାଚି ଉଠିଲି, ଠିକ୍ ସନ୍ତାନକୁ ଜାକିଧରିଲା ଭଳି । ପିତୃତ୍ୱର ପ୍ରଥମ ଅନୁଭୂତି ଆସ୍ୱାଦନ କରି ମୁଁ ଆତ୍ମହରା ହୋଇ ଉଠିଥିଲି ।

ଭାବୁଥିଲି, ଏମିତି କାହିଁକି ହୁଏ ? ନାରୀ ଜନ୍ମର ସାର୍ଥକତା ନଥାଏ କେବଳ ବଧୂତ୍ୱରେ, ବରଂ ଥାଏ ମାତୃତ୍ୱରେ । ପ୍ରସବ ବେଦନା ଯେତେ ବେଦନାଦାୟକ ହେଲେ ମଧ୍ୟ ପ୍ରତ୍ୟେକ ନାରୀ ସେ ଯନ୍ତ୍ରଣା ପାଇବାକୁ କାହିଁକି ଆତୁର ହୁଅନ୍ତି । ଯେଉଁ ସନ୍ତାନ ମାତାର ଜରାୟୁକୁ ଛିନ୍ନଭିନ୍ନ କରି ଅଧୀର କରାଇଦିଏ, ସେଇ ସନ୍ତାନ ପ୍ରାପ୍ତି ପାଇଁ ମାତା ଏତେ ଆନନ୍ଦ ବିହ୍ୱଳା କାହିଁକି ? ସେଇ ତ ରହସ୍ୟ । ଚିରଦିନ ରହିଯାଇଛି ଏକ ଅମୀମାଂସିତ ପ୍ରଶ୍ନବାଚୀ ହୋଇ... ।

ମନ୍ଦୋଦରୀଙ୍କ ମୁହଁକୁ ଯେତେ ଯେତେ ଅନାଇ ରହୁଥିଲି, ସେତେ ମୁଗ୍ଧଚକିତ ହୋଇ ଯାଉଥିଲି, ମନ୍ଦୋଦରୀଙ୍କ ମୁହଁରେ ମଧ୍ୟ ପରିତୃପ୍ତିର ଦୀପ୍ତ ଝଲକ । ଏମିତି ଏକ ଖୁସି ଖବରକୁ ମୋ ସହ ବାଣ୍ଟିବା ପାଇଁ ତ ସେ ମୋ ପାଖକୁ ଧାଇଁ ଆସିଛନ୍ତି । ତେବେ ଏ ଆନନ୍ଦକୁ କେବଳ ଆମ ଦୁହିଁଙ୍କ ମଧ୍ୟରେ ସୀମିତ ନରଖି ସମସ୍ତଙ୍କ ମଧ୍ୟରେ ବାଣ୍ଟିଦେବା ଉଚିତ ହେବ । ରାଜପରିଷଦ ମାନଙ୍କୁ ଏ ବିଷୟରେ ଜଣାଇଲି । ସମଗ୍ର ରାଜ୍ୟରେ ଉତ୍ସବ, ଅନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଲି । କେବଳ ସେତିକି ନୁହେଁ । ଆମ କୁଳଦେବୀ ମାତା ବିପଦତାରିଣୀଙ୍କ ପାଖରେ ମଉଛବ କରିବା ପାଇଁ ମଧ୍ୟ ସ୍ଥିର ହୋଇଗଲା । ରାଜା ଭାବେ ସମସ୍ତଙ୍କୁ ଖୁସି କରିବା ମୋର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ।

ମୁଁ ଲଙ୍କାଧିପତି ରାବଣ । ମୋ ପରିବାର କହିଲେ ସମଗ୍ର ଲଙ୍କା ରାଜ୍ୟର ପରିବାରକୁ ହିଁ ବୁଝାଏ । ପ୍ରଜାମାନଙ୍କୁ ଖୁସିରେ ମୋର ଖୁସି । ଆନନ୍ଦ, ଖୁସିକୁ ବାଣ୍ଟିବା ମୋର ଧର୍ମ । ପ୍ରଜାକୁଳ ଜାଣନ୍ତୁ, ସେମାନଙ୍କ ରାଜା କେବଳ କ୍ରୋଧୀ, ଆଉ ଭୟଙ୍କର ନୁହଁନ୍ତି । ତାଙ୍କର ମଧ୍ୟ ଏକ ସୁନ୍ଦର, କୋମଳ ହୃଦୟ ଅଛି । ସେଥିରୁ କେବଳ ଲାଭାଗ୍ନି ଝରେନା, ବରଂ ଅମୃତ ବି ଝରେ । ମନ୍ଦୋଦରୀଙ୍କ ସହ ଏମିତି କିଛି ବିଶେଷ ମୁହୂର୍ତ୍ତ ଅତିବାହିତ କରି ମୋତେ ରାଜସଭାକୁ ଯିବାକୁ ପଡ଼ିଲା । ଲଙ୍କାର ରାଜସଭା । ମାତାମହଙ୍କ ଅମଳରୁ ଏ ରାଜସଭା ଥିଲା ଆଜି ବି ଅଛି । ହେଲେ ତଫାତ୍ ଏତିକି ସେଦିନ ରାଜସଭାର ଅବସ୍ଥା ଆଉ ଏବେ ଲଙ୍କାର ରାଜସଭା ଅନେକ ଭିନ୍ନ । କାରଣ ମୋର ଲଙ୍କାଗଡ଼ରେ ପ୍ରବେଶ ପରେ ମୟଦାନବଙ୍କ ତତ୍ତ୍ୱାବଧାନରେ ଲଙ୍କାଗଡ଼ର ଆମୂଳଚୂଳ ପରିବର୍ତ୍ତନ କରାଇ ଦେଇଥିଲି । ତେଣୁ ଏବର ଲଙ୍କା ରାଜ୍ୟ ସ୍ୱର୍ଗପୁରୀ ସଭାକକ୍ଷ ଠାରୁ ମଧ୍ୟ ଆହୁରି ଅଧିକ ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟରେ ଭରପୂର । ସମଗ୍ର ସଭାଗୃହଟି ପୂରି ଉଠିଥିଲା । ସଭାସଦ୍‌ମାନେ ନିଜନିଜ ଆସନରେ ଆସୀନ । ମାତାମହ ମଧ୍ୟ ନିଜ ଆସନରେ ବସିଥାନ୍ତି । ଆମ ପରିବାରର ସମସ୍ତ ସଦସ୍ୟ ନିଜନିଜ ଆସନରେ ବସିଥାନ୍ତି । ମୁଁ ଯଥାସମୟରେ ସଭାଗୃହରେ ପ୍ରବେଶ କଲି । ସମସ୍ତଙ୍କ ଚଞ୍ଚଳତା ପରେ ବେଶ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ ହୋଇଉଠିଲା ପରିବେଶ । ଆଗାମୀ ଭବିଷ୍ୟତରେ ଆମର ବିଶ୍ୱବିଜୟ ସମ୍ପର୍କରେ ପ୍ରସ୍ତୁତି କେମିତି ଚାଲିଛି, ତାହା ଜାଣିବା ପାଇଁ ପ୍ରଥମେ ସେନାପତିଙ୍କ ମୁହଁରୁ ଜାଣିବାକୁ ଚାହିଁଲି । ପ୍ରକୃତରେ ଆମ ସୈନ୍ୟବଳ କେତେ ସେ ବିଷୟ ସେନାପତିଙ୍କ ପାଖରେ ନିଶ୍ଚୟ ଖବର ଥିବ ।

ଆମ ସେନାପତି ବିରାଟକୁମାର ମଧ୍ୟ ମୋ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଲେ ମହାରାଜ, ଆମ ରାକ୍ଷସ ବାହିନୀର ବୀରତ୍ୱ ଉପରେ କିଛି ସନ୍ଦେହ ନାହିଁ । ସେମାନେ ଯେକୌଣସି ମୁହୂର୍ତ୍ତରେ ଲଢ଼ିବାପାଇଁ ପ୍ରସ୍ତୁତ । ଆପଣଙ୍କ ଆଶୀର୍ବାଦରୁ ଆମର ସେନାବାହିନୀ ସଦାଜାଗ୍ରତ । କେବଳ ଆପଣଙ୍କ ଆଦେଶ ଅପେକ୍ଷାରେ ରହିଛନ୍ତି ।

ସେମାନଙ୍କ ମୁହଁରୁ ଏମିତି ଅଭୟବାଣୀ ଶୁଣି ମୋତେ ମଧ୍ୟ ଖୁବ୍ ଆନନ୍ଦ ଲାଗିଲା । ଯାହାହେଉ ପୂର୍ବର ଲଙ୍କା ସେନା ଆଉ ଏବେକାର ଲଙ୍କା ସେନାନୀ ଭିତରେ ଅନେକ ପାର୍ଥକ୍ୟ । ସମସ୍ତେ ଏବେ ସଜାଗ, ତେଣୁ ବିଶ୍ୱବିଜୟ ପାଇଁ ମୋ ରାସ୍ତା ପରିଷ୍କାର ହୋଇ ଆସିଲାଣି । କେବଳ ବିଜୟଯାତ୍ରାର ପ୍ରତୀକ୍ଷାରେ ଆମେ ସବ ରହିଛୁ । ମୁଁ ଭଲଭାବେ ଜାଣିଥିଲି ଆର୍ଯ୍ୟ, ଅନାର୍ଯ୍ୟ ମଧ୍ୟରେ ଚିରକାଳ ଶତ୍ରୁତା ରହି ଆସିଛି । ବହୁତ ଦିନରୁ ଆର୍ଯ୍ୟ ମାନଙ୍କର ଗର୍ବ, ଅହଂକାରକୁ ଆମକୁ ଭାଂଗିବାକୁ ପଡ଼ିବ ।

ଆମ ପାରିଷଦ ମାନଙ୍କ ମଧ୍ୟରୁ କେହି ଜଣେ କହୁଥିଲେ । ମହାରାଜ, ଆପଣ ବୀର ପରଶୁରାମଙ୍କ କଥା ତ ଶୁଣିଥିବେ । ଯିଏ ପ୍ରତିଶୋଧ ପରାୟଣ ହୋଇ ଏକୋଇଶ ଥର କ୍ଷତ୍ରିୟ ମାନଙ୍କ ଉପରେ ଆକ୍ରମଣ କରିଥିଲେ । ଏବେ କିନ୍ତୁ ସେମାନେ ପୁନର୍ବାର ସକ୍ରିୟ ହୋଇ ଉଠିଲେଣି । ସେହି ବଳଶାଳୀ ଆର୍ଯ୍ୟ ରାଜାମାନଙ୍କୁ ପ୍ରଥମେ ଆମ ଅଧୀନକୁ ଆଣିବାକୁ ପଡ଼ିବ । ସେମାନେ ହେଲେ ମିଥିଳା ରାଜା ଜନକ, କୋଳର ରାଜା ଦଶରଥ, ଆହୁରି ଅନେକ । ଏମିତି ସବୁ କଥାବାର୍ତ୍ତାରୁ ଜଣାପଡ଼ିଲା, କେବଳ ଆର୍ଯ୍ୟରାଜା କାହିଁକି ଆଉ ଜଣେ ମହାବଳୀ ମଧ୍ୟ ଅଛନ୍ତି ।

କିଏ ସେ ମହାବଳୀ ? ମୋର ପ୍ରଶ୍ନିଳ ଦୃଷ୍ଟି ଆଡ଼େ ଅନାଇ ସେପଟୁ ବିଭୀଷଣ କହିଲେ ସେ ହେଉଛି ବାନର ରାଜ ବାଳୀ, କିଷ୍କିନ୍ଧ୍ୟାର ଅଧିପତି । ସାରା ବିଶ୍ୱରେ ମଲ୍ଲଯୁଦ୍ଧରେ ତାଙ୍କ ସହ ସମକକ୍ଷ କେହି ବୀର ନୁହଁନ୍ତି । ମୋର ପ୍ରିୟ ପାରିଷଦ ମାନଙ୍କ ମୁହଁରୁ ଯେତେଯେତେ ଶତ୍ରୁପକ୍ଷର ପ୍ରଶଂସା ଶୁଣୁଥିଲି, ମୁଁ ସେତେସେତେ ବିଚଳିତ ହୋଇ ପଡୁଥିଲି । ତାର ଅର୍ଥ ଶତ୍ରୁପକ୍ଷର ଅନେକେ ମୋ ଠାରୁ ବୀର ଅଛନ୍ତି । ମୋ ମନରେ ତେଣୁ ନିଜକୁ ବୀର ମନେ କରୁଥିବା ସମସ୍ତ ଗର୍ବ ପାଣିଫୋଟକା ପରି ମିଳେଇ ଯାଉଥିଲା ।

ମୁଁ ରାବଣ ଅନ୍ୟର ସ୍ତୁତିଗାନ ଶୁଣିବା ମୋ ପକ୍ଷରେ କଷ୍ଟକର । ମୁଁ ଚାହେଁ, ମୋ ପକ୍ଷର ବୀରମାନେ କେବଳ ମୋରି ସ୍ତୁତିଗାନ କରିବେ, ପରକ୍ଷଣରେ ଭାବିଲି ସେମାନେ ତ କିଛି ଭୁଲ୍ କହୁନାହାଁନ୍ତି । ବରଂ ସେମାନଙ୍କ ବିଷୟରେ ସବିଶେଷ ତଥ୍ୟ ମୋତେ ଜଣାଇ ଦେଇ ମୋତେ ଆଗକୁ ବଢ଼ିବାର ପ୍ରେରଣା ଦେଉଛନ୍ତି । ମୋତେ ତେଣୁ ସେମାନଙ୍କ ମତ ଅନୁଯାୟୀ ଆଗାମୀ ଦିନରେ କିଛି ପଦକ୍ଷେପ ନେବାକୁ ପଡ଼ିବ । ଆମ ଭିତରେ ଏମିତି ବାର୍ତ୍ତାଳାପ ଚାଲିଥିବାବେଳେ ଦୂତ ଆସି ସମ୍ବାଦ ଲୋ ଯେ ନୈମିଷାରଣ୍ୟର ରାକ୍ଷସବୀର ସୁକେତୁ ମୋ ସହ ଦେଖା କରିବାକୁ ଚାହାଁନ୍ତି ।

ନୈମିଷାରଣ୍ୟ, ଆର୍ଯ୍ୟାବର୍ତ୍ତର କେନ୍ଦ୍ରସ୍ଥଳ । ଠିକ୍ ହୃତ୍‌ପିଣ୍ଡ ଭଳି । ଯେଉଁଠି ରହିଛି ଅନେକ ଋଷିଙ୍କ ଆଶ୍ରମ, ପ୍ରଖ୍ୟାତ ଋଷିକୁଳ ସେଇଠାରେ ହିଁ ଅବସ୍ଥାନ କରିଥାନ୍ତି । ଆର୍ଯ୍ୟସଂସ୍କୃତିର କେନ୍ଦ୍ରବିନ୍ଦୁ ଭାବେ ଖ୍ୟାତ । ଯେଉଁଠି ସର୍ବଦା ଯଜ୍ଞାନୁଷ୍ଠାନ ମଧ୍ୟ କରାଯାଏ । ଏପରିକି ମହର୍ଷି ବିଶ୍ୱାମିତ୍ରଙ୍କ ଆଶ୍ରମ ମଧ୍ୟ ସେଇଠି । ମୁଁ ତେଣୁ ଜାଣିଶୁଣି ପୂର୍ବରୁ ସେଠାରେ ରାକ୍ଷସ ବାହିନୀକୁ ପଠାଇଥିଲି ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

**ଜ୍ୟୋସ୍ନାମୟୀ ପଣ୍ଡା**



॥ ଭାଗ-୬୭ ॥

ପ୍ରଜାପତି ବ୍ରହ୍ମା ସ୍ମିତ ହସ ସହ କହିବାରେ ଲାଗିଲେ, ' କଶ୍ୟପ , ତାକ୍ଷର ଅର୍ଥ ଗରୁଡ । ସର୍ପମାନେ ତାଙ୍କର କୌଣସି କ୍ଷତି କରିପାରନ୍ତି ନାହିଁ । ତାକ୍ଷ ଓ କଦ୍ରୁଙ୍କ ଠାରୁ ଯେଉଁ ମାନେ ଜନ୍ମ ହେବେ, ସେମାନଙ୍କ ନାମ ରହିବ ତକ୍ଷକ । ସେମାନେ କାଠର କାରୁକାର୍ଯ୍ୟ ପୂର୍ଣ୍ଣ ଭବନ, ମୂର୍ତ୍ତି,ଆସବାବ ପତ୍ର ମାନ ନିର୍ମାଣ କରିବେ । ବିନତା ଶାଲ୍‌ମ୍ବଳୀ , କ୍ରୌଞ୍ଚ ଆଦି ଦ୍ୱିପର ନିକଟରୁ ଆସିଛନ୍ତି । (ଇଣ୍ଡୋ ନେସିଆ, ଥାଇଲାଣ୍ଡ ଅଞ୍ଚଳ) । ତାଙ୍କଠାରୁ ଗରୁଡ ପକ୍ଷୀ ଓ ଅରୁଣ ଜନ୍ମ ହେବେ । (ଏହି ଗରୁଡ ପକ୍ଷୀ କ୍ଷୁଦ୍ର ପକ୍ଷୀ, ଏକ ଶଶାକୁ ବି ପିଠିରେ ବସାଇ ନେଇପାରିବ ନାହିଁ । ବୋଧହୁଏ ପୂର୍ବେ ଏମାନେ ଜଟାୟୁ, ସମ୍ପାତି ବା ଇଗଲ ପରି ବିଶାଳ ଥିଲେ ବା ଏହି ପକ୍ଷୀ ମାଧ୍ୟମରେ ବିଷ୍ଣୁ ନିଜର ବାର୍ତ୍ତା ପଠାଉଥିଲେ। ଅରୁଣ ବୋଧହୁଏ ଏକ ପକ୍ଷୀ ଥିଲେ, ଯିଏ ସୂର୍ଯ୍ୟ ଉଦୟ ହୋଇ ଖରା ପଡ଼ିବା ପୂର୍ବରୁ ସୂର୍ଯ୍ୟ ଉଦୟର ସୂଚନା ଦେଇଥିଲେ । ହୁଏତ ଅରୁଣ ସୌର ସଂପର୍କୀୟ ତଥ୍ୟ ପ୍ରଦାନ କରିଥିଲେ । ତେଣୁ ତାଙ୍କ ନାମରେ ସୂର୍ଯ୍ୟଙ୍କ ସାରଥୀ ନାମିତ ହେବେ । ) ପତଙ୍ଗୀ,ବିନତାଙ୍କ ସହିତ ଯାମିନୀ ମଧ୍ୟ ସେହି ଶାଲ୍ମଳୀ ନିକଟ ଦ୍ୱିପରୁ (ଇଣ୍ଡୋନେସିଆ)ରୁ ଆସିଛନ୍ତି । ତାଙ୍କ ସହ ଶଲଭ (ଝିଣ୍ଟିକା)ମାନେ ଆସିଛନ୍ତି । ତାଙ୍କଠାରୁ ଶଲଭ ଆସନ କରୁଥିବା ଯୋଗୀମାନେ ସୃଷ୍ଟି ହେବେ । ପଟଙ୍ଗୀଙ୍କ ସହ କୀଟ, ପତଙ୍ଗ ଓ ପକ୍ଷୀ ମାନେ ଆସିଛନ୍ତି । ତାମ୍ର । ତାମ୍ର ଲିପ୍ତା (ପଶ୍ଚିମବଙ୍ଗ, ଯେଉଁ ଓଡ଼ିଶା, ପଶ୍ଚିମ ବଙ୍ଗ ଦେଇ ପ୍ରଥମେ ଆର୍ଯ୍ୟଙ୍କ ପୂର୍ବଜ ପ୍ରବେଶ କରିଥିଲେ । )ରୁ ଆସିଛନ୍ତି । ଏଠାରୁ ନିକଟବର୍ତ୍ତୀ ଦ୍ୱିପ ସହ ବାଣିଜ୍ୟ ହୁଏ । ତାଙ୍କ ସହ ଗୃଧ୍ର, ଶ୍ୱାନ, ବିହଙ୍ଗମ ଓ ଇଗଲ, ବତକ, ହଂସ (ସାଇବେରିଆ) ମାନେ ଆସିଛନ୍ତି । ତିମି ଜମ୍ବୁ ଦ୍ୱୀପର ଦକ୍ଷିଣ ଉପାନ୍ତରୁ (କନ୍ୟା କୁମାରୀ, ଲକ୍ଷା ଦ୍ୱିପ)ରୁ ତିମି ଆଦି ମାଛ ଆଣି ଆସିଛନ୍ତି । ଦକ୍ଷ ତାଙ୍କ ପାଳନ ପାଇଁ କଚ୍ଛରୁ କଚ୍ଛପ, ଭୂମଧ୍ୟ ସାଗରରୁ କଙ୍କଡା, କ୍ରୌଞ୍ଚ ନିକଟ ସମୁଦ୍ରରୁ ମାଛ,କୁମ୍ଭୀର ଓ କଇଁଛ ଆଦି ସମୁଦ୍ର ଓ ନଦୀର ଜଳ ଜନ୍ତୁ ଆଣିଛନ୍ତି । ସୁରଭି ସୁର ବା ବେଦ ଗାନ କରୁଥିବା ଋଷି ଆଶ୍ରମରୁ ଆସିଛନ୍ତି । ତାଙ୍କ ପାଳନ ପାଇଁ ଦକ୍ଷ ବିଭିନ୍ନ ସ୍ଥାନରୁ ଛାଗଳ ,ମେଷ, ମହିଷ ଆଦି ଦୁଇ ଖୁର ଜନ୍ତୁ ମଧ୍ୟ ଆଣିଛନ୍ତି । ସରମା ଆସାମରୁ ଶ୍ୱାପଦ ମହିଷ, ଗୟଳ, ବାଘ୍, ହାତୀ ଆଦି ସହ ଆସିଛନ୍ତି । କାଷ୍ଟ । ରାଜସ୍ଥାନରୁ ପ୍ଲକ୍ଷ ଓ କୁଶ ଦ୍ୱିପ (କାଜାକ ସ୍ଥାନ, ଆରବ) ଆଦି ସ୍ଥାନର ଅଶ୍ୱ ସହ ଗଧ ଆଦି ଏକ କ୍ଷୁର ପ୍ରାଣୀ ପାଳନ କରୁଛନ୍ତି । କ୍ରୋଧ ବଶା କ୍ରୌଞ୍ଚ ଦ୍ୱିପରୁ ଶୁକ, ସର୍ପ ଓ ସରୀସୃପ ମାନଙ୍କୁ ଆଣି ଆସିଛନ୍ତି । ଦନୁ ପଶ୍ଚିମ ପ୍ଲକ୍ଷରୁ ଆସିଛନ୍ତି । ତାଙ୍କଠାରୁ ଯେଉଁ ମାନେ ଜନ୍ମ ହେବେ, ସେମାନେ ଦାନବ, ଦତ୍ତ ଦ୍ୱିପମାନଙ୍କରୁ ଦିତି ଆସିଛନ୍ତି, ତାଙ୍କର ସନ୍ତାନ ମାନଙ୍କ ନାମ ଦୈତ୍ୟ,ସମୁଦ୍ର ମଧ୍ୟସ୍ଥ ବାଲି, ଜମ୍ବୁର ଦକ୍ଷିଣ, ପଶ୍ଚିମ ପ୍ଲକ୍ଷ ଅଞ୍ଚଳରୁ ଜଳ ମଧ୍ୟସ୍ଥ ଦ୍ୱିପ ମାନଙ୍କରୁ ମୁନି, ଗାନ୍ଧାର ଦେଶ(ଆଫଗାନିସ୍ଥାନ)ରୁ ଆସିଛନ୍ତି ଅରିଷ୍ଟା । ତାଙ୍କଠାରୁ ଅପ୍ସର । (ନୃତ୍ୟ ନିପୁଣ) ଓ ଗନ୍ଧର୍ବ କଳାକାର ମାନେ ଜନ୍ମ ହେବେ । ସୁରସା ସମୁଦ୍ର ମଧ୍ୟରୁ ଆସିଛନ୍ତି । ତାଙ୍କ ଠାରୁ ଉଡନ୍ତା ଦାନବ(ବଳିଷ୍ଠ) ଜାତିର ସର୍ପ ମାନେ ଜନ୍ମ ହେବେ । ଭବିଷ୍ୟତରେ ତୁମେ ତୁମ ପୁତ୍ରର କନ୍ୟା, ଦୁଇଜଣ ପୁତ୍ରୀ ଙ୍କୁ ବିବାହ କରିବା ପୂଲୋମାଙ୍କ ସନ୍ତାନ ମାନେ ସିନ୍ଧୁ ନଦୀର ଅପର ପାର୍ଶ୍ୱରେ ଓ କାଳକାଙ୍କ ସନ୍ତାନ ମାନେ ବାଲି ଦ୍ୱିପରେ କାଳକେୟ ନାମରେ ବାସ କରିବେ । ସୁଧା, ସତୀ ଓ ଅଙ୍ଗିରସଙ୍କଠାରୁ ପିତୃ ଲୋକ,(ଯେଉଁ ମାନେ ମୃତ୍ୟୁ ପରେ ପ୍ରେତ ମାନଙ୍କୁ ପିତୃ ଅର୍ଥାତ ଉତ୍ତମ ଆତ୍ମାରେ ପରିଣତ କରିବେ) ଓ ଅଥର୍ବ ବେଦୀ ମାନେ ସୃଷ୍ଟି ହେବେ । ଭୂତ ସ୍ୱରୂପା ଓ ଅନ୍ୟଙ୍କଠାରୁ ପ୍ରେତ(ଯେଉଁ ମାନେ ପ୍ରେତ ସାଧକ ବା ପ୍ରେତ ଲୋକକୁ ନିୟନ୍ତ୍ରଣ କରନ୍ତି । ) ଓ ରୁଦ୍ର ମାନେ ଜନ୍ମ ହେବେ । କୃଶାଶ୍ୱ,ଅର୍ଚ୍ଚି ଓ ଧୀଷଣାଙ୍କ ଠାରୁ ଧୁମ୍ କେତୁ, ବଡବା ନଳ ଆଦି ଜନ୍ମ ହେବେ । (ଏହି ମାନଙ୍କ ବିଶେଷଜ୍ଞ ଓ ନାମରେ ନାମିତ ହୋଇଥିବେ । ) ଏହିପରି ଷାଠିଏ ଜଣ ଦକ୍ଷ କନ୍ୟା ନୂତନ ସୃଷ୍ଟିକୁ ଜନ୍ମ ଦେବେ । ' ( ଶ୍ରୀମଦ୍ ଭାଗବତରେ ଏମାନେ ନିଜେ ପ୍ରାଣୀମାନଙ୍କୁ ଜନ୍ମ ଦେଇଥିଲେ ଓ ଅସ୍କିନୀଙ୍କଠାରୁ ଜନ୍ମ ହୋଇ ଥିଲେ ବୋଲି ଲେଖାଅଛି । କିନ୍ତୁ ଏ ପର୍ଯ୍ୟନ୍ତ ଅନ୍ତର୍ବିଜ୍ଞାନରେ ଏହାର ପ୍ରମାଣ ଥିବ ଅବା, ବହିର୍ବିଜ୍ଞାନରେ ମାନବୀ ଗର୍ଭରୁ ଜୀବ, ଜନ୍ତୁ ଜନ୍ମ ହୋଇ ନାହାନ୍ତି । ଏହା ଭବିଷ୍ୟତର ବୈଜ୍ଞାନିକମାନେ ସଂଭବ କରିପାରନ୍ତି ! ହୁଏତ ଅସ୍କିନୀ ନଦୀ କୂଳରେ ଏମାନେ ପ୍ରଥମେ ଏକାଠି ରହିଥିଲେ) ।

କଶ୍ୟପ ଅତି ଶାନ୍ତ ଓ ଧୀର, ସ୍ଥିର ଭାବେ ବ୍ରହ୍ମାଙ୍କର ସମସ୍ତ କଥା ଶୁଣୁଥିଲେ । କିନ୍ତୁ ସେ ବାସ୍ତବରେ ଅନ୍ୟମନସ୍କ ଥିଲେ ଓ କୌଣସି ଉତ୍ତର ଦେଇନଥିଲେ । ତାହା ଜାଣିପାରି ବ୍ରହ୍ମା ତାଙ୍କୁ ନୀରବ ଶବ୍ଦ ରେ ପଚାରିଲେ, କଶ୍ୟପ, କଣ ଚିନ୍ତା କରୁଛ ? ଭବିଷ୍ୟତ ?

' ନାଁ, ପିତାମହ । ମୁଁ ବର୍ତ୍ତମାନ ମୋର ଅତୀତ ଓ ପୂର୍ବ ଜନ୍ମକୁ ସ୍ମରଣ କରୁଅଛି । ପ୍ରଥମେ ବିଭିନ୍ନ ସୃଜନ କାରୀ ଜ୍ୟୋତି ମାନେ ଅନାଦି, ଅନନ୍ତ ବିଷ୍ଣୁଙ୍କଠାରୁ ସୃଷ୍ଟି ହୋଇଥିବେ । ସେଥିରୁ ସୂକ୍ଷ୍ମାତି ସୂକ୍ଷ୍ମ ପରମାଣୁ ମାନେ ସୃଷ୍ଟି ହୋଇଥିବେ । ସେମାନଙ୍କ ନାଭିକ (ଏହି ନାଭି କୃଷ୍ଣ ଗର୍ତ୍ତ ହୋଇପାରେ) ବ୍ରହ୍ମା ବା ସୃଜନ ଶକ୍ତି ସୃଷ୍ଟି ହେଲେ । ତାଙ୍କଠାରୁ ପ୍ରଜାପତି ନୀହାରିକାର ସୃଷ୍ଟି ହେଲା । ପ୍ରଜାପତି ଲୋକରେ ମୋର ଜନ୍ମ ହୋଇଥିଲା । ଆମେ ପ୍ରଜାପତି ମାନେ ନବଧା ପ୍ରଜାପତିଙ୍କ ସହ ମିଶି ଏକ ସୁବର୍ଣ୍ଣ ଅଣ୍ଡ ସୃଷ୍ଟି କଲୁ । ଏହି ସୁବର୍ଣ୍ଣ ଅଣ୍ଡ ରସାତ୍ମକ ଉଦକ ମଧ୍ୟରେ ଏକ ନାରୀ ଓ ପୁରୁଷ ସୂକ୍ଷ୍ମ ରୂପେ ରହିଥିଲେ । ଅଦିତି ପରମାଣୁର ନାଭିକରୁ ଜନ୍ମ ହୋଇଥିବା ଏକ ଜ୍ୟୋତି (ପ୍ଲାଜମା) ଥିଲେ । ସେହି ରାସାତ୍ମକ ଉଦକରେ ମୁଁ ଏକ ଜୀବ କୋଷିକା ରୂପେ ରହିଥିଲି । ଏହି ସୁବର୍ଣ୍ଣ ଅଣ୍ଡରୁ ଆଦିତ୍ୟ ମାନେ ଜନ୍ମ ହେଲେ । ଆଦିତ୍ୟ ମାନଙ୍କର ଧାତବ ପଦାର୍ଥର କ୍ରିୟା ଶେଷ ହେବା ପରେ ସେ ସୂର୍ଯ୍ୟରେ ପରିଣତ ହୋଇ ଆଲୋକ ଓ ଉତ୍ତାପ ପ୍ରଦାନ କଲେ । କ୍ରମେ ନବ ଗ୍ରହ ମାନେ ସୃଷ୍ଟି ହେଲେ । ଏହି ମାନେ ଠିକ୍ ମଧ୍ୟ ଭାଗରେ ଥିବା ଏକ ଅଣୁକୁ କେନ୍ଦ୍ର କରି ପରିକ୍ରମା କଲେ । ପୃଥିବୀ ସୃଷ୍ଟି ହେଲା ଓ ପ୍ରତ୍ୟେକ ଜୀବ ଓ ଜଡ ତାର ପୂର୍ବଜଙ୍କ ଠାରୁ ସୃଷ୍ଟି ହୋଇଥିଲା । ମୁଁ ଜଳ ମଧ୍ୟରେ ଜୀବ କୋଶିକା ରୂପେ ଜନ୍ମ ନେଲି । ଏହି ମୂଳ କୋଷଟି ବିଭାଜିତ ହୋଇ ବିଭାଜିତ କୋଷମାନଙ୍କୁ ପାଳନ କଲା ଓ ଏଥିରୁ ନୂତନ ପ୍ରାଣୀ ମାନେ ସୃଷ୍ଟି ହେଲେ । ଜଳ, ସ୍ଥଳ, ଆକାଶଚାରୀମାନେ ଜନ୍ମହେଲେ । ଗୋଟିଏ ପିଢ଼ିରୁ ଅନ୍ୟ ଏକ ପିଢ଼ି ସୃଷ୍ଟି ହେବାକୁ ଅୟୁତ, ଅୟୁତ ବର୍ଷ ବିତି ଯାଉଥିଲା । ମହାକାଶରୁ ଆସି ମୋର ମୂଳ କୋଶିକ । ମୋ ସହ ସୂକ୍ଷ୍ମ ରୂପେ ଅର୍ଦ୍ଧାଙ୍ଗିନୀ ରୂପେ ରହିଥିବା କୋଶିକା ସହ ମିଶି କ୍ରମେ ନିଜର ପୂର୍ବଜଙ୍କଠାରୁ ନୂତନ ପ୍ରାଣୀ ସୃଷ୍ଟି କଲା ଓ ଏହି ମାନଙ୍କୁ ନେଇ ମନ୍ଥନ ବା ବିଭାଜନ ବା ପୃଥକୀକରଣ କ୍ରୀୟାରୁ ପୃଥିବୀ ସୃଷ୍ଟି ହେଲା । '(ଶ୍ରୀମଭାଗବତରେ ବେଣୁ ଓ ପ୍ରୁଥ୍ୟୁ ଉପାଖ୍ୟାନରେ ଏହାର ଆଭାସ ଅଛି । ବେଣୁଙ୍କୁ ମାରି ତୈଳ ଦ୍ରୋଣୀରେ ଅଗ୍ନି ଜାଳି ଦିଆଗଲା । ହୁଏତ କେବଳ ବେଣୁଙ୍କର ଅସ୍ଥିକୁ ମନ୍ଥନ କରାଗଲା । ତାଙ୍କଠାରୁ ପ୍ରଥମେ ନିଷାଦ (ତାଙ୍କର ବହୁ ପୂର୍ବଜ ଅରଣ୍ୟ ବାସୀ) ଓ ପରେ ପୃଥୁ (ବଳିଷ୍ଠ ପୂର୍ବଜଙ୍କ ଗୁଣ ସୂତ୍ରରୁ) ଜନ୍ମ ହେଲେ । ପୃଥିବୀରେ ସ୍ତନ୍ୟପାୟୀ ପ୍ରାଣୀମାନେ ଦୋହନ ବା କ୍ଷୀର ପାନରୁ ବଞ୍ଚି ରହିଲେ । ପିତା ମହ, ଏହି ପୃଥିବୀରେ ମାନବ ବା ପ୍ରାଣୀ, ଜଣଙ୍କର ମୁଖ ଅନ୍ୟଠାରୁ ପୃଥକ୍ ହୋଇଥାଏ । ଗୋଟିଏ ଦମ୍ପତ୍ତିଙ୍କଠାରୁ ଜନ୍ମ ହୋଇ ସନ୍ତାନ ମାନେ ରୂପ ଓ ଗୁଣରେ ଭିନ୍ନ ହୋଇଥାନ୍ତି । ଏହା ଏହି ବିଭାଜନ ବା ମନ୍ଥନ ଓ ପୃଥକ୍ କରଣ କ୍ରିୟାରୁ ହେଉଥିବାରୁ ଏହାର ନାମ ପୃଥିବୀ ।'

' ପିତା ମହ, ଏହି ପ୍ରତ୍ୟେକ ପିଢ଼ି କ୍ଷୀରରୁ ଦହି, ଦାହିରୁ ଲହୁଣୀ, ଲହୁଣୀରୁ ଘୃତ ପରି ଆକାଶ, ପୃଥିବୀ ଓ ପାତାଳରେ ମୂଳ ଅଣୁ ସହ ପତ୍ନୀ ମାନେ ମିଶି ସୃଷ୍ଟି କରିଥିଲେ । ତେଣୁ ଏହି ମାନେ ଆଦି ମାତୃକା । ଆପଣ ପ୍ରଥମେ ଆକାଶର ନକ୍ଷତ୍ର ମାନଙ୍କଠାରୁ ପୃଥିବୀର ପ୍ରାଣୀ ଶ୍ରେଣୀ ଓ ମୃତ୍ୟୁ ପରର ଆତ୍ମାଙ୍କ ମାତା ରୂପେ ଏହି ମାନଙ୍କୁ ଦକ୍ଷ କନ୍ୟା ମାନଙ୍କ ନାମରେ ନାମିତ କରନ୍ତୁ । ସେମାନେ ସୃଷ୍ଟିର ଆଦି ମାତୃକା ରୂପେ ସ୍ମାରିତା ହେବେ ।'

'ସେହିପରି ହେଉ ।' ବ୍ରହ୍ମା ହସି, ହସି କହିଲେ । 'ଆଉ ତୁମର ବିବାହ ?'

କଶ୍ୟପ ନମ୍ର ଭାବରେ କହିଲେ,' ମୋତେ ପରିହାସ କରୁଛନ୍ତି ପିତାମହ, ? ଆପଣଙ୍କ କଥା ଅନୁସାରେ ମୁଁ ସେମାନଙ୍କ ପ୍ରଥା ଅନୁସାରେ କିପରି ଏହିକନ୍ୟା ମାନଙ୍କୁ ବିବାହ କରିବି ? ସେମାନେ ଯିଏ ଯେଉଁଠାରୁ ଆସନ୍ତୁ, ସେମାନେ ଏବେ ଦକ୍ଷ ପ୍ରଜାପତିଙ୍କ କନ୍ୟା । ମୁଁ ଜାଣେ, କୁଶ ଦ୍ୱିପର ଦୁଇ ନଦୀ କୂଳର ସମତଳ ଭୂମି ନିକଟରେ ଥିବା ପର୍ବତରେ ସେମାନେ ପ୍ରାୟ ଏକ ହଜାର ବର୍ଷ ଧରି ବାସ କରୁଥିଲେ । ଏହା ଏକ, ଉର୍ବର, ସମତଳ ଅଞ୍ଚଳ । ସେମାନେ ଗଣିତ, ଜ୍ୟୋତିଷ, ଜ୍ୟାମିତି ଆଦି ବିଦ୍ୟାରେ ମଗ୍ନ ଥିଲା ବେଳେ ଆମେ ତାହା ସହ ସାମ ବେଦ ଆଦି ସଙ୍ଗୀତ ସୁର ଦେଇ ଗାନ କରୁ । ତେଣୁ ଆମେ ସୁର, ସେମାନେ ଅସୁର ଓ କେହି ଅଜପ ନାମରେ ନାମିତ । ମୁଁ ଜଣେ ବୈଜ୍ଞାନିକ ଓ ସେ ଜଣେ କୃଷି ବିଶେଷଜ୍ଞ । ତେଣୁ ମୋର ପତ୍ନୀ ହେବାପାଇଁ ସେ ଉପଯୁକ୍ତ । ସେମାନେ ଏବଂ ମୁଁ ଉଭୟ ନିଜ ସମ୍ମତି ସହ ପିତା, ମାତାଙ୍କ ସମ୍ମତି ନେଇ ବିବାହ କରିବୁ ।'

' ତେବେ ତୁମେ କିପରି ରୀତିରେ ବିବାହ କରିବ ପୌତ୍ର କଶ୍ୟପ, ?'

ଏହାପରେ କଶ୍ୟପ ଏବଂ ଦକ୍ଷ ପ୍ରଜାପତି କନ୍ୟା ମାନଙ୍କୁ କିପରି ବିବାହ ଦେବାକୁ ଉତ୍ତମ ମାନେ କଲେ ?


+ବାଲିଝରି, କାନପୁର, ବଡ଼ମ୍ବା, କଟକ




**ପଦ୍ମାଳୟା ସାମଲ**

# ପାଳଭୂତ



ସପ୍ତାହେ ହେଲାଣି କାମବାଲୀକୁ ଲଗେଇ ଘରଟାସାରା ଝଡ଼ାଝଡ଼ି ଧୂଆ ପୋଛା ଦିନରାତି ଚାଲିଛି । କୋଉଠି ଟିକେ ଦାଗ ଲାଗିଲେ ମନୋରମା ଚିଡି ଉଠୁଛନ୍ତି । ସ୍ୱାମୀ ପଞ୍ଚାନନଙ୍କୁ କଡା ଚେତାବନୀ ଦିଆଯାଇଛି, ଘର ଯେମିତି ସାମାନ୍ୟ ଟିକେ ବି ଅପରିଷ୍କାର ନହୁଏ । ପୁଅ ବୋହୂ ନାତି ତାଙ୍କର ବିଦେଶରୁ ଆସୁଛନ୍ତି ଚାରିବର୍ଷ ପରେ । ଘର ଭିତରୁ ବାହାରିଆସିଲେ ମନୋରମା । ତାହାହିଁ ଯଥେଷ୍ଟ ଥିଲା ପଞ୍ଚାନନଙ୍କୁ ଅଟକାଇଦେବା ପାଇଁ ଦରଜା ପାଖରେ । ପ୍ରତିକ୍ରିୟାହୀନ ଓ ଉଦାସ ଦିଶିଲା ତାଙ୍କ ମୁହଁ ।

- 'କୁଆଡେ ପଶିଆସୁଛ ଏମିତି ? କେତେ ଥର କହିଚି, ଜୋତା ବାହାରେ ରଖି ଘର ଭିତରକୁ ଆସିବା ପାଇଁ । ମୋ କଥା ତୁମେ ଶୁଣିଚ ନା, ଶୁଣିବ । ଏଇ ଟିକିଏ ଆଗରୁ ସବୁ ପରିଷ୍କାର କରି ଯାଇଥିଲି । ମାଟି କେଉଁଠୁ ଆସିଲା ?'ମନୋରମାଙ୍କ କଟକଣାରେ ପାଟିଖୋଲି ପଞ୍ଚାନନ କିଛି କହିପାରିଲେନି ସିନା, କିନ୍ତୁ ମନେ ମନେ ବିରକ୍ତ ହେଲେ ।

ଅବଶ୍ୟ ପଞ୍ଚାନନ ଜାଣନ୍ତି ଘରକୁ ବୋହୂ ହୋଇ ଆସିବା ଦିନରୁ ମନୋରମା ଏମିତି । ସେ ଜାଣନ୍ତି ଜୀବନ ବିତାଇବା ପାଇଁ ଆବଶ୍ୟକ ଗୋଟେ ଘର । ଯେଉଁଠି କେହି ଅସନ୍ତୋଷ ପ୍ରକାଶ କରିବେ ନାହିଁ । ଅଳନ୍ଧୁ ଟିକେ ନଥିବ ରୋଷେଇଘରେ । ଖାଇବା ଟେବୁଲ ଉପରେ ରଖାଯିବ ଖାଦ୍ୟ ଓ ପାଣିଭରା ଗ୍ଲାସ । ଚାରିକାନ୍ଥ ଭିତରେ ରହିବ ନାହିଁ ଶୋଷ, ଭୋକ, ଅନଟନ । ଆଲମିରାରେ ସଜା ହୋଇଥିବ ପୋଷାକପତ୍ର । ଧୂଳି ଲାଗିବ ନାହିଁ ପଢା ଟେବୁଲରେ । ଠାକୁର ଘରେ ଠାକୁରଙ୍କ ମୁହଁ ଦିଶିବ ପ୍ରସନ୍ନ, ତେଜୋଦୀପ୍ତ । ସକାଳେ ଓ ସନ୍ଧ୍ୟାରେ ଶୁଭିବ ଶଙ୍ଖଧ୍ୱନି, ପ୍ରାର୍ଥନା ଓ ମନ୍ତ୍ରପାଠ । ଯେମିତିକି ଘର ଭିତରେ ସବୁବେଳେ ବିରାଜମାନ କରିଥିବ ପ୍ରାଚୁର୍ଯ୍ୟ, ବିଶ୍ୱାସ ଓ ଭଲପାଇବା ।

ସବୁଦିନ ପରି ଆଜିର ସକାଳ ନଥିଲା । ମନୋରମା ଚାରିବର୍ଷ ପରେ ପାଖରେ ପାଇଥିଲେ ତାଙ୍କର ପୁଅ ବୋହୂ ଆଉ ନାତିକୁ । ତାଙ୍କ ଗୋଡ଼ ଆଉ ତଳେ ଲାଗୁନଥିଲା । ଭଳିକି ଭଳି ରୋଷେଇ ପାଇଁ ବରାଦ ଦେଉଥିଲେ ରାମୁକକାଙ୍କୁ । କେବଳ ସେତିକି ନୁହେଁ ରୋଷେଇ ଘରେ ରହି ପୁଅ ପସନ୍ଦର କିଛି ଖାଦ୍ୟ ନିଜେ ରାନ୍ଧି ପୁଅକୁ ପରଷୁ ଥିଲେ । ପୁଣି କେତେବେଳେ ନାତିକୁ କୋଳରେ ଧରି ଗେଲ କରିପକାଉଥିଲେ ତ ଆଉ କେତେବେଳେ ପୁଅର ଚୁଟିକୁ ସାଉଁଳେଇ ଆନନ୍ଦରେ ଗଦଗଦ ହେଉଥିଲେ । ଏ ଦୃଶ୍ୟ ଦେଖି ପଞ୍ଚାନନ ଭାବୁଥିଲେ ଯା ହେଉ ମନୋରମାଙ୍କ ମାନ୍ଦେଇ ପଡ଼ିଥିବା ଶରୀରରେ ପୂର୍ବ ଫୁର୍ତ୍ତି ଯେମିତି ଫେରି ଆସିଛି ।

ପରଦିନ ସକାଳେ ଏତେ ଦିନ ପରେ ଆମେରିକାରୁ ଫେରିଥିବାରୁ ପୁଅ ଋଷଭ ସହ ସୁଜିତ ବାହାରିଗଲା ଗାଁ ଅଭିମୁଖେ, ଉଦ୍ଦେଶ୍ୟ ଥିଲା ଗାଁ ସଂସ୍କୃତି ସହିତ ପୁଅକୁ ପରିଚିତ କରାଇବା । ଗ୍ରାମ ଦେବତୀ, ଗାଁ ନଈପଠା ଦେଖି ଆନନ୍ଦ ବିଭୋର ହେଉଥିଲା ତିନି ବର୍ଷର ଛୋଟ ଛୁଆ ଋଷଭ । ନଈ କୂଳେ କୂଳେ ଦୁହେଁ ଆଗେଇ ଚାଲିଲେ ନିଜ ଚାଷ ଜମିକୁ । ବାଟରେ ଚାଲି ଚାଲି ଯାଉଥିବାବେଳେ ଡାଡି କହୁଥିବା କଥା ସବୁକୁ ମନଦେଇ ଶୁଣୁଥାଏ ଋଷଭ । ହଠାତ୍ ପୁଅ ଋଷଭ ଅଟକିଗଲା କ୍ଷେତକୁ ଜଗିଥିବା ପାଳଭୂତ ପାଖରେ ଆଉ ସୁଜିତକୁ ପ୍ରଶ୍ନ କଲା, 'ଡାଡି ! ଇଏ ପୁଣି କିଏ ?' ସୁଜିତ ପୁଅକୁ ବୁଝେଇଦେଲେ -ଇଏ ପାଳଭୂତ ଯିଏ ଆମ କ୍ଷେତକୁ ଜଗେ ମାସ ମାସ ଧରି । ତାକୁ ଦେଖି ଭୟରେ ମାଙ୍କଡ଼, ଛେଳି,ଷଣ୍ଢ ଭଳି ଆହୁରି କେତେ ପଶୁ ଆମ କ୍ଷେତକୁ ପଶିପାରନ୍ତି ନାହିଁ କି ଫସଲ ନଷ୍ଟ କରିପାରନ୍ତି ନାହିଁ । ଋଷଭ ବାବାଙ୍କ କଥା ଶୁଣି କଣ ବୁଝିଲା କେଜାଣି ମୁଣ୍ଡ ଟୁଙ୍ଗାରିଲା । ଏମିତି ଋଷଭର କଅଁଳମନରେ ଉଠୁଥିବା କେତେ କେତେ ପ୍ରଶ୍ନର ଉତ୍ତର ଦେବାକୁ ପଡିଲା ସୁଜିତକୁ ଘରେ ଆସି ପହଞ୍ଚିଲା ପର୍ଯ୍ୟନ୍ତ ।

ଘରେ ପହଞ୍ଚି ଋଷଭ ଦେଖିଲା ଜେଜେ ଚୁପଚାପ ବସିଛନ୍ତି ଗେଟ ପାଖରେ ପ୍ଲାଷ୍ଟିକ ଚଉକି ଉପରେ । ପାଖକୁ ଲାଗିଆସି ଋଷଭ ପଚାରିଲା -'ଜେଜେ, ତୁମକୁ ଗୋଟେ କଥା କହିବି ? ପଞ୍ଚାନନ ନାତିର ମୁଣ୍ଡକୁ ଆଉଁସି କହିଲେ, 'କହ କଣ କହିବାକୁ ଚାହୁଁଛୁ' । ଡଗଡଗ ହୋଇ ଋଷଭ କହିଲା - ଜେଜେ ! ମୁଁ ଆଜି କ୍ଷେତରେ ପାଳଭୂତ ଦେଖିଲି ଯିଏ ଆମ ଚାଷ ଜମିକୁ ଜଗିଛି । ମତେ ଗୋଟେ କଥା କୁହ ତ ! କାଲି ଠାରୁ ମୁଁ ଆସିଲାବେଳୁ ଦେଖୁଛି ତମେ ବହୁତ ସମୟ ଏଇ ଗେଟ ପାଖରେ ଆମ ଘରକୁ ଜଗିକି ବସୁଛ । ତମକୁ ଦେଖି ଆମ ଘର ଭିତରକୁ କୁକୁର, ବିଲେଇ, ଅଜଣା ଲୋକ କେହି ବି ପସିପାରୁନାହାନ୍ତି । ସମସ୍ତେ ତମକୁ ଡରୁଛନ୍ତି । ତାହେଲେ ତମେ ଆମ ଘରର ପାଳଭୂତ ନା ! ନାତିର କଥା ଶୁଣି ତାର ମାସୁମ୍ ମୁହଁକୁ ଚାହିଁ କହିଲେ - ହଁ..ରେ ରିଷି, ଆମେ ଜେଜେମାନେ ଏଇମିତି ଗୋଟେ ଗୋଟେ ପାଳଭୂତ । ପ୍ରତିଘରକୁ ଜଗି ବସି ରହିଛୁ ବର୍ଷ ବର୍ଷ ଧରି ।'

ଏକଥା କହିଲା ବେଳକୁ ପଞ୍ଚାନନଙ୍କ ଛାତି ଭିତରଟା କଇଁ କଇଁ ହୋଇ କାନ୍ଦି ଉଠୁଥିଲା କେଉଁ ଏକ ଅବ୍ୟକ୍ତ ବେଦନାରେ ।


+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ସରକାରୀ ମହିଳା ମହାବିଦ୍ୟାଳୟ ବଲାଙ୍ଗିରରେ ଜାତୀୟ ଶିକ୍ଷା ଦିବସ ପାଳିତ

ବଲାଙ୍ଗିର, ୧୩/୧୧ (ନି.ପ୍ର): ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ବଲାଙ୍ଗିରରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଉକ୍ତ ଉତ୍ସବରେ ଅଧ୍ୟକ୍ଷ ଡଃ. ଅରବିନ୍ଦ କୁମାର ଓଝା ଅଧ୍ୟକ୍ଷତା କରିଥିବା ବେଳେ ବଲାଙ୍ଗୀର ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ମଦନ ସିଂ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ସରକାରୀ ପ୍ରଫେସର ପ୍ରତୀକ୍ଷା ପ୍ରତିଶ୍ରୁତି, ଶେଖର ରାୟ, ମିନତି ସାହୁ ପ୍ରମୁଖ ମଂଚାସୀନ ଥିଲେ । ସଭା ପ୍ରାରମ୍ଭରେ ମୌଲାନା ଅବୁଲ କାଲାମ ଆଜାଦଙ୍କ ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ତଥା ଶାନ୍ତି ଶିକ୍ଷା ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଉପଲକ୍ଷେ ଏକ ସଂପାନର ଆୟୋଜନ ମଧ୍ୟ କରାଯାଇଥିଲା । ଆଲୋଚକ ଭାବରେ ମନସ୍ତତ୍ୱ ବିଭାଗର ସହକାରୀ ପ୍ରଫେସର ଅକ୍ଷୟ କୁମାର ସେଠ ଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଖ୍ୟାଧିକ ଅଧ୍ୟାପକ ସମେତ ବହୁ ଛାତ୍ରୀ ଯୋଗ ଦାନ କରିଥିଲେ । ଏହି କାର୍ଯ୍ୟକ୍ରମଟିର ମଂଚ ପରିଚାଳନା ଦାୟିତ୍ୱ ଛାତ୍ରୀ ଦିପାଞ୍ଜଳୀ ନିର୍ବାହ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଶେଖର ରାୟ ।

# ସିକ୍ୟୁରିଟି ସଂସ୍ଥାର ଶ୍ରମିକ ମାରଣ ନୀତିକୁ ନେଇ ତେଜୁଛି ଅସନ୍ତୋଷ

ଚମ୍ପୁଆ, ୧୩/୧୧ (ନି.ପ୍ର): ଚମ୍ପୁଆ ଉପଖଣ୍ଡ ଯୋଡ଼ା ଠାରେ କାର୍ଯ୍ୟ କରୁଥିବା ଫାଷ୍ଟ ଗାର୍ଡ ସିକ୍ୟୁରିଟି ଏଜେନ୍ସି ସିକ୍ୟୁରିଟି ସଂସ୍ଥାର ଶ୍ରମିକ ମାରଣ ନୀତିକୁ ନେଇ ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଯାହାକୁ ନେଇ ଶ୍ରମିକ ମାନେ ଚମ୍ପୁଆ ସହକାରୀ ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିବା ଜଣା ପଡିଛି । ସୂଚନା ଯୋଗ୍ୟକି, ଯୋଡ଼ା ଠାରେ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ କରୁଥିବା ଚେଭରନ୍ସ କନଷ୍ଟ୍ରକସନ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ଠାରୁ ଏହି ଫାଷ୍ଟ ଗାର୍ଡ ସିକ୍ୟୁରିଟି ଏଜେନ୍ସି କାମ ନେଇ କମ୍ପାନୀର ସୁରକ୍ଷା ପାଇଁ ୧୦୦ ରୁ ଅଧିକ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରିଛି । ତେବେ ଏହି ସୁରକ୍ଷା କର୍ମୀଙ୍କୁ ସଂସ୍ଥା ସରକାରଙ୍କ ନିର୍ଦ୍ଧାରିତ ମଜୁରି ଅନୁସାରେ ଦରମା ନଦେଇ ଦୀର୍ଘ ତିନି ବର୍ଷ ହେବ ଶୋଷଣ କରି ଆସୁଛି । ସୁରକ୍ଷା କର୍ମୀଙ୍କୁ ଦୈନିକ ୩୩୬ ଟଙ୍କା ମଜୁରୀ ଦିଆ ଯାଉଛି । ସେହିପରି କାର୍ଯ୍ୟରେ ନିୟୋଜିତ ବେଳେ ହୋଇଥିବା ଚୁକ୍ତି ଅନୁସାରେ ଦିନକୁ ଆଠ ଘଂଟା ଡ୍ୟୁଟି ସହିତ ଅଧିକ ଚାରି ଘଂଟାର ଓଭର ଟାଇମ୍ କାର୍ଯ୍ୟ ପାଇଁ ଅଧିକ ମଜୁରି ଦେବାକଥା କିନ୍ତୁ ତାହା ଦିଆ ଯାଉ ନାହିଁ, ଯାହାକୁ ନେଇ ଶ୍ରମିକ କିଛି କହିଲେ ତାଙ୍କୁ ନାଲି ଆଖି ଦେଖାଇ ବିନା ନୋଟିସରେ କାର୍ଯ୍ୟରୁ ଛଟେଇ କରିଦେବା ୟୁନିଫର୍ମ ପାଇଁ ଟଙ୍କା ନେଇ ମଧ୍ୟ ୟୁନିଫର୍ମ ନ ଦେବା, କମ୍ପାନୀର ଆଇ କାର୍ଡ, ସ୍ୱାସ୍ଥ୍ୟ ସେବା ନ ଦେଇ ଶୋଷଣ କରୁଥିବା ବେଳେ ବର୍ଷ ଶେଷରେ ବନୋସ, ଗ୍ରାଚୁଟି ଆଦି ନ ଦେଇ ଶୋଷଣ କରୁଥିବା ଏଠାରେ କାର୍ଯ୍ୟକରୁ ଥିବା ସୁରକ୍ଷା କର୍ମୀ ଅଭିଯୋଗ କରିଛନ୍ତି । ଏପରିକି ସାପ୍ତାହିକ ଛୁଟି ମଧ୍ୟ ଦେଉ ନ ଥିବା ଅଭିଯୋଗ ହେଉଛି । ତେବେ ଏହାକୁ ନେଇ ସେମାନେ ଚମ୍ପୁଆ ସହକାରୀ ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି ।

## ଶ୍ୱଶୁର ଓ ସ୍ତ୍ରୀଙ୍କୁ ମାଡ, ସ୍ୱାମୀ ନାମରେ ମାମଲା

ଜୟପୁର, ୧୩/୧୧ (ନି.ପ୍ର): ଶ୍ୱଶୁର ଓ ସ୍ତ୍ରୀକୁ ମାଡ ମାରିଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ନବରଙ୍ଗପୁର ଜିଲା ଏକମ୍ବା ଗ୍ରାମର ମୁକୁନ୍ଦ ବିହାରି ଦାସ ଙ୍କ ନାମରେ ମାମଲା ରୁଜୁ କରିଛି । ପୋଲିସ ସୂଚନା ଅନୁଯାଇ ନବରଙ୍ଗପୁର ଜିଲା ଏକମ୍ବା ଗ୍ରାମର ନିମିତା ଦାଶ ଙ୍କ ସନ୍ତାନ ଙ୍କ ଦେହ ଅସୁସ୍ଥ ଯୋଗୁଁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ନମିତ ଙ୍କ ସହ ତାଙ୍କ ବାପା ତ୍ରିନାଥ ମହାପାତ୍ର ଉପସ୍ଥିତ ଥିଲେ । ପାରିବାରିକ ବିବାଦକୁ ନେଇ ଅଭିଯୁକ୍ତ ସ୍ୱାମୀ ମୁକୁନ୍ଦ ମାରପିଟ କରିଥିଲେ । ଏନେଇ ଜୟପୁର ସଦର ଥାନାରେ ଏନେଇ ଶ୍ୱଶୁର ତ୍ରିନାଥ ମହାପାତ୍ର ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦେଇଛନ୍ତି ।

# କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରେ ବେଆଇନ ଗଛ କଟା ଘଟଣାରେ ୧୩ ଜଣଙ୍କ ନାମରେ ମାମଲା ରୁଜୁ

କେନ୍ଦୁଝର, ୧୩/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଚମ୍ପୁଆ ରେଞ୍ଜସ୍ଥିତ କାଳିକାପ୍ରସା ବିଟ୍ ଅଧିନସ୍ଥ କୃଷ୍ଣପୁର ସଂରକ୍ଷିତ ଜଙ୍ଗଲରେ ଅନୁମତି ଠାରୁ ଅଧିକ ସଂଖ୍ୟକ ଗଛ କଟାଯିବା ଘଟଣାରେ ବନ ବିଭାଗ ୧୩ ଜଣଙ୍କ ନାମରେ ମାମଲା ରୁଜୁ କରିଛି । ଏହି ଘଟଣାକୁ ନେଇ ଉକ୍ତ ଗ୍ରାମ ପୁରୁଷ ଶୂନ୍ୟ ହୋଇପଡିଛି ।ବନ ବିଭାଗ ଅ୍ୟାବଧି କାହାରିକୁ ଗିରଫ କରିନଥିବା ଜଣାପଡିଛି । ପ୍ରକାଶ ଯେ କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି ଉକ୍ତ ସଂରକ୍ଷିତ ଜଙ୍ଗଲରେ ୨୫୦୫ ଟି ୟୁକାଲିପଟାସ ଗଛ କାଟିବାକୁ କୃଷ୍ଣପୁର ବନ ସୁରକ୍ଷା ସମିତିକୁ ଅନୁମତି ଦେଇଥିଲେ । ତେବେ ଧାର୍ଯ୍ୟ ପରିମାଣ ଠାରୁ ବହୁ ଅଧିକ ସଂଖ୍ୟାରେ ବିଭିନ୍ନ କିସମର ଗଛ କଟାଯାଇଥିଲେ ମଧ୍ୟ ବନ ବିଭାଗ ଚୁପ ରହିଥିଲା । ତେବେ ଏହାକୁ ନେଇ କୃଷ୍ଣପୁର ଗ୍ରାମବାସୀମାନେ କେନ୍ଦୁଝର ଜିଲ୍ଲାପାଳ, ଡିଏଫଓ, ଚମ୍ପୁଆ ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଏହାର ତନ୍ତ ପାଇଁ ଚମ୍ପୁଆ ରେଞ୍ଜ ଦାୟିତ୍ୱରେ ଥିବା ସହକାରୀ ବନ ସଂରକ୍ଷକ ଅକ୍ଷୟ ଛତ୍ରିଆଙ୍କୁ କଟା ଗଛର ମୂଳ ଗଣତି ପାଇଁ ଚିଠି ସଂଖ୍ୟା ୩୦୮୩ ତା ୦୯/୧୦/୨୦୨୪ରେ ଆଶେ ହୋଇଥିଲା । ଗଣତି ବେଳେ ବହୁ ଅଧିକ ଗଛ କଟାଯାଇଥିବା ଜଣାପଡିବାରୁ ଅଧାରୁ ଗଣତି ବନ୍ଦ କରି ଦେଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ । ଏହି ଘଟଣାରେ ଅଧିକ ଗଛ କଟାଯାଇଥିବା ପ୍ରମାଣ ପାଇବା ପରେ ବନ ବିଭାଗ ବନ ସୁରକ୍ଷା ସମିତିର ସଭାପତି ରଞ୍ଜନ କୁମାର ମହାନ୍ତଙ୍କ ସମେତ ଅନ୍ୟ ୧୨ ଜଣଙ୍କ ବିରୁଦ୍ଧରେ କେସ ରୁଜୁ କରିଛନ୍ତି । ଏହି ବେଆଇନ ଗଛ କଟା କାର୍ଯ୍ୟରେ ଅଧିକ ଲୋକଙ୍କ ସଂପୃକ୍ତି ଥିବାରୁ ବନ ବିଭାଗ ତନ୍ତ ଜାରୀ ରଖିଛି । ଅଧିକ ସଂଖ୍ୟାରେ ଗଛ କଟାଯାଇଥିବା ଜଣା ପଡିଥିଲେ ହେଁ ଉକ୍ତ କାର୍ଯ୍ୟର ତାରଖ କରୁଥିବା ବନ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀମାନେ ଦବୀ କରିଛନ୍ତି । ଗଛ କଟିଲା ପରେ ବନ ବିଭାଗ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ହେଁ ଏହାଦ୍ୱାରା ହୋଇଥିବା ପରିବେଶ ଜନିତ କ୍ଷତି ଭରଣା କିଏ କରିବ ଏବଂ ସେ ବାବଦକୁ ଅର୍ଥ କାହାଠାରୁ ଆୟ ହେବ ତାହା ଏବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବ୍ୟାପକ ଗଛ କଟା ଦ୍ୱାରା ଜଙ୍ଗଲ ନଷ୍ଟ ହେବା ସହ ବନ୍ୟପ୍ରାଣୀଙ୍କ ପ୍ରାକୃତିକ ବାସସ୍ଥଳୀ ଧ୍ୱଂସ ପାଇବା ସହ ପରିବେଶ ଉପରେ ଏହାର କୁ ପ୍ରଭାବ ପଡିଛି । କ୍ଷୟକ୍ଷତିର ପ୍ରକୃତ ଆକଳନ କରି ଦୋଷୀଙ୍କ ଠାରୁ ଏହାର ଭରଣା କରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀମାନେ ମୁଖ୍ୟମନ୍ତ୍ରୀ ଏବଂ ଜଙ୍ଗଲ ପରିବେଶ ବିଭାଗ ମନ୍ତ୍ରୀଙ୍କ ନିକଟରେ ଦାବୀ କରିଛନ୍ତି । ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରିବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏତେ ସଂଖ୍ୟାରେ ଗଛ କାହିଁକି କଟାଗଲା ତାହା ଏବେ ସନ୍ଦେହ ଘେରରେ । ଓଡିଶାରେ ଜଙ୍ଗଲରେ କ୍ଷମତା ଠାରୁ ଅଧିକ ହାତୀ ଥିବା ନେଇ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ କୁମାର ନନ୍ଦ ପ୍ରକାଶ କରିଥିଲେ । ଏଣେ କେନ୍ଦୁଝର ଡିଭିଜନରେ ବହୁ ପରିମାଣର ଗଛ କାଟିବା ପାଇଁ ଅନୁମତି ବିଭାଗ ପକ୍ଷରୁ ଦିଆଯାଉଥିବା ଏବଂ ଉପଯୁକ୍ତ ତାରଖ ଅଭାବରୁ ସଂରକ୍ଷିତ ଜଙ୍ଗଲରୁ ବହୁ ଅଧିକ ପରିମାଣର ଗଛ କଟୁଥିବାରୁ ବନ୍ୟପ୍ରାଣୀଙ୍କ ଆବାସସ୍ଥଳୀ ପ୍ରଭାବିତ ହେବାକୁ ଲାଗିଛି ।

# ସୁନା ଓ ରୂପା ଗହଣା ଚୋରି ଘଟଣାରେ ୨ ମହିଳା ଓ ୨ ନାବାଳିକାଙ୍କ ସହ ୬ ଗିରଫ

ସମ୍ବଲପୁର, ୧୩/୧୧ (ନି.ପ୍ର): ସମ୍ବଲପୁର ସହର ଅଇଁଠାପାଲି ଥାନା ଅନ୍ତର୍ଗତ ଦେହେରୀପାଲିରୁ ଗତ ୯ ତାରିଖରେ ସଂଘଟିତ ସୁନା ଓ ରୂପା ଗହଣା ଚୋରି ଘଟଣାରେ ପୋଲିସ ଯାଯାବର ଶ୍ରେଣୀର ୨ ମହିଳା ଓ ୨ ନାବାଳିକାଙ୍କ ସମେତ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ପୋଲିସ ଚୋରି ହୋଇଥିବା ସମସ୍ତ ସୁନା ଓ ରୂପା ଗହଣାକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି । ଗିରଫ ଅଭିଯୁକ୍ତମାନେ ହେଲେ ପରମାର ଖରୁଆଲ(୩୫), ନବୀନ ଖରୁଆଲ(୨୬) ଏବଂ ନବୀନଙ୍କ ଦୁଇଜଣ ସ୍ତ୍ରୀ ସୁଧା(୩୨) ଓ ଅଞ୍ଜୁ ଖରୁଆଲ(୨୫)ଙ୍କ ସହ ଦୁଇ ନାବାଳିକା । ଗିରଫ ମହିଳା ଓ ପୁରୁଷ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳିକା ଦ୍ୱୟଙ୍କୁ ଜୁଭେନାଇଲ୍ କୋର୍ଟରେ ହାଜର କରାଯାଇଛି ବୋଲି ଏସ୍ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି । ତେବେ ସେମାନେ ସମସ୍ତେ ବିହାର ଅଂଚଳର ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣା ପଡ଼ିଥିବା ବେଳେ ସେମାନଙ୍କ ପ୍ରକୃତ ଠିକଣାର ତର୍ଜମା କରାଯାଉଛି ବୋଲି ସେ କହିଛନ୍ତି । ଧନୁପାଲି ଥାନା ପରିସରରେ ମଙ୍ଗଳବାର ଅପରାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍ଡିପିଓ ବାଗ ସୂଚନା ଦେଇ କହିଛନ୍ତି ଯେ, ବୁର୍ଲା ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟାଳୟରେ ଯନ୍ତ୍ରୀଭାବେ କାର୍ଯ୍ୟରତ ବାଲେଶ୍ୱରର ମୂଳ ବାସିନ୍ଦା ଜ୍ୟୋତି ପ୍ରକାଶ ମହାନ୍ତି ବର୍ତମାନ ଦେହେରୀପାଲିରେ ରହୁଥିବା ତାଙ୍କ ଘରକୁ ପଶି ଗତ ନଭେମ୍ବର ୯ ତାରିଖରେ ପୂର୍ବାହ୍ନ ୧୦ଟା ସମୟରେ ଦୁର୍ବୃତମାନେ ସୁନା ଓ ରୂପା ଗହଣା ସହ ନଗଦ ରାଶି ଚୋରି କରି ନେଥିବା ଅଇଁଠାପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଏତଲା ଆଧାରରେ ପୋଲିସ ଅଇଁଠାପାଲି ଥାନାରେ ୩୬୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସ୍ଥାନୀୟ ଲୋକେ ଅଟକ ରଖିଥିବା ଦୁଇ ମହିଳା ଓ ଦୁଇ ନାବାଳିକାଙ୍କୁ ପୋଲିସ ଅଟକ ରଖି ପଚରା ଉଚରା କରିଥିଲା । ସେମାନଙ୍କ ସୂଚନା ଅନୁସାରେ ସମ୍ବଲପୁର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ପୋଲିସର ଏକ ସ୍ୱତନ୍ତ୍ର ଦଳ ପ୍ରଥମେ ବିହାର ଯାଇ ତଥ୍ୟ ସଂଗ୍ରହ କରି ପୋଲିସ ରାଉରକେଲାରୁ ଦୁଇ ପୁରଷ ଅଭିଯୁକ୍ତଙ୍କୁ ସମ୍ବଲପୁର ଅଣି ପଚାର ଉଚରା କରିଥିଲା । ଉକ୍ତ ଚୋରି ଘଟଣାରେ ସେମାନଙ୍କ ସମ୍ପୃକ୍ତି ନେଇ ସ୍ୱୀକାର କରିବା ପରେ ଅଟକ ଥିବା ମହିଳା ଓ ନାବାଳିକାଙ୍କ ସହ ଉଭୟ ପୁରୁଷଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ଚୋରି ସୁନା ଓ ରୂପା ଗହଣା ମଧ ପୋଲିସ ଉଦ୍ଧାର କରିବାରେ ସକ୍ଷମ ହୋଇଛି ବୋଲି ଏସ୍ଡିପିଓ ବାଗ କହିଛନ୍ତି । ସେଥିମଧ୍ୟରେ ସୁନାମୁଦି, ମାଳି, କାନଫୁଲ, ଶଂଖା ଆଦି ପ୍ରାୟ ୬୫ ଗ୍ରାମର ସୁନା ଗହଣା, ରୁପାର ପାଉଜି, ଗୋଡ଼ମୁଦି ଆଦି ମିଶି ମୋଟ ୨୫୦ ଗ୍ରାମ ରୁପା ଗହଣା ରହିଛି । ଯହାର ଆନୁମାମନିକ ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି । ଉଦ୍ଧାର ସୁନା ଓ ରୂପା ଗହଣାକୁ ମଙ୍ଗଳବାର ଏହାର ମାଲିକ ଜ୍ୟୋତି ପ୍ରକାଶଙ୍କ ଧର୍ମପତ୍ନୀଙ୍କୁ ଏସ୍ଡିପିଓ ତୋଫାନ ବାଗ ହସ୍ତାନ୍ତର କରିଛନ୍ତି । ସୂଚନା ଯୋଗ୍ୟ ଯେ, ଉକ୍ତ ଦିନ ଜ୍ୟୋତି ପ୍ରକାଶ ଅଫିସ ଗଲା ପରେ ତାଙ୍କ ଧର୍ମ ପତ୍ନି ଲୁଗା ଶୁଖାଇବା ପାଇଁ ଘରର ଦାଣ୍ଡ କବାଟ ବନ୍ଦ କରି ଛାତ ଉପରକୁ ଯାଇଥିଲେ । ଛାତ ଉପରେ ଲୁଗା ଶୁଖାଇ ତଳକୁ ଆସିଲା ପରେ ତାଙ୍କ ଘର ଦାଣ୍ଡ କବାଟ ଖୋଲାଥିବା ବେଳେ ଘର ମଧ୍ୟରେ ଥିବା ଆଲମିରାଟି ମଧ ଖୋଲାଥିବା ଦେଖି ତାଙ୍କ ଘରେ ଚୋରି ହୋଇଥିବା ନେଇ ଜୋରରେ ପାଟି କରିଥିଲେ । ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ନିକଟରେ ବୁଲାବୁଲି କରୁଥିବା ଦୁଇଜଣ ଯାଯାବର ଶ୍ରେଣୀୟ ମହିଳା ଓ ଦୁଇ ନାବାଳିକାଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଅଇଁଠାପାଲି ପୋଲିସ ତତ୍କ୍ଷଣାତ ଘଟଣାସ୍ଥଳରେ ପହଞ୍ଚିଲା ପରେ ସମୋନଙ୍କୁ ପୋଲିସର ଜିମା ଦେଇଥିଲେ । ପରେ ସେମାନଙ୍କ ସୂଚନା ଆଧାରରେ ଦୁଇ ପୁରୁଷ ଅଭିଯୁକ୍ତ ପରମାର ଓ ନବୀନଙ୍କୁ ପୋଲିସ ରାଉରକେଲାରୁ ଗିରଫ କରିଥିଲା ।

## ଜାତୀୟ ସ୍ତରୀୟ ଦୌଡ ପ୍ରତିଯୋଗୀତା ପ୍ରୀତିମୟୀ ମନୋନୀତ

ସୁବର୍ଣ୍ଣପୁର, ୧୩/୧୧ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ଗ୍ରାମର ପ୍ରିତିମୟୀ ଭୁକ୍ତା ରାଜ୍ୟ ଦୌଡ ପ୍ରତିଯୋଗୀତା ରେ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଛନ୍ତି । କେନ୍ଦୁଝର ଠାରେ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ କୁଦ ପ୍ରତିଯୋଗିତା ରେ ୧୭ ବର୍ଷରୁ କମ ବାଳିକା ବିଭାଗରେ ୮୦୦ ମିଟର ୧୫୦୦ ମିଟର ଓ ୩୦୦୦ ମିଟର ଦୌଡରେ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହେବା ସହ ଜାତୀୟ ସ୍ତରକୁ ଉନ୍ନୀତ ହୋଇଛନ୍ତି । ଉକ୍ତ ଗ୍ରାମର ପିତା ସୁରେନ୍ଦ୍ର ଭୁକ୍ତା ଓ ମାଁ ଅର୍ଚନା ଭୁକ୍ତା ଙ୍କର ଝିଅ ପ୍ରିତିମୟୀ ଭୁକ୍ତା ସିନ୍ଧୋଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ଅଧ୍ୟୟନ କରୁଛନ୍ତି । ତାଙ୍କର ଏହି ସଫଳତାରେ ସଂଗ୍ରାମପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ସିନ୍ଧୋଲ କଲେଜ ର ଅଧ୍ୟକ୍ଷ,ଖେଳ ଶିକ୍ଷକ ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ, ଡିପିଇଓ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଖେଳ ଶିକ୍ଷକ, କଳିଙ୍ଗ ଷ୍ଟାଡିଅମ ଭୁବନେଶ୍ୱର ର ପ୍ରଶିକ୍ଷକ ଗଣ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଥମ ଥର ପାଇଁ ବିଦ୍ୟାଳୟ ସମୂହ ରାଜ୍ୟ ସ୍ତରୀୟ ଦୌଡ କୁଦ ପ୍ରତିଯୋଗିତାରେ ପ୍ରିତୀମୟୀ ଙ୍କର ଏହି ବିରଳ ସଫଳତା ଦେଖି ଭିଭିନ୍ନ ଅଂଚଳ ରୁ ପ୍ରିତୀମୟୀ ଙ୍କୁ ଶୁଭେଚ୍ଛା ର ବାର୍ତ୍ତା ଆସୁଛି ।

# ନାବାଳିକା ଦୁଷ୍କର୍ମ ଉଦ୍ୟମକାରୀ ଯୁବକକୁ ୨ବର୍ଷ ଜେଲ ଦଣ୍ଡାଦେଶ

କେଉଁଝର, ୧୩/୧୧ (ନି.ପ୍ର): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଆଜି ମଙ୍ଗଳବାର ଏକ ନାବାଳିକାକୁ ଦୁଷ୍କର୍ମ ଉ୍ୟମ କରିଥିବା ବଡବିଲ ଥାନା ଅନ୍ତର୍ଗତ ସାଧୁସିଂ ହଟିଙ୍ଗ ର ଜଣେ ବିବାହିତ ୨୭ ବର୍ଷ ବୟସ୍କ ଯୁବକ ପୂର୍ଣ୍ଣ ତନ୍ତି କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ସଶ୍ରମ କାରାଣ୍ଡ ରେ ଦଣ୍ଡିତ କରିବା ସହ ୨ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାୟେ ଅଧିକ ଏକ ମାସ ସଶ୍ରମ କାରା ଣ୍ଡାଶେ ଶୁଣାଇଛନ୍ତି ।
ଘଟଣାରୁ ପ୍ରକାଶ ଯେ ୨୦୨୦ ମସିହା ଫେବୃୟାରୀ ୧୨ ତାରିଖ ଦିନ ୯ଟାରେ ନାବାଳିକା ଓ ତାର ସାନଭଉଣୀ ଗାଁ ର କିଛି ଯୁବତୀ ଓ ଆସାମୀ ଏବଂ ଆସାମୀଙ୍କ ସ୍ତ୍ରୀ ସହ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ । ସେହି ଜଙ୍ଗଲ ମଧ୍ୟରେ ନାବାଳିକାକୁ ଏକୁଟିଆ ପାଇ ଦୁଷ୍କର୍ମ ଉଦ୍ୟମ କରିବା ସମୟରେ ନାବାଳିକା ଚିତ୍କାର
କରିବାରୁ ସମସ୍ତେ ସେଠାରେ ଏକତ୍ରିତ ହୋଇଯାଇଥିଲେ ଏବଂ ନାବାଳିକା ଜଣଙ୍କ କାନ୍ଦି କାନ୍ଦି ସମସ୍ତଙ୍କୁ ଘଟଣା ବିଷୟରେ କହିଥିଲା । ଏହାପରେ ପରିବାର ପକ୍ଷରୁ ବଡବିଲ ଥାନାରେ ଏତଲା ହୋଇଥିଲା । ଏହାକୁ ପୋଲିସ ଅନୁସନ୍ଧାନ କରି ଆସାମୀକୁ ଜେଲ ପଠାଇବା ସହ ତା' ନାମରେ ଚାର୍ଜସିଟ୍ କୋର୍ଟରେ ଦାଖଲ କରିଥିଲା । ମଙ୍ଗଳବାର ଦିନ ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତି କରି ବିଚାରପତି ବିଜୟ କୁମାର ମିଶ୍ର ଉପରୋକ୍ତ ରାୟ ପ୍ରକାଶ କରିବା ସହ ପୀଡିତାକୁ ୧ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ସୁପାରିଶ କରିଛନ୍ତି । ସରକାରଙ୍କ ତରଫରୁ ସ୍ପେଶାଲ ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ ।

# ଜୟପୁରଠାରେ ଫେଁସନ ସୋର ପ୍ରଥମ୍ ଅଡିସନ୍

ଜୟପୁର, ୧୩/୧୧ (ନି.ପ୍ର): କୋରାପୁଟ ଜିଲ୍ଲାର ଜୟପୁର ଠାରେ ପ୍ରଥମ ଥର ପାଇଁ ସୁପର୍ ଗ୍ଲାମ୍ ସୋର ଫାଷ୍ଟ ଅଡିସନ୍ ଜୟପୁର ଏସ ଆର୍ ମଲ ପରିସର ମଧ୍ୟରେ ମଧ୍ୟରେ ଆୟୋଜିତ ହୋଇଯାଇଛି । ରାମ୍ପ୍ ରେ ଚାଲିଥିଲେ କୁନି କୁନି ଛୁଆଠୁ ଆରମ୍ଭ କରି ବିବାହିତ ମହିଳା ଓ ପୁରଷ । ଫେଶନ ଗ୍ଲାନ୍ସ ର ଆୟଜୋକ ପ୍ରିତମ କୁମାର ପାଣିଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିମା ଅମ୍ବିକା ଟ୍ରଷ୍ଟ ଅଧ୍ୟକ୍ଷା ମମତା ବେହେରା ମୂଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସ୍ ଆର୍ ମଲ୍ ମାଲିକ ସୁବାଷ ରାଉତ ଏବଂ ଓଡ଼ିଆ ସିନେ ଜଗତର ଆକ୍ଟର ଓ କୋରିଓଗ୍ରାଫର୍ ଆଶିଷ କୁମାର ସହ ସମ୍ମାନୀତ ଅତିଥି ରୂପେ ମିଷ୍ଟର କୋରାପୁଟ ସନ୍ତୋଷ କୁମାର ଯୋଗ ଦେଇଥିଲେ । ଆଜିର ପ୍ରଥମ ଅଡିସନ ରେ ଅବିଭକ୍ତ କୋରାପୁଟ ଜିଲ୍ଲାର ୧୦୪ ଜଣ ପ୍ରତିଯୋଗି ଫେସନ ସୋ ରେ ଭାଗନେଇଥିଲେ । ଏଥିରେ ଜଜ ଭାବେ ମମତା ବେହେରା, ଆଶିଷ କୁମାର, ସନ୍ତୋଷ କୁମାର ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କ ପ୍ରତିଭାର ମୂଲ୍ୟାଙ୍କନ କରିଥିଲେ । ମୂଖ୍ୟ ଅତିଥି ଶ୍ରୀମତୀ ବେହେରା କହିଛନ୍ତି ଯେ ଅବିଭକ୍ତ କୋରାପୁଟ ଜିଲ୍ଲାର ପୁଅ ଝିଅ ମାନଙ୍କ ଲୁକ୍କାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ଏହା ଏକ ପ୍ରୟାସ । ଆୟୋଜକ ଶ୍ରୀ ପାଣି କହିଛନ୍ତି ଏହି ପ୍ରତିଯୋଗିତା ପ୍ରଥମ ଥର ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ବର୍ଗର କୁନି କୁନି ପିଲା ଏବଂ କନିଷ୍ଠ ଓ ବରିଷ୍ଠ ବର୍ଗ ର ପୁରୁଷ, ମହିଳା ମାନଙ୍କ ଭବିଷ୍ୟତ ରେ ଫେଶନ ଜଗତରେ ଆଗକୁ ନେବାର ଏହା ଏକ ଛୋଟ ପ୍ରୟାସ । ଆଗାମୀ ଅଡିଷନ ଉମରକୋଟ ଏବଂ ରାୟଗଡା ରେ ଅନୁଷ୍ଠିତ ହେବ ଫାଇନାଲ ପ୍ରତିଯୋଗିତା ଡିସେମ୍ବର ମାସରେ ହେବ ବୋଲି ସେ କହିଛନ୍ତି ।

# ବଡ଼ ଏକାଦଶୀରେ ବାବା ଧବଳେଶ୍ୱରଙ୍କ ଚନ୍ଦ୍ରଚୂଡ଼ ବେଶ

କଟକ, ୧୩/୧୧ (ନି.ପ୍ର): ପଂଚୁକର ଦ୍ୱିତୀୟ ଦିବସ ତଥା ବଡ଼ ଏକାଦଶୀରେ ଆଜି କଟକ ଜିଲ୍ଲାର ଆଠଗଡ଼ ସ୍ଥିତ ବାବା ଧବଳେଶ୍ୱର ଭକ୍ତଙ୍କୁ ଚନ୍ଦ୍ରଚୂଡ଼ ବେଶରେ ଦର୍ଶନ ଦେଇଛନ୍ତି । ଭୋର୍ ରୁ ବାବାଙ୍କ ସମସ୍ତ ନୀତିକାନ୍ତି ସମାପନ ପରେ ଦର୍ଶନ ଆରମ୍ଭ ହୋଇଛି । ଶ୍ରଦ୍ଧାଳୁ ମାନେ ଧାଡିରେ ବ୍ୟାରିକେଡ୍ ରେ ଆସି ବାବାଙ୍କ ଦର୍ଶନ କରୁଛନ୍ତି । ଏହି ଦିନରେ ଦେବ ଦେବ ମହାଦେବଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିବା ସହ ମାନସିକ ଶାନ୍ତି ମିଳିଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି । ପୂଜକ ସମିତି ପକ୍ଷରୁ ଆଜି ରାତ୍ର ୩ଟାରେ ମନ୍ଦିରର ପହଡ ଖୋଲାଯାଇ ପ୍ରଥମେ ମଙ୍ଗଳଆଳତୀ ପରେ ବାବାଙ୍କୁ ସ୍ନାନ କରାଯାଇଥିଲା । ସ୍ନାନ ପରେ ବାବା ଧବଳେଶ୍ୱରଙ୍କୁ ଚନ୍ଦ୍ରଚୂଡ଼ ବେଶରେ ସଜ୍ଜିତ କରାଯାଇଥିଲା । ସକାଳେ ବାଲଭୋଗ, ଖେଚୁଡ଼ି ଭୋଗ ଲାଗି କରାଯାଇଛି । ଏହାପରେ ଆଜି ଦହିରେ ବାବାଙ୍କୁ ଅଭିଶେକ କରାଯାଇଛି । ଅଭିଶେକ ପରେ ଦର୍ଶନ ନିମନ୍ତେ ପହଡ଼ ଖୋଲାଯାଇଥିଲା । ମଧ୍ୟାହ୍ନରେ ବାବାଙ୍କୁ ଅନ୍ନ, ଡାଲମା, କ୍ଷିରୀ, ଖେଚୁଡ଼ି ଭୋଗ ଲାଗି ହୋଇଛି । ସଂନ୍ଧ୍ୟାରେ ପୁର୍ନବାର ବାବାଙ୍କୁ ସ୍ନାନ କରାଯାଇଛି । ସ୍ନାନ ପରେ ସଂନ୍ଧ୍ୟା ଆଳତୀ ଅନୁଷ୍ଠିତ ହୋଇଛି ଏବଂ ରାତିରେ ବାବାଙ୍କ ଶୟନ ପୂର୍ବରୁ ଦହି ପଖାଳ ବାଟୁଲା ଭୋଗ ଲାଗି ହୋଇଛି । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି । ଏଥିସହ ସିସିଟିଭି ବ୍ୟବସ୍ଥା କରାଯାଇଛି । ୩ ଜଣ ଅତିରିକ୍ତ ଏସପିଙ୍କ ସମେତ ପୋଲିସ ଓ ପ୍ରଶାସନିକ ଅଧିକାରୀ ନିୟୋଜିତ ହୋଇଛନ୍ତି ।

## କେନ୍ଦ୍ର କୋଇଲା ସଚିବଙ୍କ ଏମସିଏଲ୍ ଗସ୍ତ

ସମ୍ବଲପୁର, ୧୩/୧୧ (ନି.ପ୍ର): ମହାନଦୀ କୋଇଲା କମ୍ପାନୀ ଏମସିଏଲକୁ କେନ୍ଦ୍ର କୋଇଲା ସଚିବ ବିକ୍ରମ ଦେବ ଦତ ଦୁଇ ଦିବସୀୟ ଗସ୍ତରେ ଆସି କୋଲ୍ ଇଣ୍ଡିଆର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏମ୍ସିଏଲ୍‌ର ମୁଖ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ଯୋଗଦେଇ ଉଦ୍‌ବୋଧନରେ କୋଇଲା ଶକ୍ତିର ଆବଶ୍ୟକତା ଏବଂ କୋଇଲା ଉତ୍ପାଦନ ପାଇଁ ଧାର୍ଯ୍ୟ ଲକ୍ଷ୍ୟକୁ ବୃଦ୍ଧି କରିବା ପାଇଁ ଉତ୍ସାହିତ କରିଥିଲେ । କୋଲ୍ ଇଣ୍ଡିଆର ଅଧ୍ୟକ୍ଷ ପି.ଏମ୍. ପ୍ରସାଦ, ଏମ୍ସିଏଲ୍‌ର ସିଏମଡି ଉଦୟ ଅନନ୍ତ ପାଉଲେ, କୋଇଲା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଏସ୍‌କେ କସ୍‌ସି ଏବଂ ଅନ୍ୟ ପଦାଧିକାରୀ ଏବଂ ଶ୍ରମିକ ସଂଗଠନର କର୍ମକର୍ତାମାନେ ଉପସ୍ଥିତ ଥିଲେ । ଏମ୍ସିଏଲ୍ କୋଲ୍ ଇଣ୍ଡିଆର ସଫଳତାର ଆଧାର ବୋଲି ମତ ଦେଇ କେନ୍ଦ୍ର କୋଇଲା ସଚିବ କହିଲେ ଯେ, କୋଭିଡ଼ ମହାମାରୀ ସମୟରେ ଏହି କମ୍ପାନୀର ଅବଦାନ ଅତୁଳନୀୟ । ଖଣି ଉତୋଳନ ପାଇଁ ଖଣିମାନଙ୍କ ସକାଶେ ନୂତନ ମାର୍ଗଦର୍ଶିକା ଉପରେ ଜୋର ଦେଇ ଏଥିରେ ପରିବେଶ ସୁରକ୍ଷା ସହିତ ସାମାଜିକ ସ୍ଥିତିକୁ ଦୃଷ୍ଟି ଦେବା ପାଇଁ ସେ ଗୁରୁତ୍ୱାରୋପ କରିଥିଲେ । ସମ୍ବଲପୁର ଗସ୍ତ ସମୟରେ ମୁଖ୍ୟାଳୟରେ ସମୀକ୍ଷା ବୈଠକ ସହିତ ଶ୍ରୀ ଦତ ଝାରସୁଗୁଡ଼ା ଜିଲ୍ଲାରେ ଥିବା ଲଖନପୁର ଖଣି ଓ ଇବ୍ ଉପତ୍ୟକା ୱାସେରୀ ନିରୀକ୍ଷଣ କରିଥିଲେ ।

# ସୁଭାଷ ବୋଷ ଇଂଲିସ ମିଡିୟମ ସ୍କୁଲରେ ବିଜ୍ଞାନ ମେଳା

କୋରେଇ, ୧୩/୧୧ (ନି.ପ୍ର): ପାଣିକୋଇଲିସ୍ଥିତ ସୁଭାଷ ବୋଷ ଇଂଲିସ ମିଡିୟମ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନ ମେଳାରେ ପ୍ରଦୂ୍ୟଷଣ ନିୟନ୍ତ୍ରଣ, ଜଳଚକ୍ର, ହୃତପିଣ୍ଡ ମଡେଲ, ଆଶୁ ଚିକିତ୍ସା. ସୌର ଏବଂ ପବନ, ଚନ୍ଦ୍ରଗହଣ, ସୂର୍ଯ୍ୟପରାଗ, ଔଷଧୀୟ ବୃକ୍ଷ, ପଂଚ ଇନ୍ଦ୍ରିୟ, ଚକ୍ଷୁ, ହୃତପିଣ୍ଡ ସଂଚାଳନ, ବନ୍ୟା ସତର୍କ ଘଂଟି ଆଦି ବିଷୟରେ ବିଜ୍ଞାନ ମେଳା ଆୟୋଜନ କରାଯାଇଥିଲା । ମୋଟ ୪୫ ଜଣ ଛାତ୍ର/ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରିଥିଲେ । ଜୁନିୟର ଓ ସିନିଅର ୨ଭାଗରେ ବିଜ୍ଞାନ ମେଳା ପ୍ରସ୍ତୁତ କରାଯାଇଥିଲା । ଜୁନିୟର ବିଭାଗରେ ଓମେର ମୁସ୍ତାଫା ଖାନ, ନେନିସ ମହାପାତ୍ର ଓ ଆରଜେ ତପସ୍ୱନୀ ସାହୁ ସିନିୟର ଭାଗଶ୍ରୀ ଦଳାଇ, ସେହାଂଶୁ ରଣା ଆର.ଜେ ସୋହମ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବିନ୍ଦ୍ର କୁମାର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ବିଜନ ଧଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।

# କଳିଙ୍ଗ ଆର୍ଟ ଗ୍ୟାଲେରୀରେ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ଚିତ୍ରକଳା ଶିବିର

ଭୁବନେଶ୍ୱର, ୧୩/୧୧ (ନି.ପ୍ର): ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ତଥା ଜନନାୟକ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ଅବସରରେ ଆସନ୍ତା ନଭେମ୍ବର ୨୧ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ଆସନ୍ତା ଏକବର୍ଷ ପର୍ଯ୍ୟନ୍ତ ମହତାବଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ରାଜ୍ୟ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି । ଏହିକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରାଜ୍ୟ ସଂଗ୍ରହାଳୟ ସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରୀରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୀବନୀ ଉପରେ ଆଧାରିତ ଏକ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଛି । ଚିତ୍ରକଳା ଶିବିର ନଭେମ୍ବର ୧୦ ତାରିଖ ଠାରୁ ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମୋଟ ୩୦ ଜଣ ବିଶିଷ୍ଟ ଏବଂ ସୁନାମଧନ୍ୟ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ । ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୀବନୀ ଉପରେ ଆଧାରିତ ହୋଇଥିବା ଏହି ଚିତ୍ରକଳାଗୁଡିକୁ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ପ୍ରଦର୍ଶନୀ ମାନଙ୍କରେ ସ୍ଥାନିତ କରାଯିବ ବୋଲି ସୂଚନା ମିଳିଛି । ଆଜିର ଉଦ୍‌ଯାପନୀ ସମାରୋହରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ନିଜର ଅଭିଭାଷଣରେ ସେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ଆମେ ସମସ୍ତେ ତାଙ୍କ କାର୍ଯ୍ୟ ଦ୍ୱାରା ପ୍ରେରିତ ହେବା ଉଚିତ ବୋଲି କହିଥିଲେ । ଏଥିସହ ସଂସ୍କୃତି ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥିବା ଏହି ଚିତ୍ରକଳା ପ୍ରଦର୍ଶନୀରେ, ଡକ୍ଟର ମହତାବଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକଳାପ ଗୁଡିକୁ ଶିଳ୍ପୀମାନଙ୍କ ଦ୍ୱାରା ସୁନ୍ଦର ଭାବେ ଚିତ୍ରିତ କରାଯାଇଛି ଏବଂ ଆଗାମୀ ଦିନରେ କଳିଙ୍ଗ ଆର୍ଟ ଗ୍ୟାଲେରୀ ଏବଂ ବିଭିନ୍ନ ପ୍ରଦର୍ଶନୀ ମାନଙ୍କରେ ଏହାକୁ ସ୍ଥାନିତ କରାଯିବ । ଏହାଦ୍ୱାରା ବିଭିନ୍ନ ପ୍ରଦେଶରୁ ଆସୁଥିବା ଜନସାଧାରଣ ଓ ବିଶେଷ ଭାବରେ ଯୁବପିଢ଼ୀମାନେ ଡକ୍ଟର ମହତାବଙ୍କ ଜୀବନୀ, କାର୍ଯ୍ୟାବଳୀ ଓ ଆମ ରାଜ୍ୟ ଓଡ଼ିଶା ପ୍ରତି ରହିଥିବା ତାଙ୍କର ଅମ୍ଳାନ ଅବଦାନ ସମ୍ପର୍କରେ ଅବଗତ ହେବା ସହିତ ଏଥିରୁ ପ୍ରେରଣା ନେଇପାରିବେ ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ ସେଠୀ କହିଥିଲେ । ଆଜିର ଉଦ୍‌ଯାପନୀ ସମାରୋହରେ ସମସ୍ତ ଚିତ୍ରଶିଳ୍ପୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା ।
ସଂସ୍କୃତି ବିଭାଗ ତରଫରୁ ଓଡ଼ିଶାର ବରପୁତ୍ରମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ଯୁବପିଢ଼ୀଙ୍କୁ ତାଙ୍କ ବିଷୟରେ ଅବଗତ କରାଇ ତାଙ୍କୁ ପ୍ରେରିତ କରାଇବାର ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶିତ ହୋଇଛି ।
ଆଜିର କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଶ୍ରୀ ବିଜୟ କେତନ ଉପାଧ୍ୟାୟ, ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପ୍ରିନ୍ସପାଲ ଶ୍ରୀ ସୁବ୍ରତ ମଲ୍ଲିକ, ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀଗଣ, ଚିତ୍ରଶିଳ୍ପୀ ମାନେ ଉପସ୍ଥିତ ଥିଲେ ।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍ ସହଯୋଗିତାରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଲଙ୍ଗଳେଶ୍ୱର ୧୩/୧୧( ନିପ୍ର) ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍ସ)ର ୧୮ତମ ସଂସ୍କରଣରେ ବାଲିଆପାଳ ଏସ୍ ଆର୍ ଉଚ୍ଚ ବିଦ୍ୟାଳୟ ଓ ଚୌମୁଖ ଆର ପି ଏଚ୍ ଏସ୍ ଉଚ୍ଚ ବିଦ୍ୟାଳୟ ପ୍ରାୟେ ୭ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଟାଟା ଷ୍ଟିଲ୍ ପକ୍ଷରୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ଭୁବନେଶ୍ୱର ପ୍ରଯୁକ୍ତି ବିଦ୍ୟା ବିଭାଗ ଅଧୀନସ୍ଥ ପଠାଣୀ ସାମନ୍ତ ପ୍ଲାନେଟୋରିୟମର ସହ ଯୋଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଷଷ୍ଠ ରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ମହାକାଶ ବିଜ୍ଞାନକୁ ନେଇ ଉତ୍ସୁକତା ଓ ଉତ୍ସାହ ଜାଗ୍ରତ କରିବା। କାର୍ଯ୍ୟକ୍ରମରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ କୁଇଜ ପ୍ରତିଯୋଗୀତା ଓ ନବମରୁ ଦଶମ ଶ୍ରେଣ ଛାତ୍ରଛାତ୍ରୀମାନଙ୍କ ପାଇଁ ମଲ୍ଟିପୁଲ ଚଏସ ଆସେସମେଣ୍ଟ କରଯାଇଥିଲା। ୟାଟ୍ସ-୨୦୨୪ର ବିଷୟବସ୍ତୁ ହେଉଛି "ମହାକାଶ ଆପଣଙ୍କ ପରବର୍ତ୍ତୀ ଭ୍ରମଣ ସ୍ଥଳ କି?" ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଅନୁସନ୍ଧାନ ଏବଂ ସେମାନଙ୍କ ଜ୍ଞାନକୁ ପ୍ରଦର୍ଶିତ କରିବା ଦିଗରେ ଏହାଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବ। ୟାଟ୍ସ କେବଳ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବୈଜ୍ଞାନିକ ଉତ୍ସୁକତାକୁ ସମୃଦ୍ଧ କରେନାହିଁ ଏହା ବିଭିନ୍ନ ପ୍ରକାର କୁଇଜ ଓ ଅନୁଶୀଳନ ଜରିଆରେ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତାର ଭାବ ଜାଗ୍ରତ କରିଥାଏ। ଜ୍ୟୋତିର୍ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ ଓ ମହାକାଶ ବିଜ୍ଞାନ ପ୍ରତି କିମ୍ବଦନ୍ତୀ ଓଡ଼ିଆ ଜ୍ୟୋତିର୍ବିଦ୍ ମହାମହୋପାଧ୍ୟାୟ ପଠାଣୀ ସାମନ୍ତଙ୍କ ଅବଦାନକୁ ସମ୍ମାନ ଜଣାଇବା ଲାଗି ଛାତ୍ରଛାତ୍ରୀମାନଙ୍କୁ ୟାଟ୍ସ ଏକ ମଞ୍ଚ ପ୍ରଦାନ କରୁଛି। ଓଡ଼ିଶାର ପ୍ରତିଟି ଜିଲ୍ଲାର ବିଜେତାମାନଙ୍କୁ ୨୦୨୪ ଡିସେମ୍ବର ୧୩ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାଣ୍ଡ ଫିନାଲେରେ ଭାଗ ନେବା ଲାଗି ଆମନ୍ତ୍ରଣ କରାଯିବ, ଯେଉଁଠାରେ ଶ୍ରେଷ୍ଠ ପ୍ରଦର୍ଶନକାର ୀମାନଙ୍କୁ ପୁରସ୍କୃତ କରାଯିବ। ବିଗତ ୧୭ ବର୍ଷରୁ ଅଧିକ ସମୟ ମଧ୍ୟରେ ୟାଟ୍ସ ଅନେକ ଯୁବପିଢ଼ିଙ୍କୁ ମହାକାଶ ବିଜ୍ଞାନ କ୍ଷେତ୍ରରେ ଅନୁସନ୍ଧାନ କରିବାକୁ ଉତ୍ସାହିତ କରିଛି। ପୂର୍ବ ସଂସ୍କରଣର ବିଜେତା ଛାତ୍ରଛାତ୍ରୀମାନେ ଅହମ୍ମଦାବାଦସ୍ଥିତ ଇସ୍ରୋର ମହାକାଶ ପ୍ରୟୋଗ କେନ୍ଦ୍ର (ଏସ୍ଏସି) ପରିଦର୍ଶନ କରିଛନ୍ତି।




## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମିୟୋ କ୍ଲିନିକର ପ୍ରତିନିଧି

ଭୁବନେଶ୍ୱର, ୧୩/୧୧ (ନି.ପ୍ର): ଆଜି ଲୋକସେବା ଭବନ ଠାରେ ଆମେରିକାର ମିୟୋ କ୍ଲିନିକ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ଗବେଷଣା ସଂସ୍ଥାର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଓଡିଶାରେ କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ସବୁଠାରୁ ଆଧୁନିକ ରୋଗ ନିରୂପଣ ଓ ଚିକିତ୍ସା ପଦ୍ଧତିର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନାରୁ ଜଣା ଯାଇଛି ଯେ, କ୍ୟାନ୍ସର ଚିକିତ୍ସା ଅତ୍ୟଧିକ ବ୍ୟୟ ସାପେକ୍ଷ ଓ ଅନିଶ୍ଚିତ। ଡି.ଏନ୍.ଏ ଟେଷ୍ଟ ଜରିଆରେ ତୁରନ୍ତ ରୋଗ ନିରୂପଣ ସହିତ କୌଣସି ଏକ ନିର୍ଦ୍ଦିଷ୍ଟ ଚିକିତ୍ସା ପ୍ରଣାଳୀ ଫଳପ୍ରଦ ହେଉଛି ବା ନାହିଁ ତାହା ମଧ୍ୟ ଖୁବ୍ ଶୀଘ୍ର ଜଣାପଡି ପାରିବ। ତେଣୁ ଓଡିଶାରେ ଏହି ନୂତନ ପଦ୍ଧତିର ପ୍ରୟୋଗ ସପକ୍ଷରେ ପ୍ରତିନିଧିମାନେ ମତ ରଖିଥିଲେ। ଏହା ଦ୍ୱାରା ରୋଗ ନିରୂପଣ ଖୁବ୍ ଶୀଘ୍ର ସୂଚନା ମିଳିବା ସହିତ ଫଳପ୍ରଦ ଚିକିତ୍ସା ପ୍ରଦାନ କରାଯାଇ ପାରିବ। ସ୍ୱାସ୍ଥ୍ୟସେବା, ବିଶେଷ କରି କ୍ୟାନ୍ସର ଚିକିତ୍ସାକୁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମତ ଦେଇ ଏ ସମ୍ପର୍କରେ ବିଧିବଦ୍ଧ ପ୍ରସ୍ତାବ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

# ରାଜ୍ୟସ୍ତରୀୟ ସୁରଭିରେ ସମ୍ବର୍ଦ୍ଧିତ ହେବେ ମୟୂରଭଞ୍ଜର ୧୨ କ୍ରୀଡ଼ାବିତ୍



ମୟୂରଭଞ୍ଜର, ୧୩/୧୧ (ନି.ପ୍ର): ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡିଶା, ଭୁବେନେଶ୍ୱର ପତ୍ରାଙ୍କ ସଂଖ୍ୟା ୩୨୬୯୦ ତାରିଖ ୧୧/୧୧/୨୦୨୪ ଚିଠି ଅନୁଯାୟୀ ଜାତୀୟ ବିଦ୍ୟାଳୟ ସମୂହ କ୍ରୀଡା,୨୦୨୩ -୨୪ ରେ ଅଂଶ ଗ୍ରହଣ କରିଥିବା କ୍ରୀଡ଼ାବିତମାନଙ୍କୁ ନଭେମ୍ବର ୧୩ ତାରିଖ ରେ କ୍ୟାପିଟାଲ ହାଇସ୍କୁଲ, ୟୁନିଟ -୩, ଭୁବେନେଶ୍ୱର ଠାରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ସୁରଭି -୨୦୨୪ ରେ ସମ୍ବର୍ଦ୍ଧିତ ହେବେ। ଏହି ଉତ୍ସବ ରେ ଯୋଗ ଦେବା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱବଧାନରେ କୃଷ୍ଣଚନ୍ଦ୍ର ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲଡିହା ର ପିଇଟି ଦିବ୍ୟରଞ୍ଜନ ଦାସ ଓ ସରକାରୀ (ଏସ. ଏସ. ଡ଼ି.) ବାଳିକା ଉଚ୍ଚ ବିଦ୍ୟାଳୟ, ରାଣୀଭୋଳ ର ମେଟ୍ରୋନ ଶାନ୍ତି ସିଂ ଙ୍କ ନେତୃତ୍ୱରେ ୧୨ ଜଣ ଜାତୀୟସ୍ତର କ୍ରୀଡ଼ାବିତ ଯୋଗ ଦେଇଛନ୍ତି । ସେମାନେ ହେଲେ ସରକାରୀ (ଏସ. ଏସ. ଡ଼ି.) ବାଳିକା ଉଚ୍ଚ ବିଦ୍ୟାଳୟ, ରାଣୀଭୋଳ ର ଛାତ୍ରୀ ସୁଲେନା ହେମ୍ବ୍ରମ, ସୁମିତ୍ରା ମୁର୍ମୁ, ବାସନ୍ତୀ ମୁର୍ମୁ, ପାୟେଲ ହାଁସଦା, ମହାରାଣୀ ତଖତ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ସାବିତ୍ରୀ ମାରାଣ୍ଡି, ଅତନୁ ପାଣି, ରତିକାନ୍ତ ହେମ୍ବ୍ରମ, ଉତ୍କଳମଣି ଗୋପବନ୍ଧୁ ପ୍ରାକ୍ଟିସିଂ ଉଚ୍ଚ ବିଦ୍ୟାଳୟ, ତକତପୁର ର ସୁଦସ୍ମା କ୍ରିଷ୍ଣା ନାଏକ, ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସିନ୍ଦୁରଗୌରା ର ମମତା ମୁର୍ମୁ, ଶ୍ରୀଅରବିନ୍ଦ ଉଚ୍ଚ ବିଦ୍ୟାଳୟ ର ଦୀପକ ବେହେରା, ସରକାରୀ ଉଚ୍ଚ ବିଦ୍ୟାଳୟ, ରାଇରଙ୍ଗପୁର ର ସିମାଲ ବାସ୍କେ, ଶ୍ରୀପଦଗଞ୍ଜ ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦା ର ସୋନାର ସିଂ ବେଶ୍ରା। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣାଯାଇଅଛି ।

# 'ଅକ୍ଷର'ର ୧୬ତମ ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସଭା

## ସାହିତ୍ୟ ଭଳି ଏକ ଶକ୍ତିଶାଳୀ ବିଭାଗକୁ ଆଜିଯାଏ ଗୁରୁତ୍ୱ ଦିଆଯାଇନି

ଭୁବନେଶ୍ୱର , ୧୩/୧୧ (ନି.ପ୍ର): "ସାହିତ୍ୟ ପରି ଏକ ଶକ୍ତିଶାଳୀ ଓ ବୈଭବଶାଳୀ ବିଭାଗକୁ ଆମ ଦେଶ ଖୁବ୍ ଅବହେଳା କରିଛି। ନବ୍ୟ ସମାଜର ନବ୍ୟଚେତନା ସାହିତ୍ୟ ହିଁ ପ୍ରଦାନ କରିଥାଏ। କାହିଁକିକେଜାଣି ଏ ଦେଶ ଆଜିଯାଏ ଗୁରୁତ୍ୱ ଦେଉନିକି ଦେଇନାହିଁ। ଏହାହିଁ ସବୁଠୁ ବଡ଼ ଆଶ୍ଚର୍ଯ୍ୟ ବିଷୟ।" ଏମିତି ବକ୍ତବ୍ୟ ରଖିଛନ୍ତି ବଲିଉଡ୍ ଫିଲ୍ମ କଳାକାର ରାଜେନ୍ଦ୍ର ଗୁପ୍ତା। ଗତକାଲି ସନ୍ଧ୍ୟାରେ ସ୍ଥାନୀୟଗୀତଗୋବିନ୍ଦ ସଦନଠାରେ "ଅକ୍ଷର"ର ୧୬ତମ ବାର୍ଷିକୋତ୍ସବକୁ ଉଦ୍‌ଘାଟନ କରି ପ୍ରଗତିଶୀଳ ସାରସ୍ୱତ ସାଧକ, ବୁଦ୍ଧିଜୀବି ଓ ରାଜନେତା ମାନଙ୍କୁ ଉଦ୍‌ବୋଧନ ଦେଇ ସିନେ ତାରକା ଶ୍ରୀଗୁପ୍ତା ୪ଟି ହିନ୍ଦୀ କବିତା ପାଠକରିକହିଲେ "ସରଳ ଶବ୍ଦ ବିନ୍ୟାସସହଜୀବନ ଓ ସମାଜରଏତେମାର୍ମିକ କଥା କବିତାରେ କୁହାଯାଇଛି, ଯାହାକୁ ବୁଝିବାକୁ ଆଦୌ କଷ୍ଟ ହେବନି। ଏହି କବିତାକୁ ବୁଝି ପାରିଲେ ଏତେ ବକ୍ତୃତା, ପ୍ରବଚନ ଓ ଆଲୋଚନା ଶୁଣିବାର ଆବଶ୍ୟକତା ନାହିଁ।" ବଲିଉଡ୍‌ରେ ତାଙ୍କର ସିନେ କ୍ୟାରିୟର ଉପରେ ଆଲୋଚନା କରି କହିଲେ, "ଆମେ ତ ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ କାଠ ପିତୁଳି। ତାଙ୍କ ଇସାରାରେ ଅଭିନୟ କରୁ। କିନ୍ତୁ ଆମରଜୀବନ ଧାରା ସହ ଏହାର କୌଣସି ସମ୍ପର୍କ ନାହିଁ।" ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଗତିଶୀଳ କବି ନିରାକାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଦେଶର ସାମ୍ପ୍ରତିକ ପରିସ୍ଥିତିରେ ସାହିତ୍ୟିକ ଓ ବୁଦ୍ଧିଜୀବି ମାନଙ୍କ ଭୂମିକା ଉପରେ ଆଲୋକପାତ କରି କହିଲେ, "ତର୍କ, ବିତର୍କ, ଆଲୋଚନା ଓ ସମାଲୋଚନା ମାଧ୍ୟମରେ ହିଁ ଆଦର୍ଶର ନିଷ୍କର୍ଷ ବାହାରିଥାଏ ଓ ସତ୍ୟର ଉନ୍ମୋଚନ ହୋଇଥାଏ। ଯଦି ପ୍ରତିବାଦର ସ୍ୱରକୁଚାପି ଦିଆଯାଏ ତେବେ ସତ୍ୟର ହତ୍ୟା ହେବା ସହ ଗଣତନ୍ତ୍ର ବି ବକୁ ଠେଲି ହୋଇଯାଏ।" ସମ୍ମାନିତ ଅତିଥି ଭାବେ ରାଜନେତା ମାନସ ଚୌଧୁରୀ ଯୋଗଦାନ କରି "ଅକ୍ଷର" ପରି ସତ୍ୟ ଉପରେ ବିଶ୍ୱାସ ରଖୁଥିବା ଏବଂ ଓଡ଼ିଶାରେ ତର୍କର ତାଣ୍ଡବ ସୃଷ୍ଟି କରିଥିବା ଅମୀୟ ପାଣ୍ଡବର ପ୍ରଗତିଶୀଳ ସାରସ୍ୱତ ଜୟଯାତ୍ରାର ପ୍ରଶଂସା କରିଥିଲେ। ସମ୍ପାଦକ ତଥା କବି, କଥାକାର ଓ ସ୍ତମ୍ଭକାର ଅମୀୟ ପାଣ୍ଡବ ଉତ୍ସବକୁ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପତ୍ରିକାର ଶରତ ସଂଖ୍ୟା ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଜନସେବା ନିମନ୍ତେ ଡ଼. ଶମ୍ଭୁ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସ୍ୱାଗତିକା ସ୍ୱାଇଁଙ୍କୁ "ଅକ୍ଷର ସୃଜନ ସମ୍ମାନ", ଶୁଭଶ୍ରୀ ସୁବୁଦ୍ଧିଙ୍କୁ "ଉତ୍କର୍ଷ ଉଦ୍ୟୋଗୀ ସମ୍ମାନ", ବନସ୍ମିତା ପତିଙ୍କୁ "ଯୁବ ପ୍ରତିଭା ସମ୍ମାନ" ଓ ଇଂ ପାର୍ଥ ସାରଥୀ ମୁଦୁଲିଙ୍କୁ "ଯୁବସ୍ୱର ସମ୍ମାନ" ପ୍ରଦାନ କରାଯାଇଥିଲା। ମୀର ମହମ୍ମଦ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲାବେଳେ, ମାନସ ରଞ୍ଜନ ସାହୁ, ରାହୁଲ୍ ମହାନ୍ତି, ରାଖାଲ୍ ପଟ୍ଟନାୟକ ଏବଂ ତାପସ କୁମାର ଦେ ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାରମ୍ଭରେ ସ୍ୱାଗତ ସଂଗୀତ "ମୋଓଡ଼ିଶା- ମୋଓଡ଼ିଶା" ଗାନ କରାଯାଇଥିଲା।



**AFFIDAVIT**

An affidavit before the executive Magistrate Baripada, Mayurbhanj, I Arati Jena aged about 49 years, W/o - Late Debasish Dey, D/o- Late Lalmohan Jena resident of Sriramchandrapur, Ward No. 16, Paredpadia, P.o- Baripada, Ps- Baripada Town, Dist- Mayurbhanj, declare that my voter Id card bearing No- GHS3537172 in which my name has been mentioned as Arati Dey, W/o- Late Debasish Dey but in my Aadhar Card No- 977802955654 where in my name has been mentioned as Arati Jena. Both Arati Dey and Arati Jena is one and same person. Henceforth I will be known as Arati Jena in all purpose.

**Arati Jena**

**AFFIDAVIT**

An affidavit before the executive Magistrate Balasore, I Sri Pradip Kumar Das aged about 44 years, S/o- Late Babaji Charan Das, Resident of Vill. Sireipur, P.o- Rasalpur, P.s.- Remuna, dist- Balasore, Odisha declare that i want to say that HANS BHARATI is the real name of my daughter. But in her birth certificate which issued by Balasore Municipality where in said daughters nick name has been mentioned as DIBYA BHARATI DAS. Both the name is one and same person. Henceforth she will be known as HANS BHARATI in all purpose.

**Pradip Kumar Das**

# କବିତା ସଂକଳନ 'ସମୟର ସ୍ୱର' ଉନ୍ମୋଚିତ

କେନ୍ଦ୍ରାପଡ଼ା, ୧୩/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାହିତ୍ୟ ସଂଗଠନ 'ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ' ଆୟୋଜିତ ସ୍ୱନକ୍ଷତ୍ର ଦିବସ ଅବସରରେ କବିତା ପାଠ, ସମ୍ବର୍ଦ୍ଧନା ସଭା ଓ ପତ୍ରିକା ଉନ୍ମୋଚନ ସହିତ ଗୀତି କବୀ ଚାରୁଲତା ଭୂୟାଁଙ୍କର ଦ୍ୱିତୀୟ କବିତା ସଂକଳନ 'ସମୟର ସ୍ୱର' ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ପ୍ରଫେସର ନନ୍ଦକିଶୋର ପରିଡ଼ାଙ୍କ ପୌରାହିତ୍ୟରେ ମୁଖ୍ୟ ଅତିଥି ଓଡ଼ିଶାର ସୁନାମଧନ୍ୟ କବି ଡ. ଫନୀ ମହାନ୍ତିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ସଭାରେ ମୁଖ୍ୟ ବକ୍ତା କବି ନିରାକାର ଦାସ, ସମ୍ମାନିତ ଅତିଥି କବି ଯାମିନୀକାନ୍ତ ଦାସ, କେନ୍ଦ୍ରାପଡ଼ାର ପ୍ରାକ୍ତନ ସାଂସଦ ଡ. ଅର୍ଚ୍ଚନା ନାୟକ, ପ୍ରଖ୍ୟାତ କବି ଓ ଗବେଷକ ଡ. ବାସୁଦେବ ଦାସ, ମୌସୁମୀର ସମ୍ପାଦକ କବି ଡ. ଶ୍ରୀଧର ସାମଲ, କବି ପ୍ରେମାନନ୍ଦ ଖଣ୍ଡୁଆଲ ଏବଂ ସଭା ପରିଚାଳକ ଇଂ ଅକ୍ଷୟ ପାଣି ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ପରେ ଏକ ମନୋଜ୍ଞ କବିତା ପାଠ କାର୍ଯ୍ୟକ୍ରମରେ ଶତାଧିକ କବି କବିତା ପାଠ କରିଥିଲେ । ଶେଷରେ କବି ବୃନ୍ଦାବନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଝାଡ଼ଖଣ୍ଡରେ ପ୍ରଥମ...

ପୁଣି ଥରେ ସରକାରକୁ ଫେରି ନିଜର ଦବଦବା ଜାହିର କରିବାକୁ ଚେଷ୍ଟା ଚଳାଇଛନ୍ତି । ସେପଟେ ଦଳରେ ଅଣଦେଖା ପରେ ବିଜେପିରେ ମିଶିଥିବା ଚମ୍ପାଇ ସୋରେନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ଏ ନିର୍ବାଚନ ଫଳାଫଳ। ଆଦିବାସୀ ଭୋଟ କମିବାରୁ ବିଜେପି ଗତ ଲୋକସଭା ନିର୍ବାଚନ ଏବଂ ବିଧାନସଭା ନିର୍ବାଚନରେ ବିଜେପି ଆସନ ସଂଖ୍ୟା ପୂର୍ବ ନିବାଚନ ତୁଳନାରେ କମିଛି । ତେଣୁ ଏଥର ଆଦିବାସୀ ଭୋଟ ହାତେଇବାକୁ ବିଜେପି ରଣନୀତି ପ୍ରସ୍ତୁତ କରିଛି ।

## ବୁଲଡୋଜର' ଆକ୍ସନ ନେଇ...

ଜଣେ ଅଭିଯୁକ୍ତଙ୍କ ବିରୋଧରେ କେବଳ ଏତଲା ଆଧାରରେ ତାଙ୍କ ଘର ଭଙ୍ଗା ଯାଇ ପାରିବନି। ଅଭିଯୁକ୍ତ କିମ୍ବା ଦୋଷୀଙ୍କ ଘର ଭାଙ୍ଗିବା ବେଆଇନ୍। ଜଣଙ୍କ ପାଇଁ ପୂରା ପରିବାର କାହିଁକି ଦଣ୍ଡ ପାଇବେ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ସରକାରୀ ଅଧିକାରୀଙ୍କୁ ସୁପ୍ରିମକୋର୍ଟ ତାଗିଦ କରିଛନ୍ତି। ଯଦି ପ୍ରଶାସନ ମନଇଚ୍ଛା ଘର ଭାଙ୍ଗେ, ତା'ହେଲେ ଅଧିକାରୀମାନଙ୍କୁ ଏଥିପାଇଁ ଜବାବ ଦେବାକୁ ପଡ଼ିବ। ଅପରାଧ ପାଇଁ ଦଣ୍ଡ ଦେବା କୋର୍ଟର କାମ ପ୍ରଶାସନର ନୁହେଁ। ଅଧିକାରୀମାନେ ଅଦାଲତ ଭଳି କାମ କରିପାରିବେ ନାହିଁ। କାହାର ବି ମୁଣ୍ଡ ଉପରୁ ଛାତ ଛଡ଼ାଇ ନେବା ଠିକ୍ ନୁହେଁ। ଅଭିଯୁକ୍ତ ଏବଂ ଦୋଷୀଙ୍କର ମଧ୍ୟ କିଛି ଅଧିକାର ରହିଛି। କେବଳ ଅଭିଯୁକ୍ତ ଦର୍ଶାଇ ତାଙ୍କ ଘର ଭାଙ୍ଗିବା ଆଇନର ଉଲ୍ଲଂଘନ ଅଟେ ଅଦାଲତ କହିଛନ୍ତି। ବୁଲଡୋଜର ଆକ୍ସନ ପୂର୍ବରୁ ଅଭିଯୁକ୍ତଙ୍କ ପକ୍ଷ ଶୁଣିବାକୁ ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି। ନିୟମ ଅନୁଯାୟୀ ନୋଟିସ୍ ଜାରି କରାଯିବା ଜରୁରୀ। ପଞ୍ଜୀକୃତ ପୋଷ୍ଟ ମାଧ୍ୟମରେ ନୋଟିସ୍ ପଠାଯାଇ ଘରେ ପୋଷ୍ଟର ମାରାଯିବା ଉଚିତ୍। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ୧୫ ଦିନ ସମୟ ଦିଆଯିବା ଉଚିତ। ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ମଧ୍ୟ ନୋଟିସ ସମ୍ପର୍କରେ ସୂଚନା ଦିଆଯିବା। ଭାଙ୍ଗିବା ବେଳେ ଭିଡିଓଗ୍ରାଫି ହେବ। ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ହେବ। ବେଆଇନ ନିର୍ମାଣକୁ ହଟାଇବା ପାଇଁ ଅଭିଯୁକ୍ତଙ୍କୁ ସୁଯୋଗ ମିଳିବା ଉଚିତ୍ ବୋଲି କୋର୍ଟ କହିଛନ୍ତି।

## ବାଲେଶ୍ୱର ବିଜେଡିରେ...

ଏଥିଯୋଗୁ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିବା ମହିଳା କାଉନସିଲର ଜଣକ ସାମ୍ବାଦିକ ସମ୍ମିଳନୀରେ କାନ୍ଦି କାନ୍ଦି ନିଜ କ୍ଷୋଭ ପ୍ରକାଶ କରିଛନ୍ତି। ନିଜ ଦଳ ଭିତରେ ଏପରି ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ଆଣିଥିବା ମହିଳା ନେତ୍ରୀ ଜଣକ ହେଉଛନ୍ତି ବାଲେଶ୍ୱର ପୌରପାଳିକାର ୨୩ ନମ୍ବର ୱାର୍ଡ ବିଜେଡି କାଉନସିଲର ଶଶିରେଖା ମହାନ୍ତି । ସେ ୨୨ ନମ୍ବର ୱାର୍ଡର ବିଜେଡି କାଉନସିଲର ଦେବାଶିଷ ସିଂହଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଶଶିରେଖାଙ୍କ ଅଭିଯୋଗ ଅନୁସାରେ, ୨୨ ନମ୍ବର ୱାର୍ଡର ବିଜେଡି କାଉନସିଲର ଦେବାଶିଷ ସିଂହ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏନେଇ ଗତ ୧ ତାରିଖରେ ସେ ସହଦେବଖୁଣ୍ଟା ଥାନାର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଏଯାଏ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି। ଏନେଇ ଏକ ସାମ୍ବାଦିକ ସମ୍ମିଳନୀ କରି ଶଶିରେଖା କହିଛନ୍ତି, ମୋ' କାଉନସିଲରେ ଷ୍ଟ୍ରିଟ୍ ଲାଇଟ୍ ଲାଗୁଥିବା ବେଳେ ସେଠାରେ ଦେବାଶିଷ ସିଂହ ପହଞ୍ଚିଥିଲେ। ତାଙ୍କୁ ନ ପଚାରି କାହା ନିର୍ଦ୍ଦେଶରେ ଓ କାହିଁକି ଲାଇଟ୍ ଲଗାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏହାପରେ ସେ ମୋତେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମୋ' ଜାତି ତଥା ମୋ' ଭିନ୍ନକ୍ଷମ ଛୁଆକୁ ଆକ୍ଷେପ କରିବାକୁ ପଛାଇ ନଥିଲେ। ଏନେଇ ଥାନାରେ ଅଭିଯୋଗ କରିଛି। ମାତ୍ର ୧୦ ଦିନ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ମାତ୍ର ଶଶିରେଖାଙ୍କ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଦେବାଶିଷ। ସେ କହିଛନ୍ତି, ମୁଁ କୌଣସି ମହିଳାଙ୍କ ପ୍ରତି ଏପରି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରି ନାହିଁ। ପୂର୍ବତନ ବିଧାୟକଙ୍କ ଇଙ୍ଗିତରେ ଏପରି ହୋଇଛି। ସେମାନେ ଜାଣିଶୁଣି ମୋ' ନାଁରେ ମିଥ୍ୟା କେସ୍ ? ଦେଇଛନ୍ତି। ଶୁଣିବାକୁ ମିଳୁଛି, ବାଲେଶ୍ୱର ପୌର ପରିଷଦରେ ବିଜେଡି କାଉନସିଲର ଏବେ ଦୁଇ ଭାଗ ହୋଇଯାଇଛନ୍ତି। ଗୋଟିଏ ଗୋଷ୍ଠୀ ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କୁ ସମର୍ଥନ କରୁଥିବାବେଳେ ଆଉ ଗୋଟିଏ ଗୋଷ୍ଠୀ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କୁ ସମର୍ଥନ କରୁଛି। ଶଶିରେଖା ସ୍ୱରୂପ ଦାସଙ୍କ ଗୋଷ୍ଠୀର ହୋଇଥିବାବେଳେ ଦେବାଶିଷ ସିଂହ ରବୀନ୍ଦ୍ର ଜେନାଙ୍କୁ ସମର୍ଥନ କରୁଛନ୍ତି। ଏଭଳି ସ୍ଥିତିରେ ନିଜ ଦଳର ଜଣେ ମହିଳା କାଉନସିଲରଙ୍କୁ ବିଜେଡି କାଉନରସିଲରଙ୍କ ଦୁର୍ବ୍ୟବହାରକୁ ନେଇ ସବୁଠି ଚର୍ଚ୍ଚା ଲାଗି ରହିଥିବାବେଳେ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଦେବାଶିଷ। ସ୍ୱରୂପ ଦାସଙ୍କୁ ସମର୍ଥନ କରୁନଥିବାରୁ ମୋ ବିରୋଧରେ ଏଭଳି ଅଭିଯୋଗ ହୋଇଛି ବୋଲି ଦେବାଶିଷ କହିଛନ୍ତି। ଏନେଇ ପୁଲିସ୍ ? ନୀରବଦ୍ରଷ୍ଟା ସାଜିଥିବା ବେଳେ ୧୦ ଦିନ ବିତିଲାଣି କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କ୍ୟାବିନେଟ୍ ନିଷ୍ପତ୍ତି: ସରକାରୀ ...

କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ରାଜ୍ୟ ଲୋକସେବା ଭବନରେ ଆୟୋଜିତ କ୍ୟାବିନେଟ୍ ବୈଠକରେ ମୋଟ ୮ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏଥିରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ୫ଟି, ସାଧାରଣ ପ୍ରଶାସନ ବିଭାଗର ଗୋଟିଏ ଓ ଜଳସମ୍ପଦ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ରହିଥିବାବେଳେ ବିଧାନସଭା ଅଧିବେଶନ ଆହୂତ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି । ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ରାଜ୍ୟ ସରକାରୀ ଚାକିରି ଚୟନ ପରୀକ୍ଷାରେ ପାରଦର୍ଶିତା ଆଣିବା ପାଇଁ 'ଓଡ଼ିଶା ସାର୍ବଜନୀନ ପରୀକ୍ଷା(ଅନୁଚିତ୍ ସାଧନ ନିବାରଣ) ଆଇନ-୨୦୨୪'କୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି), ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ, ଓଡ଼ିଶା ସବଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ ଆୟୋଗ, ସର୍ଭିସ ସିଲେକ୍ସନ ବୋର୍ଡ, ଓଡ଼ିଶା ପୁଲିସ ସିଲେକ୍ସନ ବୋର୍ଡ, ଓଡ଼ିଶା ଶିକ୍ଷା(ରାଜ୍ୟ ପାଇଁ ସିଲେକ୍ସନ ବୋର୍ଡ) ରୁଲସ-୧୯୯୨, ଓଡ଼ିଶା ଜେଇଇ ସମେତ ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ କିମ୍ବା ଗଠିତ ଚୟନ କମିଟି/ଏଜେନ୍ସୀ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତି ଏଜେନ୍ସୀ ଦ୍ୱାରା ପରିଚାଳିତ ସମସ୍ତ ସରକାରୀ ପରୀକ୍ଷା ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପାରଦର୍ଶୀ କରିବାକୁ ଏହି ନୂଆ ଆଇନ ଅଣାଯାଇଛି । ଏହି ବିଲକୁ ଆସନ୍ତା ଶୀତ ଅଧିବେଶନରେ ବିଧାନସଭାରେ ପାରିତ କରିବାରକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏହି 'ଓଡ଼ିଶା ପବ୍ଲିକ ଏକ୍ସଜାମିନେସନ(ପ୍ରିଭେନ୍ସନ୍ ଅଫ ଅନଫେୟାର ମିନସ) ଆକ୍ଟ-୨୦୨୪' କାର୍ଯ୍ୟକ୍ଷମ ହେଲେ, ସରକାରୀ ଚାକିରି ପାଇଁ ଚୟନ ପରୀକ୍ଷାରେ ବିଭିନ୍ନ ପ୍ରକାରର ଅନ୍ୟାୟ ଯଥା ମିଥ୍ୟା ପରିଚୟ ପ୍ରଦାନ, ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା ସଂକ୍ରାନ୍ତ ସୂଚନା ଲିକ୍, ପରୀକ୍ଷା ହଲ୍ ଭିତରକୁ ଅନଧିକୃତ ଲୋକଙ୍କ ପ୍ରବେଶ ନିଷେଧ ତଥ୍ୟା ବ୍ୟାଘାତ ସୃଷ୍ଟି ଆଦିକୁ ରୋକିବା ସହ ପରୀକ୍ଷାର ଅଖଣ୍ଡତା ବଜାୟ ରଖିବା ପାଇଁ ଏହି ବିଲ୍ ଅଣାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ଏହି ଆଇନରେ ସମସ୍ତ ଅପରାଧ, ଜାମିନବିହୀନ ଓ ରଫାଅଯୋଗ୍ୟ ହେବ । କୌଣସି ବ୍ୟକ୍ତି ପରୀକ୍ଷାରେ ଅନୁଚିତ୍ ଉପାୟ ଓ ଅପରାଧ କଲେ ତାଙ୍କୁ ୩ରୁ ୫ବର୍ଷ ଜେଲ୍ ଦଣ୍ଡ ଓ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କରାଯିବ ।

## ବେଦାନ୍ତ ନେଇଥିବା ...

ଏହାପରେ ଜମି ଫେରା ଯିବ। ତେବେ କ୍ଷତି ପୂରଣ ପାଇଥିବା ଅଧିବାସୀଙ୍କୁ କ୍ଷତିପୂରଣ ରାଶି ଫେରାଇବାକୁ ପଡ଼ିବ। ଏହାପରେ ସେମାନଙ୍କ ଜମି ଫେରାଯିବ। ସେହିପରି ଲିଜ୍ ଜମିକୁ ରାଜ୍ୟ ସରକାର ନିଜ ପାଖକୁ ଆଣିବେ। ଏହି ଖବର ପାଇବା ପରେ ଜମି ହରାଇଥିବା କ୍ଷତିଗ୍ରସ୍ତ ଯଦିଓ ଖୁସି ପ୍ରକାଶ କରିଛନ୍ତି, ତେବେ କ୍ଷତି ପୂରଣ ବାବଦକୁ ମିଳିଥିବା ଅର୍ଥକୁ କିପରି ଏତେବର୍ଷ ପରେ ଫେରାଇବେ ତାକୁ ନେଇ ଚିନ୍ତା ପ୍ରକଟ କଲେଣି। ସେହିପରି ବେଦାନ୍ତ ବିସ୍ଥାପିତ ସଂଘର୍ଷ ସମିତି କହିଛି, କ୍ଷତିପୂରଣ ରାଶି ଛାଡ୍ କରାଯାଇ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କ ଜମି ଫେରାଯାଉ। ତାସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଏହି ଡିଲ୍ରେ ସଂପୃକ୍ତ ଅନ୍ୟ ଅଧିକାରୀଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଉ।

## ତେଜିଲା ସିନେ...

ସେ ଆହୁରି କହିଛନ୍ତି ଫିଲ୍ମ ମାନେ ବିଜନେସ। ବିଜନେସ ରୁଲ ଭାବେ ଏହା ଗ୍ରୋ କରିବା କଥା । କିନ୍ତୁ ଅବଶୋଷ ଏହା ତଳକୁ ଯାଉଛି ପଛେ ଉପରକୁ ଉଠୁନି । ମୁଁ ୧୦ ବର୍ଷ ତଳେ ଫିଲ୍ମ ପାଇଁ ଯେତିକି ଟଙ୍କା ପାଉଥିଲି ୧୦ ବର୍ଷ ପରେ ତା ଠାରୁ କମ୍ ପାଉଣା ପାଉଛନ୍ତି । ଯଦି ପ୍ରଡ୍ୟୁସର ଓ ଡାଇରେକ୍ଟର ଚାହୁଁଛନ୍ତି ଓଡ଼ିଆ ଫିଲ୍ମକୁ ଲୋକେ ଫିଲ୍ମ ହଲ୍ ?ରେ ଦେଖନ୍ତୁ ତାହେଲେ ସେମାନଙ୍କୁ ଟେକ୍ନିକାଲ ସାଉଣ୍ଡ ହେବାକୁ ପଡିବ । ନିଜ ଦୋଷ ଦୁର୍ବଳତା ନଦେଖି ମୋତେ ଦୋଷାରପ କରିବା କ୍ଷୋଭର ବିଷୟ ବୋଲି କହିଛନ୍ତି ମନୋଜ । ସିନେମାରେ ବ୍ୟବସାୟ ନାହିଁ ବୋଲି ଅଭିନେତା ଅନ୍ୟଠୁ ପଇସା ମାଗନ୍ତି । ମୋତେ କେତେ କିଏ ପଇସା ମାଗନ୍ତି ମୁଁ ଜାଣିଚି । ଓଡ଼ିଶାର ସବୁ ସିନେମାକୁ ୨୫ ଲକ୍ଷ ଟଙ୍କାର ସବ୍‌ସିଡି ମିଳିବା ଦରକାର । ପ୍ରାଇମ ଟାଇମରେ ୪ ସପ୍ତାହ ମିଳିବା ଦରକାର । ସରକାର ସିନେମା ନିର୍ମାଣରେ ହସ୍ତକ୍ଷେପ କରନ୍ତୁ । ୨୫ ଲକ୍ଷ ସବ୍‌ସିଡି ଦିଅନ୍ତୁ । ଆଜିଠୁ ସବୁ ସିନେମାକୁ ପ୍ରଥମ ଦି ପ୍ରଥମ ସୋ ଦେଖିବି ଆଉ କହିବି ।

## ଲାଞ୍ଚ ନେଉଥିଲେ...

ବିଇଓ କାର୍ଯ୍ୟାଳୟରେ ପ୍ରଦୀପ୍ତଙ୍କୁ ଲାଞ୍ଚ ଟଙ୍କା ଦେଉଥିଲେ। ଉକ୍ତ ସମୟରେ ସେଠାରେ ଛପି ରହିଥିବା ଖୋର୍ଦ୍ଧା ଏବଂ ଭୁବନେଶ୍ୱରର ଭିଜିଲାନ୍ସ ଟିମ୍ ସେଠାରେ ତାଙ୍କୁ ମାଡି ବସିଥିଲେ। ସେମାନେ ପ୍ରଦୀପ୍ତଙ୍କ ନିକଟରୁ ରାସାୟନିକ ପ୍ରଲେପ ବୋଳା ଟଙ୍କା ଜବତ କରିଛନ୍ତି। ଏଥିସହ ତାଙ୍କୁ ଗିରଫ କରି ଖୋର୍ଦ୍ଧା ଭିଜିଲାନ୍ସ କାର୍ଯ୍ୟାଳୟକୁ ଅଣାଯାଇଛି। ଏହାପରେ ତାଙ୍କ ସରକାରୀ ବାସଗୃହ ସମେତ ଅନ୍ୟାନ୍ୟ ସ୍ଥାନରେ ଚଢଉ କରାଯାଉଥିବା ଭିଜିଲାନ୍ସ ଡିଏସପି ବ୍ରଜବନ୍ଧୁ ସାହୁ ସୂଚନା ଦେଇଛନ୍ତି ।

## ବିଜେଡି କର୍ମୀଙ୍କ ହଙ୍ଗାମା...

ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଳାଶନ ରଥଙ୍କ ଅଫିସ୍‌କୁ ଯାଇଥିଲେ। ଜୟଙ୍କ ଉପରେ ଶ୍ରୀ ରଥଙ୍କ ସହିତ କୌଣସି ବିଷୟକୁ ନେଇ ଆଲୋଚନା ହୋଇଥିଲା। ଠିକ୍ ସେତିକି ବେଳେ ଜଣେ ବିଜେଡି କର୍ମୀ ହଠାତ୍ ରାଗି ଯାଇଥିଲେ। ଆଉ ଶ୍ରୀ ରଥଙ୍କ ଟେବୁଲ୍ ଉପରେ ଥିବା କାଗଜପତ୍ରକୁ ଫିଙ୍ଗାଫିଙ୍ଗି କରିଥିଲେ। ତା'ପରେ ଅନ୍ୟ କର୍ମୀମାନେ ମଧ୍ୟ ଅଫିସ୍‌ରେ ଥିବା ଫାଇଲ୍ ଓ ଚେୟାର ଫିଙ୍ଗି କରିଥିଲେ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକଙ୍କ ନୀଳଗିରି ଗସ୍ତ

ନୀଳଗୀରୀ, ୧୩/୧୧ (ନି.ପ୍ର): ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ବୁଧବାର ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗର କାର୍ଯ୍ୟାଳୟକୁ ଅଚାନକ ପରିଦର୍ଶନରେ ଆସିଥିଲେ।ଏହି ଗସ୍ତରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଉପସ୍ଥିତ ରହିଥିଲେ।ନୀଳଗିରି ଉପଖଣ୍ଡ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ଉଭୟ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ପରେ ନୀଳଗିରି କାର୍ଯ୍ୟାଳୟ ଓ ପାଠାଗାରର ବିଭିନ୍ନ ସମସ୍ୟା ବାବଦରେ ଶ୍ରୀ ନାୟକଙ୍କୁ ଅବଗତ କରିବା ସହ ସାମ୍ବାଦିକ ଓ ଉପଜିଲ୍ଲାପାଳଙ୍କ ମଧ୍ୟରେ ହୋଇଥିବା ଘଟଣା ସମ୍ପର୍କରେ ଅବଗତ କରିଥିଲେ।ପରେ ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ନାୟକ ନୀଳଗିରିର ସାମ୍ବାଦିକ ମାନଙ୍କୁ ସୌଜନ୍ୟ ମୂଳକ ସାକ୍ଷତ କରି ସୁବିଧା ଓ ଅସୁବିଧା ସମ୍ପର୍କରେ ବାର୍ତ୍ତାଳାପ କରିଥିଲେ। ଏହାପରେ ନୀଳଗିରି ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହ ରଘୁନାଥଜୀଉ ମନ୍ଦିରରେ ପ୍ରସାଦ ସେବନ କରିଥିଲେ।ଏହି ଗସ୍ତ ସମୟରେ ନୀଳଗିରିର ସାମ୍ବାଦିକ ଲୋକନାଥ ଦଲେଇ, ପ୍ରଫୁଲ୍ଲ ମହାନ୍ତି, ବିଭୂତିଭୂଷଣ ବେହେରା, ରାମଚନ୍ଦ୍ର ମହଲ,ଖଗେନ୍ଦ୍ର ପ୍ରାମାଣିକ, ଶରତ ଦାସ, ପାର୍ଥ ସାରଥିଦାସ ବାବୁ, ସୁକାନ୍ତ ଦାସ, ଶରତ ଜେନା, ଧୀରେନ୍ଦ୍ର ନାୟକ, ଜଗନ୍ନାଥ ଦାସ, ଗଣେଶ ଜେନା, ସମରେନ୍ଦ୍ର ବାରିକ୍, ବିଶ୍ୱମ୍ଭର ଦାସ, ଦିଲୀପ ସ୍ୱାଇଁ ,ସତ୍ୟାନନ୍ଦ ପାତ୍ର, ବିଜୟ କୁମାର ଲେଙ୍କା, ପୁରୁଷତ୍ତମ ଦାସ, ରତିକାନ୍ତ ପରିଡ଼ା, ବିସ୍ମୟ ମଲିକ, ଚକ୍ରଧର ସିଂ, ପରେଶ ସେଠୀ, କପିଳ ସାମଲ, ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।



# ସ୍ୱର୍ଗତ ଗିରିଜା ମହାନ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଓ ଶୋକସଭା




ବସ୍ତା, ୧୩/୧୧ (ନି.ପ୍ର): ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ର ସମିତି ସଦସ୍ୟ ତଥା ସମାଜ ସେବୀ ଗିରିଜା ଶଙ୍କର ମହାନ୍ତିଙ୍କ ଗତ ୯ ତାରିଖ ସଂଧ୍ୟା ଆଠ ଘଟିକାରେ ହୃଦ ଘାତରେ ମୃତ୍ୟୁ ହୋଇଥିଲା । ମୃତ୍ୟୁ ବେଳକୁ ୬୫ ବର୍ଷ ହୋଇଥିଲା। ତାଙ୍କ ପାର୍ଥିବ ଶରୀର କୁ ପଞ୍ଚାୟତ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ପୁଅ ସୁଜିତ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ହେମେନ୍ଦ୍ର ବାରିକ , ସୁଧୀର ସେନାପତି, ଭବେନ୍ଦ୍ର ନାଥ ସାହୁ, ବୃନ୍ଦାବନ ପଣ୍ଡା ଙ୍କ ଆହ୍ୱାନ କ୍ରମେ ଆଜି ପାଉଁଶକୁଲି ହାଟ ପଡ଼ିଆ ଠାରେ ସ୍ମୃତିଚାରଣ ସଭା ଓ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ କୁ ଅବସର ପ୍ରାପ୍ତ ଶିକ୍ଷକ ନାରାୟଣ ଉପାଧ୍ୟାୟ ସଭାପତିତ୍ୱ କରିଥିବା ବେଳେ, ବସ୍ତା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ବିଜେଡି ବ୍ଲକ ସଭାପତି ଅନିଲ କୁମାର୍ ମହାନ୍ତି, ଉପସଭାପତି ଅନାଦି ଦାସ , ଅବସର ପ୍ରାପ୍ତ ଶିକ୍ଷକ ପଞ୍ଚାନନ ଦାସ , ବିଜୟ କୁମାର ନନ୍ଦ, ରମେଶ ଚନ୍ଦ୍ର ନାୟକ, ଅଜୟ କୁମାର ସାହୁ, ରବୀନ୍ଦ୍ର ନାଥ ମହାନ୍ତି, ଶିଶିର ସେନାପତି, ଭୂପେନ ସାହୁ, ରାମ ଚନ୍ଦ୍ର ବେଶ୍ରା, ନବକୃଷ୍ଣ ଦାସ , ଧ୍ରୁବ ଚରଣ ନାୟକ, ନରହରି ସାହୁ, ସୃଷ୍ଟିଧର ପାତ୍ର ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମହାନ୍ତି ଜଣେ ନିର୍ଭୀକ, ସ୍ପଷ୍ଟ ବାଦୀ ଓ ସାଲିସ ବିହୀନ ବ୍ୟକ୍ତିତ୍ୱ ଥିଲେ । ପଞ୍ଚାୟତ ଓ ନିଜ ଅଞ୍ଚଳର ବିକାଶ ତାଙ୍କର ମୁଖ୍ୟ ମୁଦା ରହୁଥିଲା। ସେ ଛାତ୍ର ଜୀବନୀ ରୁ ନେତୃତ୍ୱ ନେବା ଓ ସମାଜ ସେବା କାର୍ଯ୍ୟ କୁ ଅଧିକ ପସନ୍ଦ କରୁଥିଲେ ବୋଲି ମତ ବ୍ୟକ୍ତ କରିଥିଲେ । ଅନୁରୂପ ଭାବେ ସନ୍ତୋଷପୁର ପଞ୍ଚାୟତ ଧିତପୁରା ଠାରେ ମଧ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି।

# ନବାଗତ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଉଦଳା, ୧୩/୧୧ (ନି.ପ୍ର): ନବନିଯୁକ୍ତ ଶିକ୍ଷକ/ ଶିକ୍ଷୟିତ୍ରି ମାନଙ୍କୁ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ଚଳିତ ନଭେମ୍ବର ୧୧ ତାରିଖ ସୋମବାର ଦିନ ମେଣ୍ଢାଖାଇସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା । ସଂଘର ସଭାପତି ବିରେନ୍ଦ୍ର ମଢ଼େଇ ଉକ୍ତ ଉତ୍ସବରେ ଅଧକ୍ଷତା କରି ଗଠନ ମୂଳକ କାମରେ ଶିକ୍ଷକ ସଂଘ କିପରି ସବୁ ସମୟରେ ସହଯୋଗର ହାତ ବଢ଼ାଇ ଆସିଛି ବ୍ୟକ୍ତ କରିଥିଲେ । ସଂପାଦକ ଲାଲ ମୋହନ ମାର୍ଣ୍ଡି ସଂଘର ଆବଶ୍ୟକତା ଏବଂ ଶୃଙ୍ଖଳା ବିଷୟରେ ସମସ୍ତଙ୍କୁ ଅବଗତ କରରାଇଥିଲେ । ଏହାପରେ ସହକାରି ଗୋଷ୍ଠୀ ଶିକ୍ଷା ଅଧିକାରି ମିନତି ମଂଜରି ପଣ୍ଡା ଏବଂ ସନ୍ଧ୍ୟାରାଣି ବେହେରା ଉତ୍ସବରେ ଅତିଥି ଭାବରେ ଯୋଗ ଦେଇ ଶିକ୍ଷକ ସଂଘର ହାତମୁଠାକୁ ଟାଣ କରିବା ପାଇଁ ଯେଉଁମାନେ ନେତୃତ୍ୱ ନେଇଛନ୍ତି ସେମାନଙ୍କର ଉଦ୍ୟମକୁ ଭୂୟସି ପ୍ରଶଂସା କରିଥିଲେ । ଏହାପରେ ନବାଗତ ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକାରି ସଭାପତି ଅଜୟ କୁମାର ପଣ୍ଡା ବିଗତ ଦିନରେ ସଂଘର କାର୍ଯ୍ୟକଳାପ କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ସାଂଗଠନିକ ସଂପାଦିକା ଆଦ୍ୟାଶା ଦାସ ଆଗାମି ଦିନରେ ସଂଘ ତରଫରୁ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସୁମତି ଜେନା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଭାତ କୁମାର ଶଙ୍ଖୁଆ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଅସିମା ଅରୁନ୍ଧତି, ଲିପିକା ପଟ୍ଟନାୟକ, ବୈଶାଖୀ ସାହୁ, ପ୍ରଜ୍ଞାପାରମିତା ଦାସବାବୁ ପ୍ରମୁଖ ସହଯୋଗ କରିଥିଲେ ।

# ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ହୋ ଶିକ୍ଷକ ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କପ୍ତିପଦା, ୧୩/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ଥିବା ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟ ଗୁଡିକରେ ୬୦୨୫ପଦବୀ ଏଲଟିଆର୍ ଶିକ୍ଷକ ନିଯୁକ୍ତି ଦିଆଯିବା ପାଇଁ ଗତ ଅକ୍ଟୋବର ମାସ ୨୨ତାରିଖରେ ବିଜ୍ଞପ୍ତିପ୍ରକାଶ ପାଇଥିଲା । ଏଥିରେ ହୋ-ଭାଷା ଶିକ୍ଷକ ନିଯୁକ୍ତି ପାଇଁ ଉଲ୍ଲେଖ ନଥିବା ପ୍ରତିବାଦରେ ଏକ ସ୍ମାରକପତ୍ର ହୋ ସମାଜ ପକ୍ଷରୁ ବରିଷ୍ଠ ଶିକ୍ଷାବିତ୍ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଓ ହୋ ସମାଜସେବୀ ଗାମାୟ ରିମିଲ ସିଂ ଗୋଇପାଇଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରମୁଖଙ୍କ ଉଦ୍ଦେଶ୍ୟରେ କପ୍ତିପଦା ଉପ-ଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍ଙ୍କୁ ପ୍ରଦାନ କରାଯାଇଛି । ବିଜ୍ଞପ୍ତି ଅନୁସାରେ ନିଯୁକ୍ତି ଦିଆଯିବାକୁ ଥିବା ୬୦୨୫ଜଣ ଶିକ୍ଷକଙ୍କ ମଧ୍ୟରୁ ୧୯୮୪ ଟିଜିଟି କଳା, ୧୦୨୦ ଜଣ ଟିଜିଟି ବିଜ୍ଞାନ(ପିସିଏମ୍), ୮୮୦ ଜଣ ଟିଜିଟି ବିଜ୍ଞାନ(ସିବିଜଏଡ୍), ୭୧୧ଜଣ ହିନ୍ଦୀ ଶିକ୍ଷକ, ୭୨୯ଜଣ ସଂସ୍କୃତ ଶିକ୍ଷକ, ୬ଜଣ ତେଲୁଗୁ ଶିକ୍ଷକ,୧୪ଜଣ ଉର୍ଦ୍ଦୁ ଶିକ୍ଷକ ଏବଂ ୬୮୧ଜଣ ପିଇଟି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ । ତେବେ ଏଥିରେ ହୋ-ଭାଷା ଶିକ୍ଷକଙ୍କ ନିଯୁକ୍ତି ସଂପର୍କରେ ସ୍ଥାନ ପାଇନଥିବାରୁ ହୋଇ ଭାଷାଭାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ବେତନଟୀର କୁମାରୀ ଇସିକା ସାହୁ ପାଇଲେ ସ୍ୱର୍ଣ୍ଣ ପଦକ




ବେତନଟୀ, ୧୩/୧୧ (ନି.ପ୍ର): କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଜବାହର ନବୋଦୟ ବିଦ୍ୟାଳୟର ଭୋପାଳ ଜୋନସ୍ତରୀୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନସିସି)ର ଟ୍ରେନିଂ କ୍ୟାମ୍ପରେ ବେତନଟୀ ଉପକଣ୍ଠ ଶାଳବଣିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀ ଇସିକା ସାହୁ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ଦ୍ୱାରା ସ୍ୱର୍ଣପଦକ ହାସଲକରି ସ୍କୁଲ ପାଇଁ ସୁନାମ ଅର୍ଜନ କରିଥିବା ବେଳେ ସମଗ୍ର ବେତନଟୀ ପାଇଁ ଗୌରବ ସାଉଁଟିଛନ୍ତି। କେଉଁଝର ଜିଲ୍ଲାର ବୋଦାପାଳସାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଚାଲିଥିବା ୧୦ ଦିନିଆ ଏନିସିସି ଟ୍ରେନିଂକ୍ୟାମ୍ପରେ ଶାଳବଣିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ୨୧ଜଣ ୯ମ ଶ୍ରେଣୀର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଶାଳବଣି ଜବାହର ନବୋଦୟ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ବେଶ କୃତୀତ୍ୱ ହାସଲ କରିବା ସହିତ ସ୍କୁଲ ପାଇଁ ସୁନାମ ଅର୍ଜନ କରିଥିଲେ । ବେତନଟୀର କୁମାରୀ ଇସିକା ସାହୁ ଜୁନିୟର କ୍ୟାଡେଟ୍ ଉଇଙ୍ଗରେ ଆକର୍ଷଣୀୟ ମହାଭାରତ ନୃତ୍ୟ ପରିବେଷଣକରି ସମସ୍ତ ଦର୍ଶକ, ବିଚାରକମଣ୍ଡଳୀ ମାନଙ୍କୁ ମନ୍ତ୍ରମୁଗ୍ଧ କରିବା ପୂର୍ବକ ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ପୁନଶ୍ଚ ଯୁଗ୍ମନୃତ୍ୟରେ ମଧ ଆକର୍ଷଣୀୟ ପ୍ରଦର୍ଶନ ପୂର୍ବକ ଅର୍ଥରାଶି ଦ୍ୱାରା ପୁରସ୍କୃତ ହୋଇଥିଲେ ଓ ଲେଫ୍ଟନାଣ୍ଟ କର୍ଣ୍ଣେଲ ମୟୂର ଗୋଛଡାଙ୍କ ଠାରୁ ଇସିକା ନିଜର ପୁରାସ୍କାର ରାଶି ଗ୍ରହଣ କରିଥିଲେ। କୁଇଜ ପ୍ରତିଯୋଗିତାରେ ୪ଜଣିଆ ଟିମରେ ସ୍ଥାନୀତ ବିଦ୍ୟାଳୟର ତନୁଶ୍ରୀ ବେହେରା, କୌଶିକ ବେହେରା, ବିଶ୍ୱଜିତ ସେଠୀ ଏବଂ ଇସିକା ସାହୁ ପ୍ରମୁଖ ଦ୍ୱିତୀୟସ୍ଥାନ ଅଧିକାର କରି ବିଦ୍ୟାଳୟର ସୁନାମ ବଢାଇଛନ୍ତି। ଛାତ୍ରୀ ଲିଜା ବେହେରା ମଧ ଉଲ୍ଲେଖନୀୟ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଲୋଚନା ପରମାର, ଶିକ୍ଷକ ଭୂପେନ୍ଦ୍ରନାଥ ରାୟ, ଅଭ୍ରଦୀପ ସାରଙ୍କ ନେତୃତ୍ୱରେ ୨୧ଜଣ ଛାତ୍ରଛାତ୍ରୀ ଏହି ୧୦ଦିନିଆ ଜୋନସ୍ତରୀୟ ଏନସିସି କ୍ୟାମ୍ପରେ ଅଂଶଗ୍ରହଣ କରି ସଫଳତା ଏବଂ ଅଭିଜ୍ଞାତା ଅର୍ଜନ କରିବା ସହିତ ସ୍କୁଲ ସମେତ ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି କ୍ଷ କୃତୀ ଛାତ୍ରଛାତ୍ରୀଙ୍କ ସଫଳତାରେ ସ୍କୁଲର ପ୍ରିନ୍ସପାଲ ଜୟରାମ ନାୟକ ଏବଂ ଭାଇସ-ପ୍ରନ୍ସପାଲ ମୋହନଦାସ ଗିରି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି । ବେତନଟୀର ସମାଜସେବୀ ସତୀଶ କୁମାର ସାହୁ ଏବଂ ଧରିତ୍ରୀ ସାହୁଙ୍କ କନିଷ୍ଠାକନ୍ୟା ଇସିକା ସାହୁଙ୍କ କୃତୀତ୍ୱ ପାଇଁ ବେତନଟୀ ବ୍ଲକ ସାମ୍ବାଦିକସଂଘ, ସାମାଜିକ ଅନୁଷ୍ଠାନ ଆମ୍ଭେ -୮୩, ଅଗ୍ରଣୀ ପଦ୍ମମାଳୀ ମହିଳା ସଂଗଠନ, ରୋଟାରୀକ୍ଲବ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଯାଇଛି ।

# ନୂତନ ରାଧାଗୋବିନ୍ଦ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଜଳେଶ୍ୱର , ୧୩/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ମାକିଡ଼ିଆ ପଂଚାୟତ କୁଅଁରପୁର ଗାଁରେ ନୂତନ ରାଧାଗୋବିନ୍ଦ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଇଯାଇଛି । ୪୦୦ବର୍ଷର ପୁରୁଣା ମନ୍ଦିରର ପୁନଃରୁଦ୍ଧାର ସହିତ ପ୍ରତିଷ୍ଠା ଉତ୍ସବରେ ଉତ୍ସବମୁଖର ହୋଇଉଠିଛି କୁଅଁରପୁର ଗାଁ ।ଆଜି ସକାଳ ୮ଘଟିକାରେ ୧୦୮କଳସ ସହିତ ବିଭିନ୍ନ ବାଦ୍ୟ ଯନ୍ତ୍ରକୁ ନେଇ ଏକ ବର୍ଣାଢ୍ୟ ଶୋଭାଯାତ୍ରା ମନ୍ଦିର ପ୍ରାଙ୍ଗଳରୁ ବାହାରି କୁଅଁରପୁର ଗାଁ ପରିକ୍ରମା କରି ସୁବର୍ଣ୍ଣରେଖା ନଦୀରୁ ପାଣି ବୁଡେଇ ପୁଣି ମନ୍ଦିର ନିକଟରେ ପହଂଚିଥିଲେ । ବିଭିନ୍ନ ବାଦ୍ୟ ଯନ୍ତ୍ର ସହିତ ହରେକିଷ୍ଟ ହରେ ରାମ ରେ କମ୍ପୁଥିଲା ଗାଁ । ସୁବର୍ଣ୍ଣରେଖା ନଦୀ ଗର୍ଭରୁ ଗୋବିନ୍ଦଙ୍କୁ ପାଇଥିଲେ ଗ୍ରାମବାସୀ ଓ ଦୀର୍ଘ ବର୍ଷ ପରେ ଗ୍ରାମବାସୀଙ୍କୁ ସ୍ୱପ୍ନାଗତ ହେବାରୁ ଆସିଥିଲେ ରାଧା । ଏବେ ପାଳବଂଶୀୟଙ୍କ ଦାନ ଜାଗା ଉପରେ ନିର୍ମିତ ହେଇଅଛି ରାଧାଗୋବିନ୍ଦ ମନ୍ଦିର । ଗଦାଧର ପତିଙ୍କ ବଂଶାନୁକ୍ରମେ ୭ପୁରୁଷ ଧରି ପୂଜା କରିଆସୁଛନ୍ତି । ରାଧାଗୋବିନ୍ଦଙ୍କ ପାଖରେ ଯେଉଁ ଭକ୍ତ ଭକ୍ତିଭାବରେ କାର୍ଯ୍ୟ ଆବେଦନ କରେ ତାହାର କାର୍ଯ୍ୟ ସିଦ୍ଧି ହୁଏ ବୋଲି ପୂଜକ ପୁଲିନ କାନ୍ତ ପତି କହିଛନ୍ତି । ସକାଳ ୧୧ଘଟିକାରେ ୭ଜଣ ପୁରୋହିତଙ୍କୁ ନେଇ ଆରମ୍ଭ ହେଇଥିଲା ଗୀତା ଯଜ୍ଞ । ପୁଲିନ କାନ୍ତ ପତି, ନନି ଗୋପାଳ ମିଶ୍ର, ସଞ୍ଜୟ କୁମାର ଦାଶ, ସପନ କୁମାର ତ୍ରିପାଠୀ, ମନୋରଞ୍ଜନ ଦାସ, ସୁନୀଲ କାନ୍ତ ପତି, ଅଶ୍ୱନୀ କୁମାର ଦାସ ଓ ହିମାଂଶୁ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟ କରିଥିଲେ । ସମୀର କୁମାର ଘଡେଇ, ନବ କୁମାର ପାଳ, ଅନନ୍ତ କୁମାର ପାଳ ଓ ଅନନ୍ତ କୁମାର ପାଳଙ୍କ ସହିତ ତାଙ୍କର ସହପତ୍ନୀ ମାନେ ଯଜ୍ଞରେ ସଂକଳ୍ପ ଧାରଣ କରିଥିଲେ । ଦୁଇଦିନ ଧରି ଏହି ଗୀତା ଯଜ୍ଞ ଚାଲିବା ସହିତ ରାସ ପୁର୍ଣମା ଅନୁଷ୍ଠିତ ହେବ । ସ୍ମୃତିଚାରଣ ପାଇଁ ସୁଦୂର ନୀଳଗିରିରୁ ଆସିଥିଲେ ଡ଼ ପ୍ରଦୀପ୍ତ ମିଶ୍ର । ଆଜି ସନ୍ଧ୍ୟାରେ ନଦିଆନଗରଦୀପରୁ କୀର୍ତ୍ତନ ଗାୟିକା ସୁଭଦ୍ରା ଦାସ ମଣ୍ଡଳ ଯୋଗଦେଇ ଭକ୍ତଙ୍କୁ କୀର୍ତ୍ତନ ମାଧ୍ୟମରେ ମନମୁଗ୍ଧ କରିବେ । ଦିବାରାତ୍ର ପ୍ରସାଦ ସେବନ ସହିତ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଏବଂ ପୁରୀରୁ ଆସୁଥିବା ପ୍ରବଚକଙ୍କ ଦ୍ୱାରା ପ୍ରବଚନ ହେବ ।

# ରାହାସ ପୂର୍ଣ୍ଣିମା ଉତ୍ସବରେ ଯୋଗ ଦେଇ ସମସ୍ତଙ୍କ ମଙ୍ଗଳକାମନା କଲେ ବସ୍ତା ବିଧାୟିକା



ଲଙ୍ଗଳେଶ୍ୱର, ୧୩/୧୧ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ଅଧିନସ୍ଥ ମଧୁପୁରା ଗ୍ରାମର ବାସୁଳୀ ଠାକୁରାଣୀଙ୍କ ପୂଜା ମଣ୍ଡପ ଠାରେ ସାର୍ବଜନୀନ ରାହାସ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ମାନ୍ୟବର ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରି ଅଞ୍ଚଳବାସୀଙ୍କ ସୁଖ ସମୃଦ୍ଧି କାମନା କରିବା ସହ ସମସ୍ତଙ୍କ ମଙ୍ଗଳକାମନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା,ନିଶାକର ସେଠୀ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବର୍ତ୍ତମାନର ସଦସ୍ୟ ସୁଶାନ୍ତ ସେଠୀ,ଅସ୍ତି ସରପଞ୍ଚଙ୍କ ପ୍ରତିନିଧି ହରେକ?ଷ୍ଣ ଜେନା, ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟ ମନ୍ମଥ ବାରିକ, କାର୍ତ୍ତିକ ଦେ,ବାବାଜୀ ନାୟକ, ସତ୍ୟ ରଂଜନ ପାତ୍ର, ଗଙ୍ଗାଧର ଜେନା ପ୍ରମୁଖ ଗ୍ରାମବାସୀ ଏବଂ ସାର୍ବଜନୀନ ରାହାସ ପୂର୍ଣ୍ଣିମା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଶ୍ରୀ ରାଧା କୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ

ବାଲେଶ୍ୱର, ୧୩/୧୧ (ନି.ପ୍ର): ବାଲେଶ୍ୱର ସହର ମୋତିଗଞ୍ଜ ବଜାର ସ୍ଥିତ ଶ୍ରୀ ରାଧା କୃଷ୍ଣ ହିନ୍ଦି ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ବିଜ୍ଞାନ ମେଳା କୁ ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ଶ୍ରୀମତୀ ଆହୁତୀ ପଣ୍ଡା ଉଦଘାଟନ କରିଥିଲେ । ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମଧୁସ୍ମିତା ନାୟକ ଓ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷୟତ୍ରୀ ଶ୍ରୀମତୀ ଅନୀତା ଦାସ ଏହି ବିଜ୍ଞାନ ମେଳା କୁ ସୁପରିଚାଳନା କରିଥିଲେ । ସମୁଦାୟ ଚଉତିରିଶ ଟି ପ୍ରକଳ୍ପ ପିଲାମାନେ ଆଣିଥିଲେ । ବିଜ୍ଞାନ ଶିକ୍ଷୟତ୍ରୀ ବନଜା ବାସିନୀ ନାୟକ ଶେଷରେ ଧନ୍ୟବାଦ ଦେଇଥିଲେ । ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ଏହି ବିଜ୍ଞାନ ମେଳା ରେ ସାହାଯ୍ୟ ସହଯୋଗ କରିଥିଲେ ।

## ବେଆଇନ କାଠ ବ୍ୟବସାୟ ଉପରେ ଚଢାଉ

ଭୁବନେଶ୍ୱର, ୧୩/୧୧ (ନି.ପ୍ର): ଭିଜିଲାନ୍ସ ବିଭାଗର ବନ ଶାଖା ଦ୍ୱାରା ବେଆଇନ କାଠ ବ୍ୟବସାୟ ବିରୁଦ୍ଧରେ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଓଡିଶା ଭିଜିଲାନ୍ସ ବନ ଶାଖା କଟକ ଜିଲ୍ଲାର ଗୋବିନ୍ଦପୁର ଥାନା ଅଧୀନସ୍ଥ ଏକ ଗାଁରେ ଚଢାଉ କରି ମାରି ପ୍ରାୟ ୧୨ ଲକ୍ଷ ମୂଲ୍ୟର ଉପକରଣ ଏବଂ ମୂଲ୍ୟବାନ କାଠ ଜବତ କରିଛି। ବିନା ଲାଇସେନ୍ସ ରେ ଏହା ଚାଲୁଥିବା ସୂଚନା ପାଇବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା।

# ଜିଲ୍ଲାପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗ ଜୁଡୋ ଖେଳାଳିଙ୍କୁ ସହାୟତା ପ୍ରଦାନ




ବାଲେଶ୍ୱର, ୧୩/୧୧ (ନି.ପ୍ର): ଆସନ୍ତା ୧ ଡିସେମ୍ବର ରୁ ୮ ଡିସେମ୍ବର ପର୍ଯ୍ୟନ୍ତ ମାଲେସିଆରେ ହେବାକୁ ଥିବା 'ଦଶମ ଏସିଆ ପାସୀଫିକ ଡିଫ ଗେମ୍ସ-୨୦୨୪' ରେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ବାଲେଶ୍ୱର ଜିଲ୍ଲାର ଦିବ୍ୟାଙ୍ଗ (ମୂକ ଓ ବଧିର) ଜୁଡୋ ଖେଳାଳି ବାହାନଗା ବ୍ଲକ ନୂଆପୁର ପଞ୍ଚାୟତର ପିଞ୍ଛାପଲି ଗ୍ରାମର ଶ୍ରୀମତୀ ମାଳତୀ ଦାସ ଓ ଶ୍ରୀ ସୀତାନାଥ ଦାସଙ୍କ ପୁଅ ଶ୍ରୀ ସମ୍ବିଦ ଦାସଙ୍କୁ ଆଜି ଜିଲ୍ଲା ପ୍ରଶାସନ ତରଫରୁ ବାଲେଶ୍ୱର ଜିଲ୍ଲା କ୍ରୀଡ଼ା ସଂଘର ସଭାପତି ଶ୍ରୀ ଅଦୀପ୍ତ ଦାସ, ସମ୍ପାଦକ ଶ୍ରୀ ଅଭୟ କୁମାର ମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଦ୍ୱାରା ଟଙ୍କା ୨୦ ହଜାର ର ଆର୍ଥିକ ସହାୟତା ପ୍ରଦାନ କରିବା ସହ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇ ଥିଲେ ।ସମ୍ବିଦ ଆସନ୍ତା ୧୫ ତାରିଖରୁ ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ପ୍ରଶିକ୍ଷଣ ଶିବିରରେ ରହଣି ପରେ ସେଠାରୁ ମାଲେସିଆ ଗସ୍ତ କରିବେ।

# ଦୁର୍ଦ୍ଧାନ୍ତ ଚୋର ବାଲୁକେଶ୍ୱର ଓରଫ୍ ବାଲୁଆକୁ କାବୁ କଲା ନୀଳଗିରି ପୋଲିସ

ନୀଳଗିରି , ୧୩/୧୧ (ନି.ପ୍ର): ଦୁର୍ଦ୍ଧାନ୍ତ ଚୋର ବାଲୁକେଶ୍ୱର ଓରଫ୍ ବାଲୁଆକୁ ଚୋରା ବାଇକ୍ ସହ କାବୁ କରିଛି ନୀଳଗିରି ପୋଲିସ। ୪୦ରୁ ଉର୍ଦ୍ଧ୍ୱ ଚୋରି ମାମଲାରେ ସଂପୃକ୍ତି ଥିବା ବାଲୁକେଶ୍ୱର ଗତ ୧୨ତାରିଖ ନୀଳଗିରି ବ୍ଲକ ନିକଟରେ ମା ଜଗଦ୍ଧାତ୍ରୀ ପୂଜା ଅବସରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ବାଲୁଆ ସେଠାରେ ପ୍ରସାଦ ଖାଉଥିବା ବେଳେ ବିଶେଷ ସୂତ୍ରରୁ ଖବରପାଇ ନୀଳଗିରି ପୋଲିସ ଘଟଣାସ୍ଥଳରୁ କାବୁ କରିଛି। ସୂଚନା ଥାଉକି ବାଲୁକେଶ୍ୱର କିଛିଦିନ ପୂର୍ବରୁ ଭଦ୍ରକ ଟାଉନ ଥାନା ଅଞ୍ଚଳରୁ ଏକ ସ୍କୁଟି (ଓଡିପ୨୨ଭି ୬୪୬୮)କୁ ଚୋରି କରିଥିବା ନେଇ ଅଭିଯୋଗ ହୋଇଥିଲା। ଉକ୍ତ ସ୍କୁଟି ସହ ନୀଳଗିରି ପୋଲିସ ବାଲୁଆକୁ କାବୁକରିଛି। ବାଲୁଆ ନାମରେ ବାଲେଶ୍ୱର, ଭଦ୍ରକ, କଟକ, ମୟୂରଭଞ୍ଜ, ଜଗତସିଂପୁର, ପ୍ରମୁଖ ବିଭିନ୍ନ ଜିଲ୍ଲାରେ ପାଖାପାଖି ୪୦ରୁ ଅଧିକ ବିଭିନ୍ନ ଚୋରିମାମଲା ରହିଥିବା ବେଳେ ନୀଳଗିରି ଥାନାରେ ମଧ ୩ଟି ଚୋରି ମାମଲା ରହିଛି। ସେହିପରି ଔପଦା, ଭଦ୍ରକ, ସୋର, କପ୍ତିପଦା, ଉଦଳା ସମେତ ଅନେକ ଥାନାରେ ମାମଲା ରହିଛି। ଜଗତସିଂପୁର ଜିଲ୍ଲାର ନୂଆଗାଁ ଥାନା ଅର୍ନ୍ତଗତ ବ୍ରଜରାଜପୁର ଗ୍ରାମର କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ପୁଅ ବାଲୁକେଶ୍ୱର। ଭଦ୍ରକ ପୋଲିସ ନୀଳଗିରି ଥାନାରେ ପହଞ୍ଚି ବାଲୁଆକୁ ଚୋରି ସ୍କୁଟି ସହ ଚୋର ବାଲୁଆକୁ ନେଇଯାଇଥିବା ସୂଚନା ମିଳିଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo